ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ଅକ୍ଟୋବର ୩୦/୨୦୨୧ (୮+୮=୧୬ ପୃଷ୍ଠା) | Dhenkanal, Saturday, October 30/2021 | ★★★★★
୧୭ଶ ଭାଗ ୨୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ସିନ୍ଧୁ ଫ୍ରେଞ୍ଚ୍ ଓପନ କ୍ୱାର୍ଟରରେ**
ଭାରତର ପି.ଭି. ସିନ୍ଧୁ ଫ୍ରେଞ୍ଚ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୦୮

୦୭ **ଆଲିଆଙ୍କୁ ମହେଶଙ୍କ ପ୍ରଶଂସା**
ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ପ୍ରଶଂସା କରି ବାପା ମହେଶ ଭଟ୍ଟ କହିଛନ୍ତି,୨ ବର୍ଷରେ ଆଲିଆ ଯାହା ରୋଜଗାର କରିଛନ୍ତି, ତାହା ପାଇବାକୁ ତାଙ୍କୁ ୫୦ ବର୍ଷ ଲାଗିଥିଲା।



# ଓଇଆରସି ଯୋଗୁ ବୁଡ଼ିବ ୪୨୩୪ କୋଟି

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ରାଜ୍ୟବାସୀଙ୍କୁ ଉନ୍ନତ ମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ବିଦ୍ୟୁତ୍ ବ୍ୟବସ୍ଥାକୁ ଘରୋଇକରଣ କରିଛନ୍ତି। ବିଂଶ ଶତାବ୍ଦୀର ୮୦ ଦଶକରୁ ଆରମ୍ଭ ହୋଇଥିବା ଏହି ପ୍ରୟାସ ବାରମ୍ବାର ଗୋଟିଏ ପ୍ରକାର ଫଳ ଦର୍ଶାଉଛି। କରଦାତାଙ୍କ ଅର୍ଥରେ ସୃଷ୍ଟି ହୋଇଥିବା ବିରାଟକାୟ ବିଦ୍ୟୁତ୍ ଭିତ୍ତିଭୂମିକୁ ବ୍ୟବହାର କରି ଘରୋଇ କମ୍ପାନୀମାନେ ବିଭିନ୍ନ ଉପାୟରେ ଲୁଟ୍ କରି ରାଜ୍ୟ ଛାଡ଼ି ପଳାଉଛନ୍ତି। ରାଜ୍ୟ ସରକାରଙ୍କ ଏକମାତ୍ର ବିଦ୍ୟୁତ୍ ଯୋଗାଣ ସଂସ୍ଥା ଗ୍ରୀଡ୍‌କୋଠାରୁ ଅନିଲ ଅମ୍ବାନୀ ଗ୍ରୁପ୍‌ର ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ (ଆର୍‌ଆଇଏଲ୍) ପରିଚାଳିତ ୱେସ୍‌କୋ, ନେସ୍‌କୋ, ସାଉଥ୍‌କୋ କିଣିଥିବା ୪୨୩୪ କୋଟି ଟଙ୍କାର ବିଦ୍ୟୁତ୍ ବକେୟା ବୁଡ଼ିଯାଇପାରେ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ଙ୍କ ଯୋଗୁ ଏହି ବକେୟା ଅର୍ଥ ମିଳିବା ନେଇ ଆଶଙ୍କା ଦେଖାଦେଇଛି।

**ବିଦ୍ୟୁତ୍ ବିକି ହରଡ଼ଘଣାରେ ଗ୍ରୀଡ୍‌କୋ**



ବକେୟା ଟଙ୍କା ପାଇବାକୁ ଗ୍ରୀଡ୍‌କୋ ୨୦୧୯ରେ ୩ ବଣ୍ଟନ କମ୍ପାନୀ ଏବଂ ଆର୍‌ଆଇଏଲ୍ ବିରୋଧରେ ଓଇଆର୍‌ସି ନିକଟରେ ପିଟିଶନ ଦାଖଲ କରିଥିଲା। ଏହାର ଶୁଣାଣି କରି ଆୟୋଗ ଉକ୍ତ ୩ କମ୍ପାନୀକୁ ଗ୍ରୀଡ୍‌କୋର ବକେୟା ରାଶି ୪୨୩୪ କୋଟି ଟଙ୍କା ଦେବାକୁ ଗତ ୨୭ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଗ୍ରୀଡ୍‌କୋ କିପରି ବକେୟା ରାଶି ପାଇବ ତାହା ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ସେଟଲ କରିବ ବୋଲି ରାୟ ଦେଇଛନ୍ତି। ଯେଉଁ ୩ ବଣ୍ଟନ କମ୍ପାନୀ ଉପରୁ ବକେୟା ରାଶି ଆଦାୟ କରିବାକୁ ଓଇଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି ସେଗୁଡ଼ିକ ଏବେ ଅକାମୀ ହୋଇ ରହିଛନ୍ତି। ୨୦୧୯ ଜୁଲାଇରେ ଟାଟା ପାୱାର ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ କରାୟତ୍ତ କରିବା ପରେ ନେସ୍‌କୋ, ସାଉଥ୍‌କୋ ଏବଂ ୱେସ୍‌କୋ କେବଳ କାଗଜକଲମରେ ରହିଯାଇଛନ୍ତି। ଏଭଳି କ୍ଷେତ୍ରରେ ୩ ବଣ୍ଟନ କମ୍ପାନୀ ଏବଂ ରିଲାଏନ୍ସଠାରୁ ଗ୍ରୀଡ୍‌କୋ କିପରି ନିଜର ବକେୟା ଆଦାୟ କରିବ ତାହା ଏବେ ବଡ଼ ପ୍ରଶ୍ନ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ଗ୍ରାହକମାନଙ୍କୁ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ୧୯୯୯ରେ ରାଜ୍ୟ ବିଦ୍ୟୁତ୍ ବୋର୍ଡଠାରୁ କ୍ଷମତା ଛଡ଼ାଇ ଆମେରିକା କମ୍ପାନୀ ଏଇଏସ୍ ଏବଂ ପରେ ରିଲାଏନ୍ସକୁ ☞ପୃଷ୍ଠା-୪

# ଦୋଷୀ ପ୍ରମାଣ କର: ଦିବ୍ୟଶଙ୍କର

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)**

ମମିତା ମେହେର ହତ୍ୟାକାଣ୍ଡକୁ ନେଇ ହୁଲସ୍ଥୁଲ ହେଉଛି ରାଜ୍ୟ ରାଜନୀତି। ଅକ୍ଟୋବର ୮ରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଏଥିରେ ଅଭିଯୁକ୍ତଙ୍କ ସହ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଦର୍ଶାଇ ଶାସକ ଦଳକୁ ସଣ୍ଟୁଆଶି ଆକ୍ରମଣ କରି ଚାଲିଛନ୍ତି ବିରୋଧୀ ଦଳ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଜାତୀୟସ୍ତରରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଥିବାବେଳେ ହତ୍ୟାକାଣ୍ଡର ଦୀର୍ଘ ୨୧ଦିନ ପରେ ଶୁକ୍ରବାର ମୁହଁ ଖୋଲିଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହେଲେ ରାଜନୀତି ଛାଡ଼ିଦେବେ ବୋଲି ଏକ ପ୍ରେସ୍ ବିବୃତି ଜାରି କରିଛନ୍ତି। ବିରୋଧୀ ରାଜନୈତିକ ଦଳ ଏବଂ ଗଣମାଧ୍ୟମ ସଂସ୍ଥା ପାଖରେ ଯଦି କୌଣସି ପ୍ରମାଣ ରହିଛି, ତା'ହେଲେ ପୋଲିସ କିମ୍ବା କୋର୍ଟରେ ଦାଖଲ କରନ୍ତୁ। ହେଲେ ବ୍ୟକ୍ତିଗତ ରାଜନୈତିକ ଏଜେଣ୍ଡା ରଖି ନିନ୍ଦା ଅଭିଯାନରେ ସାମିଲ ହୁଅନ୍ତୁ ନାହିଁ। ଏଥିସହ ମା' ମାଣିକେଶ୍ୱରୀଙ୍କ ନାମରେ ଶପଥ କରିବା ସହ ଏହି ଅପରାଧରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ମନ୍ତ୍ରୀ କହିଛନ୍ତି।

**ମମିତା ମେହେର ହତ୍ୟା ଘଟଣା**



ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର

ପ୍ରେସ୍ ବିବୃତିରେ ମନ୍ତ୍ରୀ ସ୍ପଷ୍ଟୀକରଣ ରଖିଛନ୍ତି ଯେ, ମମିତା ମେହେରଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ପାଇଁ ଦୁଃଖିତ ଓ ମର୍ମାହତ। ସେ ଜଣେ ବାପା। ତେଣୁ ମମିତାଙ୍କ ପରିବାର କିଭଳି ଦୁଃଖରେ ଅଛନ୍ତି ତାହା ବୁଝିପାରୁଛନ୍ତି। ମମିତାଙ୍କ ପରିବାର ପ୍ରତି ଗଭୀର ସମବେଦନା ରହିଛି। ଆଇନ ଅନୁଯାୟୀ ଦୋଷୀକୁ କଠୋର ଦଣ୍ଡ ଦିଆଯିବା ଆବଶ୍ୟକ। ରାଜନୀତିରେ ଯୋଗଦେବା ପୂର୍ବରୁ ସେ ବାୟୁସେନାରେ ଥିଲେ। ନିଜକୁ ପଛେ ବଳି ଦେଇଦେବେ, ହେଲେ ଜଣେ ସାଧାରଣ ନାଗରିକଙ୍କୁ ଆହତ ହେବାକୁ ଦେବେ ନାହିଁ ବୋଲି ସେ ବାୟୁସେନାରୁ ଶିଖିଛନ୍ତି। ରାଜନୀତିରେ ଯୋଗଦେଇ ଥିଲେ ବି ବାୟୁସେନାର ଆଦର୍ଶ ସାଙ୍ଗରେ ଧରି ଆସିଛନ୍ତି। ତାଙ୍କ ନିର୍ବାଚନମଣ୍ଡଳୀ ଜୁନାଗଡ଼ ଏବଂ କଳାହାଣ୍ଡିର ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ଦିବ୍ୟଶଙ୍କର କହିଛନ୍ତି।

ଦିବ୍ୟଶଙ୍କର ଆହୁରି ମଧ୍ୟ କହିଛନ୍ତି, ରାଜ୍ୟର କେତେକ ଗଣମାଧ୍ୟମ ତାଙ୍କୁ ବଦନାମ କରିଚାଲିଛନ୍ତି। ଏହାକୁ ନେଇ ବ୍ୟଥିତ ଅଛନ୍ତି। ମୁଖ୍ୟତଃ ନିର୍ଦ୍ଦିଷ୍ଟ ୩ ଗଣମାଧ୍ୟମ ସଂସ୍ଥା ଏବଂ ବିରୋଧୀ ରାଜନୈତିକ ଦଳ ସେମାନଙ୍କ ବ୍ୟକ୍ତିଗତ ଫାଇଦା ପାଇଁ ଭିତ୍ତିହୀନ ଅଭିଯୋଗ ଆଣୁଛନ୍ତି। ସେମାନଙ୍କ ଦ୍ୱାରା ଚାଲିଥିବା ବଦନାମ ଅଭିଯାନ ଓଡ଼ିଶାରେ ଖରାପ ରାଜନୈତିକ ପରମ୍ପରା ସୃଷ୍ଟି କରୁଛି। ଏଥିରେ ମାନସିକ ନିର୍ଯାତନା ପାଉଥିବା ତାଙ୍କ ପରିବାର କୋର୍ଟରେ ମାନହାନି ମକଦ୍ଦମା ଦାଏର କରିଛନ୍ତି। କୌଣସି ସମ୍ବେଦନଶୀଳ ଜଘନ୍ୟ ଅପରାଧରେ ଆଇନ କାର୍ଯ୍ୟକାରୀ କରୁଥିବା ସଂସ୍ଥା ନିରପେକ୍ଷ ଢଙ୍ଗରେ କାମ କରିବା ଉଚିତ। ସେଥିଲାଗି ସେ ମନ୍ତବ୍ୟ ଦେବାଠାରୁ ଦୂରେଇ ରହିଥିଲେ। ଗଣମାଧ୍ୟମରେ ଚାଲିଥିବା ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**
ଦରକାରୀ ବାବୁ

# ପେଟ୍ରୋଲ ୩୬, ଡିଜେଲ ୩୮ ପଇସା ବୃଦ୍ଧି

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୯।୧୦**

ସାରା ଦେଶରେ କ୍ରମାଗତ ୩ୟ ଦିନ ଲାଗି ଉଭୟ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ୩୬ ପଇସା ଏବଂ ଡିଜେଲ ୩୮ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୯.୬୧ ଟଙ୍କା ଏବଂ ଡିଜେଲ ୧୦୬.୨୨ ଟଙ୍କାରେ ବିକ୍ରି ହେଉଛି। ☞ପୃଷ୍ଠା-୪

# ଆଜି ଭଦ୍ରକ, ବାଲେଶ୍ୱର ୬ ଘଣ୍ଟିଆ ବନ୍ଦ

**ଭଦ୍ରକ ଅଫିସ/ ବାଲେଶ୍ୱର ଅଫିସ, ୨୯।୧୦**

କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଅଧକ୍ଷା ମମିତା ମେହେରଙ୍କୁ ନ୍ୟାୟ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ଦାବିରେ ଶନିବାର ଭଦ୍ରକ ଓ ବାଲେଶ୍ୱର ଜିଲା ୬ ଘଣ୍ଟିଆ ବନ୍ଦ ପାଇଁ ଭାଜପା ପକ୍ଷରୁ ଡାକରା ଦିଆଯାଇଛି। ଶନିବାର ସକାଳ ୬ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭଦ୍ରକ ବନ୍ଦ ରହିବ ବୋଲି ଜିଲା ଭାଜପା ସଭାପତି ହେମନ୍ତ ପାଢ଼ୀ ଓ ଦଳୀୟ ନେତା ବଦ୍ରି ନାରାୟଣ ଧଳ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମସ୍ତ ବ୍ଲକରେ ବନ୍ଦ ପାଳନ ହେବ ଏବଂ ସ୍କୁଲ, କଲେଜ, ସରକାରୀ ଅଫିସ ସହ ଦୋକାନ ବଜାର ମଧ୍ୟ ବନ୍ଦ ରହିବ। ଶୁକ୍ରବାର ସନ୍ଧ୍ୟାରେ ଏନେଇ ଏକ ଶୋଭାଯାତ୍ରା କରାଯାଇ ସହରବାସୀଙ୍କୁ ଅବଗତ କରାଯାଇଛି। ସେହିପରି ବାଲେଶ୍ୱରରେ ବନ୍ଦକୁ ସଫଳ କରିବା ଲାଗି ଜିଲାବାସୀ ସହଯୋଗ କରିବାକୁ ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି।

# 'ଲଙ୍ଗ୍-ରେଞ୍ଜ ବମ୍'ର ଉଡ଼ାଣ ପରୀକ୍ଷଣ ସଫଳ



'ଲଙ୍ଗ୍-ରେଞ୍ଜ ବମ୍'ର ସଫଳ ପରୀକ୍ଷଣ କରାଯାଉଛି।

**ବାଲେଶ୍ୱର ଅଫିସ, ୨୯।୧୦**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆର୍‌ଡିଓ) ପରିସରରୁ ଶୁକ୍ରବାର ଲଙ୍ଗ-ରେଞ୍ଜ ବମ୍ (ଏଲ୍‌ଆର୍‌ବି)ର ଉଡାଣ ପରୀକ୍ଷଣ ସଫଳ ହୋଇଛି। ଡିଆର୍‌ଡିଓ ଏବଂ ଭାରତୀୟ ବାୟୁସେନା (ଆଇଏଏଫ୍) ମିଳିତ ଉଦ୍ୟମରେ ଏହି ପରୀକ୍ଷଣ ହୋଇଥିଲା। ତେବେ ଏହି ଲଙ୍ଗ-ରେଞ୍ଜ ବମ୍ ଆଇଏଏଫ୍ ଯୁଦ୍ଧ ବିମାନରୁ ମୁକ୍ତ ହେବା ପରେ ନିର୍ଦ୍ଦିଷ୍ଟ ସୀମା ଏବଂ ନିରୂପିତ ସମୟରେ ଲକ୍ଷ୍ୟଭେଦ କରିଥିଲା। ବୋମା ଉଡ଼ାଣ ଏବଂ ପ୍ରଦର୍ଶନକୁ ଚାନ୍ଦିପୁର ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ ଦ୍ୱାରା ନିୟୋଜିତ ଇଲେକ୍ଟ୍ରୋ ଅପ୍ଟିକାଲ୍ ଟ୍ରାକିଂ ସିଷ୍ଟମ୍ (ଇଓଟିଏସ୍), ଟେଲିମେଟ୍ରି ଏବଂ ରାଡାର ସମେତ ବହୁ ରେଞ୍ଜ ସେନ୍ସର ଦ୍ୱାରା ତଦାରଖ କରାଯାଇଥିଲା। ହାଇଦ୍ରାବାଦସ୍ଥିତ ଡିଆର୍‌ଡିଓ ରିସର୍ଚ୍ଚ ସେଣ୍ଟର ଇମାରତ (ଆର୍‌ସିଆଇ)ର ଲାବରେଟୋରି ଦେଶର ଅନ୍ୟ ସ୍ଥାନରେ ଥିବା ଡିଆର୍‌ଡିଓ ଲାବୋରେଟୋରୀ ସହ ସମନ୍ୱୟରେ ଏହି ଲଙ୍ଗ-ରେଞ୍ଜ ବମ୍‌ର ଡିଜାଇନ୍ ଓ ବିକଶିତ କରିଛି।

ଏନେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ, ଆଇଏଏଫ୍ ଏବଂ ଏହି ପରୀକ୍ଷଣ ସହ ଜଡ଼ିତ ଅନ୍ୟ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଡିଆର୍‌ଡିଓ ଅଧ୍ୟକ୍ଷ ଡ. ସତୀଶ ରେଡ୍ଡୀ କହିଛନ୍ତି ଯେ, ଲଙ୍ଗ-ରେଞ୍ଜ ବମ୍‌ର ସଫଳ ଉଡ଼ାଣ ପରୀକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି।

# କେନ୍ଦୁଝରରେ 'ମାଣ୍ଡିଆ ଶକ୍ତି କାଫେ'

**କେନ୍ଦୁଝର, ୨୯।୧୦ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ରାଜ୍ୟର ପ୍ରଥମ ମାଣ୍ଡିଆ ଶକ୍ତି କାଫେ ଭର୍ଚୁଆଲ ମୋଡ୍‌ରେ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମିଶନ ଶକ୍ତି କମିଶନର ସୁଜାତା ଆର୍ କାର୍ତ୍ତିକେୟନ ଉପସ୍ଥିତ ଥିଲେ। ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସାହୁ କେନ୍ଦୁଝର ଜିଲା ପ୍ରଶାସନର ପୁରା ଟିମ୍‌କୁ ଏଥିପାଇଁ ପ୍ରଶଂସା କରିଥିଲେ। ମାଣ୍ଡିଆ ଆମର ପାରମ୍ପରିକ ଓଡ଼ିଆ ଖାଦ୍ୟ। ଏହି କାଫେ ଖୋଲାଯିବା ଦ୍ୱାରା ଚାଷୀମାନେ ଲାଭବାନ ହେବେ ଏବଂ ମହିଳାମାନେ ଅଧିକ ସ୍ୱାବଲମ୍ବୀ ହେବା ସହ ସଶକ୍ତିକରଣ ହୋଇପାରିବେ ବୋଲି କୁହାଯାଇଛି। ପଞ୍ଚାୟତ ସ୍ତରରେ ଏଭଳି କାଫେ ହେଲେ



କାଫେ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜିଲାପାଳ ଆଶିଷ ଠାକ୍‌ରେ ଓ ମିଶନ ଶକ୍ତି ସଦସ୍ୟାମାନେ।

**ରାଜ୍ୟରେ ପ୍ରଥମ**

ମହିଳାମାନେ ଅଧିକ ସ୍ୱାବଲମ୍ବୀ ହୋଇପାରିବେ। ତେବେ ଜିଲାର ୩୩୦ ପଞ୍ଚାୟତରେ ଏଭଳି କାଫେ ଖୋଲିବା ପାଇଁ ମିଶନ ଶକ୍ତି ଜରିଆରେ ଘର ତିଆରି ଚାଲିଥିବା ଜିଲାପାଳ କହିଛନ୍ତି।

ଏଠାରେ ଲୋକେ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ଗରମ ଖାଦ୍ୟ ଓ ସ୍ୱାଦିଷ୍ଟ ତଥା ସ୍ୱାସ୍ଥ୍ୟ ପକ୍ଷେ ହିତକର ଖାଦ୍ୟ ପାଇପାରିବେ। ମିଲେଟ ମିଶନ ଓ ମିଶନ ଶକ୍ତିର ମିଳିତ ଉଦ୍ୟମରେ ଏହା ଚାଲୁଥିବା ବେଳେ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏଭଳି କାଫେ ଖୋଲି ମାଣ୍ଡିଆ ଖାଦ୍ୟ ଓ ଚାଷକୁ ପ୍ରସାରିତ ଲାଗି ସରକାର ପଦକ୍ଷେପ ନେଉଥିବା ଅବଗତ କରାଯାଇଥିଲା। ସୂଚନାଯୋଗ୍ୟ, ଓଡ଼ିଶା ମିଲେଟ ମିଶନ ୨୦୧୯ରେ ଆରମ୍ଭ ହୋଇ ଜିଲାର ୭ ବ୍ଲକରେ ଏହି ଚାଷ କରାଯାଇ ପାଖାପାଖି ୪ହଜାର ଚାଷୀ ଉପକୃତ ହେଉଛନ୍ତି। ସେହିପରି ମାଣ୍ଡିଆ ଲଡୁ ଆଇସିଡିଏସ୍ ସ୍କିମ୍‌ରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କୁ ଖାଇବାକୁ ଦିଆଯାଉଛି।



## ସଂକ୍ଷେପରେ

### ଦେଶର ବିଭିନ୍ନ ରାଜ୍ୟକୁ ବ୍ୟାପିଲା ମମିତା ତାତି



**ଭବାନୀପାଟଣା,୨୯।୧୦(ସ୍ୱ.ପ୍ର.):** ମମିତା ମେହେର ହତ୍ୟା ଘଟଣାକୁ ନେଇ ପ୍ରତିବାଦର ସ୍ୱର ଓଡ଼ିଶା ଡେଇଁ ଦେଶର ବିଭିନ୍ନ ରାଜ୍ୟରେ ଉଠିଛି। ନିକଟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପରିସରରେ ଓଡ଼ିଆ ଛାତ୍ର, ଗବେଷକ ଓ ପ୍ରଫେସରମାନେ ମମିତାଙ୍କୁ ନ୍ୟାୟ ଦେବା ପାଇଁ ଧାରଣା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ତେବେ ମମିତାଙ୍କୁ ନ୍ୟାୟ ଦେବା ପାଇଁ ଶୁକ୍ରବାର ଜମ୍ମୁ-କଶ୍ମୀରରେ ପାଠ ପଢୁଥିବା ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀ ଆଇସିୟା ଭଟ୍ଟ, ମଣିପୁରର ଆସିଷ୍ଟାଣ୍ଟ ପ୍ରଫେସର ଡ. ଉଇପେ ମେକରିଶ୍ରୁ୍ୟହ୍ ଓ ନାଗାଲାଣ୍ଡର ଫିଲ୍ମ ମେକର ହୋକାଟୋ ଆୱାମି ସୋସିଆଲ ମିଡିଆ ଜରିଆରେ ବାର୍ତ୍ତା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ନୀରବତା ନେଇ ପ୍ରଶ୍ନ ଉଠାଇଲେ ଅପରାଜିତା



**ଭୁବନେଶ୍ୱର,୨୯।୧୦(ବ୍ୟୁରୋ):** ମମିତା ମେହେର ହତ୍ୟାକୁ ୨୧ ଦିନ ବିତିଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ କାହିଁକି ଚୁପ୍ ଅଛନ୍ତି ବୋଲି ଏମ୍‌ପି ଅପରାଜିତା ଷଡଙ୍ଗୀ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅପରାଧିକ ମୂଳକ ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଦାୟୀ। ମୁଖ୍ୟମନ୍ତ୍ରୀ ଘରୁ ବାହାରି ମମତା ମେହେର ଘଟଣା ସମ୍ପର୍କରେ କିଛି କୁହନ୍ତୁ। ଯଦି ଏହି ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ଅପରାଧୀ ନୁହନ୍ତି ତେବେ ସିବିଆଇକୁ ମୁଖ୍ୟମନ୍ତ୍ରୀ ତଦନ୍ତ ଭାର ଦିଅନ୍ତୁ। ଘଟଣା ଆରମ୍ଭରୁ ଭାଜପା ପକ୍ଷରୁ ବିଭିନ୍ନ ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେବଳ ଭାଜପା ନୁହେଁ କଂଗ୍ରେସ ଓ ଅନ୍ୟାନ୍ୟ ଦଳ ପକ୍ଷରୁ ମଧ୍ୟ ବିରୋଧ ଚାଲିଛି। ରାଜ୍ୟରେ ୨ କୋଟି ମହିଳା ଅଛନ୍ତି। ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ମିଶନ ଶକ୍ତି ରାଜ୍ୟ ସରକାରଙ୍କ ତରଫରୁ କରାଯାଇଥିଲା। ମାତ୍ର ଯଦି ମହିଳାଙ୍କ ସୁରକ୍ଷା ନାହିଁ ତେବେ ଆର୍ଥିକ ସଶକ୍ତିକରଣ କ'ଣ ଦରକାର ବୋଲି ସେ କହିଛନ୍ତି। ଏନ୍‌ସିଆର୍‌ବି ରିପୋର୍ଟ ମୁତାବକ ମହିଳାଙ୍କ ବିରୋଧରେ ଅପରାଧ ଘଟଣାରେ ଓଡିଶା ଦ୍ୱିତୀୟ ସ୍ଥାନରେ ରହିଛି। ଓଡିଶା ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ ସ୍ଥାନ ପାଲଟିଛି ବୋଲି ଅପରାଜିତା କହିଛନ୍ତି।

# ୩ ଲୋକ ସଭା, ୨୯ ବିଧାନସଭା ଉପନିର୍ବାଚନ ଆଜି

**ନୂଆଦିଲ୍ଲୀ,୨୯।୧୦**

୧୩ ରାଜ୍ୟ ସମେତ ଦାଦ୍ରା ଓ ନଗର ହାଭେଲି ଅଧୀନ ୩ ଲୋକ ସଭା ଆସନ ଏବଂ ୨୯ ବିଧାନସଭା ନିର୍ବାଚନମଣ୍ଡଳୀରେ ଶନିବାର ଉପନିର୍ବାଚନ ହେବ। ଉପନିର୍ବାଚନ ପୂର୍ବରୁ ନେତାଙ୍କ ଦଳବଦଳ ଜୋର୍ ଧରିଥିବାରୁ ରାଜନୈତିକ ଦଳଗୁଡ଼ିକ ଏହାକୁ ସମ୍ମାନର ପ୍ରଶ୍ନ ଭାବେ ଧରିନେଇଛନ୍ତି।

ପର୍ଯ୍ୟାପ୍ତ ସୁରକ୍ଷା ବନ୍ଦୋବସ୍ତ ଓ କୋଭିଡ୍ ସତର୍କତା ମଧ୍ୟରେ ଶନିବାର ୩ ଲୋକ ସଭା ଓ ୨୯ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଅଧିକାଂଶ ଆସନରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହେବ। ମତଦାନ ହେବାକୁ ଥିବା ଲୋକ ସଭା ଆସନଗୁଡ଼ିକ ହେଲା ଦାଦ୍ରା ଓ ନଗର ହାଭେଲି, ହିମାଚଳ ପ୍ରଦେଶର ମଣ୍ଡି ଓ ମଧ୍ୟପ୍ରଦେଶର ଖଣ୍ଡୱା। ବିଧାନସଭା ଆସନଗୁଡ଼ିକ ମଧ୍ୟରୁ ଆସାମର ୫, ପଶ୍ଚିମବଙ୍ଗର ୪, ହିମାଚଳ, ମଧ୍ୟପ୍ରଦେଶ ଓ ମେଘାଳୟର ୩ଟି ଲେଖାଏ। ସେହିପରି ବିହାର, କର୍ଣ୍ଣାଟକ ଓ ରାଜସ୍ଥାନର ଦୁଇଟି ଲେଖାଏ ଏବଂ ଆନ୍ଧ୍ରପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ମିଜୋରାମ ଓ ତେଲଙ୍ଗାନାର ଗୋଟିଏ ଲେଖାଏ ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ହେବାକୁ ଯାଉଛି। ଏହି ସମସ୍ତ ଆସନରେ ଭୋଟ ଗଣତି ନଭେମ୍ବର ୨ରେ କରାଯିବ।

ନାଗାଲାଣ୍ଡର ଶାମାଟୋର-ଚେସୋର ବିଧାନସଭା ଆସନ ପାଇଁ ମଧ୍ୟ ନିର୍ବାଚନ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ସେଠାକାର ନ୍ୟାଶନାଲ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି ପ୍ରାର୍ଥୀ ଏସ୍. କେଓଶୁ ୟିମ୍‌ଚୁଙ୍ଗର ଗତ ୧୩ରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୩ ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ପିମାନଙ୍କ ପରଲୋକ ଯୋଗୁ ସେଠାରେ ନିର୍ବାଚନ କରାଯାଉଛି।





ପଶ୍ଚିମବଙ୍ଗର ଶାନ୍ତିପୁର ନିର୍ବାଚନମଣ୍ଡଳୀରେ ଶନିବାର ଉପନିର୍ବାଚନ ହେବ। ଏଥିଲାଗି ନଦୀୟାରୁ ଶାନ୍ତିପୁରକୁ ଯାଉଛନ୍ତି ପୋଲିଂ ପାର୍ଟି।

# ଟିଏମ୍‌ସିରେ ଲିଆଣ୍ଡର, ନଫିସା







ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଲିଆଣ୍ଡର ପେସ୍। ନଫିସା ଅଲୀ।

**ନୂଆଦିଲ୍ଲୀ,୨୯।୧୦**

ଟେନିସ୍ ଲିଜେଣ୍ଡ ଲିଆଣ୍ଡର ପେସ୍ ଏବଂ ବର୍ଷୀୟାନ ଅଭିନେତ୍ରୀ ନଫିସା ଅଲୀ ଶୁକ୍ରବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଛନ୍ତି। ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ ପଣଜୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଦୁହେଁ ଦଳରେ ସାମିଲ ହୋଇଛନ୍ତି।

ଭାଜପା ଶାସିତ ଗୋଆରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମମତା ୩ ଦିନିଆ ଗସ୍ତରେ ପଣଜୀ ଯାଇଛନ୍ତି। ନିର୍ବାଚନରେ ଟିଏମ୍‌ପି ପକ୍ଷରୁ ପ୍ରାର୍ଥୀ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି।

ମମତା ଏକ ଖବରଦାତା ସମ୍ମିଳନୀରେ ୪୮ ବର୍ଷୀୟ ଲିଆଣ୍ଡ ପେସ୍‌ଙ୍କୁ ସ୍ୱାଗତ କରି ସେ ଭାରତ ପାଇଁ ବ୍ରୋଞ୍ଜ ମେଡାଲ ଆଣିବାବେଳର ସ୍ମୃତିକୁ ମନେପକାଇଥିଲେ। ମମତା କହିଥିଲେ,

### ଗୋଆରେ ମମତାଙ୍କ ଶକ୍ତି ବୃଦ୍ଧି

ସ୍ୱଳ୍ପବୟସ୍କ ପେସ୍‌ଙ୍କୁ ସେତେବେଳେ ଭେଟିବା ସମୟରେ ସେ ଦେଶର କ୍ରୀଡ଼ାମନ୍ତ୍ରୀ ଥିଲେ। ଦଳକୁ ସାନଭାଇଙ୍କୁ ସ୍ୱାଗତ। ସେହିପରି ୧୯୭୬ରେ ଫେମିନା ମିସ୍ ଇଣ୍ଡିଆ ଟାଇଟଲ ଜିତିଥିବା ନଫିସା ଅଲୀଙ୍କୁ ମଧ୍ୟ ମମତା ସ୍ୱାଗତ କରିଛନ୍ତି। ୨୦୦୪ ସାଧାରଣ ନିର୍ବାଚନରେ ନଫିସା ଦକ୍ଷିଣ କୋଲକାତା ଆସନରେ ମମତାଙ୍କ ବିରୋଧରେ ଲଢ଼ିଥିଲେ। ଗୋଆ ବ୍ୟବସାୟୀ ମୃଣାଳିନୀ ଦେଶପ୍ରଭୁ ମଧ୍ୟ ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍‌ଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ସ୍ୱାଧୀନ ବିଧାୟକ ରୋହନ ଖଉଣ୍ଟେ ଏବଂ ଏନ୍‌ସିପି ବିଧାୟକ ଚର୍ଚ୍ଚିଲ ଆଲେମାଓ ମଧ୍ୟ ମମତାଙ୍କୁ ଭେଟିଛନ୍ତି। ଉଭୟେ ଖୁବ୍‌ଶୀଘ୍ର ଟିଏମ୍‌ସିରେ ଯୋଗଦେଇପାରନ୍ତି ବୋଲି କୁହାଯାଉଛି।

# 'ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଦିଆଯିବ ତୃଣମୂଳ ସ୍ତରର ରିପୋର୍ଟ'

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୯।୧୦ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣା ଏବେ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। କଂଗ୍ରେସ କେନ୍ଦ୍ରୀୟ ପ୍ରତିନିଧିମାନେ ପୀଡିତାଙ୍କ ଘରକୁ ଆସିବାର ଗୋଟିଏ ଦିନ ପରେ ଶୁକ୍ରବାର ଅପରାହ୍ଣରେ ଭାଜପାର ଏକ କେନ୍ଦ୍ରୀୟ ଉଚ୍ଚସ୍ତରୀୟ ତିନିଜଣିଆ ମହିଳା ପ୍ରତିନିଧି କମିଟି ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଝରଣୀ ଗାଁର ପୀଡତାଙ୍କ ଘରକୁ ଆସିଥିଲେ। ଏହି ଟିମ୍‌ରେ ହରିୟାଣାର ସିର୍‌ସା ଲୋକସଭା ସଦସ୍ୟା ସୁନିତା ଦୁଗ୍‌ଗଲ, ଜାତୀୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ବିଧାୟିକା ବାନଥି ଶ୍ରୀନିବାସନ୍ ଏବଂ ପଶ୍ଚିମବଙ୍ଗର ବିଧାୟିକା ରୂପା ମିତ୍ର ଝରଣୀ ଗାଁକୁ ଆସିଥିଲେ। ଦୀର୍ଘ ଦେଢ ଘଣ୍ଟା ଧରି ପୀଡିତାଙ୍କ ପିତା ସୁଚନ୍ଦ୍ର ମେହେର, ମାତା ତୁଳସୀ ମେହେର ଓ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଘର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଇ ନ ଥିଲେ। ଏପରି କି ପୀଡିତାଙ୍କ ପରିବାରବର୍ଗଙ୍କ ସହ କ'ଣ ଆଲୋଚନା କଲେ ଗଣମାଧ୍ୟମକୁ ଖୋଲି କରି କହି ନ ଥିଲେ।

ଏମ୍‌ପି ଦୁଗ୍‌ଗଲ ଏତିକି ମାତ୍ର ସୂଚନା ଦେଇଥିଲେ ଯେ, ମମିତା ମେହେର ହତ୍ୟାକାଣ୍ଡ ଉପରେ ତୃଣମୂଳ ସ୍ତରରୁ ରିପୋର୍ଟ ସଂଗ୍ରହ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏକ ତିନିଜଣିଆ କମିଟି ଗଠନ କରାଯାଇଛି। ଏହି ତିନିଜଣିଆ କମିଟି ଝରଣୀ ଆସି ପୀଡିତାଙ୍କ ପିତାମାତାଙ୍କ ସହ ପରିବାରବର୍ଗଙ୍କୁ ଭେଟିଛି। ପରିବାରବର୍ଗଙ୍କୁ ଭେଟି ସେମାନେ ଗଭୀର ସମବେଦନା ଜଣାଇଛନ୍ତି। ମମିତା ହତ୍ୟାକାଣ୍ଡକୁ ଅମାନୁଷିକ ଏବଂ ବୀଭତ୍ସ ବୋଲି ଦର୍ଶାଇଥିଲେ। ତୃଣମୂଳ ସ୍ତରରୁ ଏହି ଘଟଣାର ରିପୋର୍ଟ ସଂଗ୍ରହ କଲା ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଏହି ଟିମ୍ ପୀଡିତାଙ୍କ ପରିବାରବର୍ଗ, ସେ ଚାକିରି କରୁଥିବା ସ୍କୁଲ, ହତ୍ୟାକାଣ୍ଡ ସଂଘଟିତ ସ୍ଥଳ ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରିବେ। ଏହାଛଡା ଘଟଣାର ତଦନ୍ତ ସହ ସମ୍ପୃକ୍ତ ବିଭିନ୍ନ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ଏଥିରେ ଯିଏ ବି ଦୋଷୀ ଏବଂ ସେ ଯେ କୌଣସି ସ୍ତରର ହୁଅନ୍ତୁ ନା କାହିଁକି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଫାଶୀ ଦିଆଯିବା କଥା ବୋଲି କହିଥିଲେ। ଏହି ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ରାଜ୍ୟ ଭାଜପା ଟିମ୍ ପୂର୍ବରୁ ସିବିଆଇ ତଦନ୍ତ ଦାବି କରିସାରିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବୁ ଓ ଆମେ ମଧ୍ୟ ସିବିଆଇ ତଦନ୍ତ ଦାବି କରିବୁ ବୋଲି ସେ କହିଥିଲେ। ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି କଥା ଉଠୁଥିବାରୁ ତାଙ୍କୁ ବହିଷ୍କାର ନ କଲା ପର୍ଯ୍ୟନ୍ତ କିଭଳି ଭାବେ ନିରପେକ୍ଷ ତଦନ୍ତ ସମ୍ଭବ ବୋଲି ପ୍ରଶ୍ନ କରି ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଥିଲେ। ସେହିପରି କମିଟି ସଦସ୍ୟ ଶ୍ରୀନିବାସନ ଓ ମିତ୍ର ମଧ୍ୟ ମମିତାଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଭାଜପା ସମ୍ପୂର୍ଣ୍ଣ ଭାବେ ପରିବାର ସହ ରହିଛି ବୋଲି କହିଥିଲେ। ବଲାଙ୍ଗୀର ଲୋକସଭା ସଦସ୍ୟା ସଙ୍ଗୀତା କୁମାରୀ ସିଂଦେଓ ତାଙ୍କ ପ୍ରତିକ୍ରିୟାରେ ଏହି ହତ୍ୟା ଘଟଣାକୁ ବିରଳ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଏହି ହତ୍ୟା ସମ୍ପର୍କରେ ଖବର ମିଳିବା ପରେ ରିପୋର୍ଟ ସଂଗ୍ରହ ପାଇଁ ଏହି କମିଟିକୁ ପଠାଇଛନ୍ତି ବୋଲି କହିଥିଲେ। ଝରଣୀ ଗାଁରେ କମିଟି ସହ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଧାୟକ ଡ. ମୁକେଶ ମହାଲିଙ୍ଗ, ରାଧାରାଣୀ ପଣ୍ଡା, ବବିତା ପାତ୍ର, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଲକ୍ଷ୍ମଣ ବାଗ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ବେଦବ୍ୟାସ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାତିରେ ଏହି ଟିମ୍ ବଲାଙ୍ଗୀର ଏସ୍‌ପି ନୀତୀନ୍ କୁଶଲକରଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି।

### ମମିତା ମେହେରଙ୍କ ପରିବାରକୁ ଭେଟିଲେ ଭାଜପା କେନ୍ଦ୍ରୀୟ ଟିମ୍

- ସିବିଆଇ ତଦନ୍ତ ସହ ଫାଶୀ ଦାବିକଲେ
- ଆଲୋଚନା କ'ଣ ହେଲା ଖୋଲି କହିଲେନି



ଭାଜପା କେନ୍ଦ୍ରୀୟ ମହିଳା ପ୍ରତିନିଧିମାନେ ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

### ମହାଲିଙ୍ଗରେ ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

**ଗୋଲାମୁଣ୍ଡା,୨୯।୧୦(ଡି.ଏନ.ଏ.):** ମମିତା ମେହେରଙ୍କ ହତ୍ୟା ଘଟଣାର ଅନୁଧ୍ୟାନ ପାଇଁ ଆସିଥିବା ଭାଜପାର ୩ ଜଣିଆ କେନ୍ଦ୍ରୀୟ ଟିମ୍ ଶୁକ୍ରବାର ମହାଲିଙ୍ଗଠାରେ ପହଞ୍ଚି ଷ୍ଟାଡିୟମକୁ ଯାଇ ଅନୁଧ୍ୟାନ କରିଥିଲେ।

# ମନ୍ତ୍ରୀଙ୍କ ବିବୃତି ପରେ ୪ ପ୍ରଶ୍ନ କଲା ଭାଜପା

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ):** ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିବୃତି ପରେ ଏହା ଉପରେ ଭାଜପା ପକ୍ଷରୁ ପ୍ରତିକ୍ରିୟା ରଖାଯାଇଛି। ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ମନ୍ତବ୍ୟକୁ ନେଇ ୪ଟି ପ୍ରଶ୍ନ ପଚାରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଲେଖାଶ୍ରୀ କହିଛନ୍ତି, ମନ୍ତ୍ରୀ ରଖିଥିବା ବିବୃତ୍ତି ବିଭ୍ରାନ୍ତିକର ଓ ନିନ୍ଦନୀୟ। ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ଏହା ତାଙ୍କର ବୃଥା ପ୍ରୟାସ ବୋଲି ସେ କହିଛନ୍ତି। ବାୟୁସେନାର ପୂର୍ବତନ ସୈନିକ କହି ପ୍ରଶଂସା ସାଉଁଟିବାକୁ ମନ୍ତ୍ରୀ ଅପଚେଷ୍ଟା କରୁଛନ୍ତି। ମନ୍ତ୍ରୀ ଭାବେ ଏହି ଘଟଣାର ତଥ୍ୟ ପ୍ରମାଣ ନଷ୍ଟ କରିବା ପରେ ଦିବ୍ୟଶଙ୍କର ମୁକ୍ତ ଓ ନିରପେକ୍ଷ ତଦନ୍ତ କଥା କହିବା ଦୁଃଖଦାୟକ।

ଏହି ପରିପ୍ରେକ୍ଷୀରେ ଲେଖାଶ୍ରୀ ୪ଟି ପ୍ରଶ୍ନ କରି କହିଛନ୍ତି, ମମିତାଙ୍କ ପାଖରେ କେଉଁ ଭିଡିଓ ଥିଲା ଯେଉଁଥିଲାଗି ତାଙ୍କୁ ବୀଭତ୍ସ ହତ୍ୟା କରାଗଲା। ରାୟପୁରର ଏକ ଘରେ ସେ ହତ୍ୟାକାରୀ ଗୋବିନ୍ଦ ସାହୁଙ୍କ ସହ କ'ଣ ବୁଝାମଣା କରିବାକୁ ଯାଇଥିଲେ। ଗୋବିନ୍ଦ ସାହୁଙ୍କୁ ଫେରାର କରାଇବା ଏବଂ ଘଟଣାକୁ ଚାପି ଦେବା ସହ ପ୍ରମାଣ ନଷ୍ଟ କରିବାରେ ଦିବ୍ୟଶଙ୍କରଙ୍କ ସମ୍ପୃକ୍ତି ଅଛି ନା ନାହିଁ ସ୍ପଷ୍ଟ କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ କେଉଁ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ଗୋବିନ୍ଦ ସାହୁ ଯାଇଥିଲେ ତାହା ଉପରେ ମଧ୍ୟ ମନ୍ତ୍ରୀ ଉତ୍ତର ରଖିବା ପାଇଁ ଦାବି କରାଯାଇଛି।

# ରାସ୍ତାରେ ଜଳିଲା ନିଆଁ



ରାସ୍ତା ଉପରେ ଟାୟାର ଜାଳି ଆନ୍ଦୋଳନ ।

**ବରଗଡ଼ ଅଫିସ୍,୨୯।୧୦**

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ଡୋରା ତଳିପଡ଼ା ନିବାସୀ ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାର ପ୍ରାୟ ଏକମାସ ପରେ ବରଗଡ଼ ସହର ପୁଣି ଅଶାନ୍ତ ହୋଇପଡ଼ିଛି। ଏତଲା ହୋଇଥିବା ସତ୍ତ୍ୱେ ପୋଲିସ ଏହି ଘଟଣାକୁ ନେଇ ମାମଲା ରୁଜୁ କିମ୍ବା ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏହାକୁ ନେଇ ବରଗଡ଼ରେ ପୁଣି ଜନ ଅସନ୍ତୋଷ ତେଜି ଉଠିଛି । ଶୁକ୍ରବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରୁ କଂଗ୍ରେସ ନେତୃତ୍ୱରେ ମୃତକଙ୍କ ପରିବାର, ସ୍ଥାନୀୟ ଲୋକେ ଗାନ୍ଧୀଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ଗାନ୍ଧୀଛକରୁ ସହରର ତିନି ଦିଗକୁ ଯାଇଥିବା ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗୋବିନ୍ଦ ମୃତ୍ୟୁ ମାମଲାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ନ ହେବା ପର୍ଯ୍ୟନ୍ତ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ସେହିପରି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ବରଗଡ଼ ଏସ୍‌ଡ଼ିପିଓ ଦୀପକ ଗୋଚ୍ଛାୟତ, ଉପଜିଲାପାଳ ଶୁଭେନ୍ଦ୍ର ସାମଲ, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ପ୍ରମୁଖ ଆନ୍ଦୋଳନସ୍ଥଳରେ ଆଲୋଚନା କରିଥିଲେ। ଖବର ଲେଖାହେବା ବେଳକୁ ଆନ୍ଦୋଳନ ଜାରି ରହିଥିଲା।

# ରାଜରାସ୍ତାକୁ ଓହ୍ଲାଇଲା କଳାହାଣ୍ଡି ମେହେର ସମାଜ





ମେହେର ସମାଜ ପକ୍ଷରୁ ଆୟୋଜିତ ଭବାନୀପାଟଣା ଡିଆଇଇଟିଠାରୁ ଏସ୍‌ପି ଅଫିସ ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରା।

**ଭବାନୀପାଟଣା,୨୯।୧୦(ସ୍ୱ.ପ୍ର.)**

ମମିତା ମେହେର ହତ୍ୟା ଘଟଣାକୁ ନେଇ କଳାହାଣ୍ଡି ମେହେର ସମାଜ ଶୁକ୍ରବାର ରାଜରାସ୍ତାକୁ ଓହ୍ଲାଇଛି। ସମାଜ ପକ୍ଷରୁ ଭବାନୀପାଟଣା ଡିଆଇଇଟିଠାରୁ ଏସ୍‌ପି ଅଫିସ ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ପରେ ଏସ୍‌ପି ଅଫିସ ଘେରାଉ ସହ ଘଟଣାର ସିବିଆଇ ତଦନ୍ତ, ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଫାଶୀ, ପୀଡିତାଙ୍କ ପରିବାରକୁ ୨ କୋଟି ଟଙ୍କା ସହାୟତା, ମମିତାଙ୍କ ମୃତଦେହ ପୋତାଯାଇଥିବା ଷ୍ଟାଡିୟମ୍‌କୁ ମମିତା ମେହେର ନାମରେ ନାମିତ ଓ ଘଟଣାରେ ସାମିଲ ଦୋଷୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କୁ ବହିଷ୍କାର ପାଇଁ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ମେହେରଙ୍କ ନେତୃତ୍ୱରେ ଶ୍ରୀବତ୍ସ ମେହେର, ପରିକ୍ଷିତ ମେହେର, ବିପିନ ବିହାରୀ ମେହେର, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ମେହେର, ବନମାଳୀ ମେହେର, ରାମେଶ୍ୱର ମେହେର, ପ୍ରଦୀପ ମେହେର, ଧର୍ମେନ୍ଦ୍ର ମେହେର, ପଦ୍ମଲୋଚନ ମେହେର ପ୍ରମୁଖଙ୍କ ସହ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।





ମମିତା ମେହେର ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଦାବିରେ ଏଆଇଡିଏସ୍‌ଓ ଏବଂ ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ।





ସିବିଆଇ ତଦନ୍ତ ଦାବିରେ ଟିଜି ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୬୫,୬୪,୫୦୮ | ୫୦,୦୦,୮୪୪ | ୨୨,୩୩,୬୫,୧୬୫ |
| ଭାରତ | ୩,୪୨,୫୯,୬୯୦ | ୪,୫୭,୭୭୨ | ୩,୩୬,୩୨,୯୯୯ |
| ଓଡ଼ିଶା | ୧୦,୪୦,୫୯୫ | ୮୩୨୫(+୫୩) | ୧୦,୨୮,୨୦୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






## ସଂକ୍ଷେପରେ

### ବମ୍ବେ କ୍ରୁଜ୍ ଡ୍ରଗ୍ସ ମାମଲା
### ନିଜକୁ ନିର୍ଦ୍ଦୋଷ କହିଲେ ମନୀଷ

**ରାଉରକେଲା ଅଫିସ,୨୯।୧୦ :** ବମ୍ବେ କ୍ରୁଜ୍ ଡ୍ରଗ୍ସ ମାମଲାରେ ଗିରଫ ହୋଇଥିବା ରାଉରକେଲାର ମନୀଷ ରାଜଗରିଆ ଜାମିନରେ ମୁକୁଳିବା ପରେ ରାଉରକେଲା ଫେରିଛନ୍ତି। ସେ ଶୁକ୍ରବାର ରାଉରକେଲା ସିଭିଲ ଟାଉନଶିପ୍ ସ୍ଥିତ ବାସଭବନରେ ପହଞ୍ଚିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଅକ୍ଟୋବର ୧ରେ ସେ ୭ଜଣ ସାଙ୍ଗଙ୍କ ସହିତ କ୍ରୁଜ୍ ବୁଲିବାକୁ ରାଉରକେଲାରୁ ବମ୍ବେ ଯାଇଥିଲେ। ଅକ୍ଟୋବର ୨ରେ ସେମାନେ କ୍ରୁଜ୍‌ରେ ଥିବାବେଳେ ଏନସିବିର ଅଧିକାରୀମାନେ ଚଢାଉ କରିଥିଲେ ଏବଂ ଡ୍ରଗ୍ସ ମାମଲାରେ ଆର୍ଯ୍ୟନ ଖାନଙ୍କ ସମେତ ୧୪ ଜଣଙ୍କୁ ଅଟକ ରଖିଥିଲେ।

କ୍ରୁଜ୍‌ରେ ଅବ୍ୟବସ୍ଥା ନେଇ ସେଠାକାର ସୁରକ୍ଷା ଅଧିକାରୀଙ୍କ ସହ ଯୁକ୍ତିତର୍କ ହେବାରୁ ତାଙ୍କୁ ଫସାଇ ଦିଆଗଲା ବୋଲି ମନୀଷ କହିଛନ୍ତି । ସେମାନଙ୍କ ନିକଟରୁ କୌଣସି ଡ୍ରଗ୍ସ ଜବତ ହୋଇନାହିଁ ଏବଂ ସେ ନିର୍ଦ୍ଦୋଷ ବୋଲି କହିଛନ୍ତି । ମନୀଷଙ୍କ ପିତା ଉଦୟ ରାଜଗରିଆ ମଧ୍ୟ ତାଙ୍କ ପୁଅ ନିର୍ଦ୍ଦୋଷ ବୋଲି କହିଛନ୍ତି ।

### ପୁତୁରା ଠେଙ୍ଗା ମାଡ଼ରେ କକା ମୃତ

**ଭଞ୍ଜନଗର,୨୯।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ମହୁଲପାଟଣା ଗ୍ରାମରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସମ୍ପର୍କୀୟ ପୁତୁରା ଠେଙ୍ଗା ମାଡରେ କକାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୃଷ୍ଣ ଖିଲାର। ପୋଲିସ ଶୁକ୍ରବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଅଭିଯୁକ୍ତ ପୁତୁରା ଫେରାର ଅଛନ୍ତି। ଜମିଜମା ବିବାଦକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପ୍ରକାଶ ଯେ, କିଛିଦିନ ହେଲା କକା-ପୁତୁରାଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ଗୁରୁବାର ସନ୍ଧ୍ୟାରେ କକା କୃଷ୍ଣ ଜମିରୁ କାମସାରି ଫେରୁଥିଲେ। ଏହି ସମୟରେ ଏକ ନିଛାଟିଆ ସ୍ଥାନରେ ପ୍ରସ୍ତୁତ ହୋଇ ରହିଥିବା ପୁତୁରା ତାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ଘରକୁ ଫେରିବାରେ ବିଳମ୍ବ ହେବାରୁ ରାତିରେ ପରିବାର ଲୋକେ କୃଷ୍ଣଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ଶୁକ୍ରବାର ସକାଳେ ମୃତଦେହ ଠାବ କରିବା ପରେ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ଉଦ୍ୟମ ଚଳାଇଛି।

## ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ରାଜ୍ୟ: ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ଓଡ଼ିଶା ବର୍ତ୍ତମାନ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥିତି ସୁଦୃଢ଼ କରିପାରିଛି । ପ୍ରାକୃତିକ ତଥା ଅନ୍ୟାନ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ବଳିଷ୍ଠ ପଦକ୍ଷେପ ଦ୍ୱାରା ବିପର୍ଯ୍ୟୟ ଜନିତ ଧନଜୀବନ କ୍ଷୟକ୍ଷତିକୁ ଅନେକ ମାତ୍ରାରେ ହ୍ରାସ କରାଯାଇପାରିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି ।

ସ୍ଥାନୀୟ କୃଷି ଭବନ ଠାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆୟୋଜିତ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଅବସରରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବିପର୍ଯ୍ୟୟ ପ୍ରସ୍ତୁତିର ମେରୁଦଣ୍ଡ ବିଷୟବସ୍ତୁ ଉପରେ ମନ୍ତ୍ରୀ ମାରାଣ୍ଡି ନିଜର ମତ ରଖିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶା ଆଜି ବିପର୍ଯ୍ୟୟ ପରିଚାଳନାକୁ ସର୍ବାଧିକ ଗୁରୁତ୍ୱ ଦେଇଆସୁଛି। ଯାହାଦ୍ୱାରା ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ଉତ୍କର୍ଷ ହାସଲ କରିବା ସହ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଉଦାହରଣ ସୃଷ୍ଟି କରିପାରିଛି । ମୁଖ୍ୟମନ୍ତ୍ରୀଙ୍କ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ନିଷ୍ଠା, ଆନ୍ତରିକତା ଓ ଦୂରଦୃଷ୍ଟି ଯୋଗୁ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟରେ ଧନଜୀବନ କ୍ଷୟକ୍ଷତିର ବ୍ୟାପକ ହ୍ରାସ ଘଟିଛି। ବିଗତ ୨ ବର୍ଷ ମଧ୍ୟରେ ରାଜ୍ୟ କୋଭିଡ୍ ମହାମାରୀର ସଫଳ ମୁକାବିଲା କରିବା ସହ ବନ୍ୟା ଓ ବାତ୍ୟାର ସଠିକ୍ ପରିଚାଳନା କରିପାରିଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ସାମ୍ନାରେ ଆମେ ନିଃସହାୟତାରୁ ସାହସିକତାର ସହ ମୁକାବିଲା ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଛୁ । ଏହି ପ୍ରସ୍ତୁତିରେ ପଞ୍ଚାୟତିରାଜ ଅନୁଷ୍ଠାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ସମୁଦାୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଉନ୍ନୟନ କମିଶନର ପ୍ରଦୀପ ଜେନା କହିଛନ୍ତି, ୧୯୯୯ ମସିହା ଆଜିର ଦିନରେ ହୋଇଥିବା ପ୍ରଳୟଙ୍କରୀ ମହାବାତ୍ୟାରେ ଓଡ଼ିଶାରେ ହଜାର ହଜାର ଲୋକଙ୍କର ମୃତ୍ୟୁ ସହ ଅକଳନୀୟ ଏବଂ ସାମାଜିକ କ୍ଷୟକ୍ଷତି ହୋଇଥିଲା । ଏହା ମଧ୍ୟରେ ୨୨ ବର୍ଷ ବିତି ଯାଇଛି । ଏହାରି ମଧ୍ୟରେ ଓସ୍‌ଡମାର ଗଠନ ଏହାର ପ୍ରାକୃତିକ ତଥା ଅନ୍ୟାନ୍ୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶେଷ ଅବଦାନ ଏବଂ ଏହି ବର୍ଷଗୁଡ଼ିକ ଭିତରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଆଯାଇଥିବା ବଳିଷ୍ଠ ପଦକ୍ଷେପ ଦ୍ୱାରା ବିପର୍ଯ୍ୟୟଜନିତ ଧନଜୀବନର କ୍ଷୟକ୍ଷତିକୁ ଅନେକ ମାତ୍ରାରେ ହ୍ରାସ କରାଯାଇପାରୁଛି। ଏହି ଅବସରରେ ପଞ୍ଚାୟତିରାଜ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଛନ୍ତି, ବିପର୍ଯ୍ୟୟ ପରିଚାଳନାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି।

## କାରଣ ନ ଥାଇ ଦମ୍ପତିଙ୍କୁ ନିଘୁଞ୍ଚ ପିଟିଲା ପୋଲିସ

**ସୁନାବେଡା,୨୯।୧୦(ସ୍ୱ.ପ୍ର.)**

ପୋଲିସ ସହାୟତାରେ କବାଡିଆ କାରବାର ଚଳାଉଥିବା ଖବର ଜଣାପଡିବା ପରେ ସେମିଳିଗୁଡା ପୋଲିସ ପ୍ରତିଶୋଧ ପରାୟଣ ହୋଇଉଠିଛି। ଶୁକ୍ରବାର ରାତି ୧୦ଟାରେ କିଛି କାରଣ ନ ଥାଇ ଏକ ଦମ୍ପତିଙ୍କ ଉପରେ ଆକ୍ରମଣ କରିଛି। ସେ ହେଲେ ଡି.ପ୍ରସାଦ ଓ ବି. ରାମେୟା। ପ୍ରସାଦ ତାଙ୍କ ଗର୍ଭବତୀ ସ୍ତ୍ରୀଙ୍କୁ ନେଇ ଯାଉଥିବା ବେଳେ ପୋଲିସ ସେମାନଙ୍କ ଉପରେ ଆକ୍ରମଣ କରିଥିଲା। ସେକେଣ୍ଡ ଅଫିସର ଅନିତା ନାୟକଙ୍କ ଉପସ୍ଥିତିରେ ଉଭୟଙ୍କୁ ଲହୁଲୁହାଣ କରିଥିବା ଜଣାପଡିଛି। ସ୍ୱାମୀସ୍ତ୍ରୀ ଯେତେ ନେହୁରା ହୋଇଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା। ପୋଲିସର ଏପରି କାର୍ଯ୍ୟାନୁଷ୍ଠାନ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖବର ପାଇ କୋରାପୁଟ ବିଧାୟକ ରଘୁରାମ ପଡାଲ ଘଟଣା ସ୍ଥଳରେ ପହଞ୍ଚି ପ୍ରସାଦଙ୍କ ସ୍ତ୍ରୀ ରାମେୟାଙ୍କୁ ଚିକିତ୍ସା ପାଇଁ କୋରାପୁଟ ପଠାଇଥିଲେ।

# ଦାବି ପୂରଣ ନ ହେଲେ ଷ୍ଟିୟରିଂ ଛାଡ଼ିବାକୁ ଚେତାବନୀ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**



ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଭୁବନେଶ୍ୱର ପିଏମ୍‌ଜି ଛକରେ ବିକ୍ଷୋଭ କରାଯାଉଛି।

ଦୀର୍ଘ ୨ ମାସ ହେବ ୧୦ ଦଫା ଦାବି ପୂରଣ ପାଇଁ ଦାବିପତ୍ର ଦିଆଯାଇଥିବା ବେଳେ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି । କରୋନା ମହାମାରୀ କାଳରେ ନିଜ ଜୀବନକୁ ବାଜି ଲଗାଇ ଡ୍ରାଇଭରମାନେ ଗୋଟିଏ ଜାଗାରୁ ଅନ୍ୟତ୍ର ଯାଉଥିବା ବେଳେ ସେମାନଙ୍କୁ କରୋନା ଯୋଦ୍ଧା ମାନ୍ୟତା ମିଳୁ ନାହିଁ। ୧୦ ଦଫା ଦାବି ପୂରଣ ଲାଗି ଶୁକ୍ରବାର ହଜାର ହଜାର ସଂଖ୍ୟାରେ ଡ୍ରାଇଭର ନବୀନ ନିବାସମୁହାଁ ହୋଇଥିଲେ। ଓଡ଼ିଶା ଡ୍ରାଇଭର ମହାସଂଘର ବିଶାଳ ଶୋଭାଯାତ୍ରା ହେତୁ ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ରସୁଲଗଡ଼ରୁ ବାଣୀବିହାର ହୋଇ ହଜାର ହଜାର ଡ୍ରାଇଭର ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ନବୀନ ନିବାସ ଅଭିମୁଖେ ଯାଇଥିଲେ। ଡ୍ରାଇଭରମାନଙ୍କ ବିଶାଳ ରାଲି ଯୋଗୁ ପ୍ରାୟ ୩ ଘଣ୍ଟା ଧରି ରାସ୍ତାଘାଟ ଜାମ୍ ହୋଇ ଯାଇଥିଲା। ନିଜର ଗନ୍ତବ୍ୟସ୍ଥଳକୁ ଯାଉଥିବା ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୧୦ ଦଫା ଦାବି ପୂରଣ ନିମନ୍ତେ ଗତ ସେପ୍ଟେମ୍ବର ୧ ତାରିଖରେ ଡ୍ରାଇଭର ଦିବସ ଅବସରରେ ଓଡ଼ିଶାର ୩୦ ଜିଲାର ଜିଲାପାଳଙ୍କୁ ମହାସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ଦାବି ପୂରଣ ନ ହେବାରୁ ଡ୍ରାଇଭରମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି ।

ଏପରି କି ଗତ ୨୧ ତାରିଖରୁ ରାଜ୍ୟର ବିଭିନ୍ନ ଜିଲାରୁ ଡ୍ରାଇଭରମାନେ ଚାଲି ଚାଲି ଭୁବନେଶ୍ୱରମୁହାଁ ହୋଇଥିଲେ। ଆନ୍ଦୋଳନରତ ଡ୍ରାଇଭରଙ୍କ ଦାବି ଅନୁଯାୟୀ କରୋନା ବେଳେ ଡ୍ରାଇଭରମାନେ ଅହରହ କାମ କରିଥିଲେ । ହେଲେ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା । ତାଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରାଯାଇ ନ ଥିବା ବେଳେ ଏ ଯାଏ ବହୁ ଡ୍ରାଇଭର କରୋନା ଟିକା ବି ପାଇପାରି ନାହାନ୍ତି। ରାଜ୍ୟରେ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଡ୍ରାଇଭରମାନଙ୍କ ସୁରକ୍ଷା ପ୍ରତି ସରକାର ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କାର ଇନ୍‌ସ୍ୟୁରାନ୍ସ ତଥା ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ, ପ୍ରତି ୧୦୦ କିମି ଦୂରତାରେ ବସ୍ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ୫୫ ବର୍ଷ ପରେ ପେନ୍‌ସନ ବ୍ୟବସ୍ଥା, ଡ୍ରାଇଭରଙ୍କୁ ସୁରକ୍ଷା ଦେବା ଇତ୍ୟାଦି ମହାସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ଡ୍ରାଇଭରଙ୍କ ପ୍ରତିଦିନ କାମ କରିବାର ସମୟ ସୀମା ୮ ଘଣ୍ଟା ରଖିବା ସହ ଛୋଟ ଗାଡ଼ି ଡ୍ରାଇଭରଙ୍କ ଦରମା ଅତି କମରେ ୧୫ ହଜାର ଟଙ୍କା ଓ ଲାଇନ୍ ଗାଡ଼ି ଡ୍ରାଇଭରଙ୍କ ଦରମା ୨୦ ହଜାର ଉପରେ କରିବା ଆଦି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବାକୁ ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି ।

### ଡ୍ରାଇଭର ମହାସଂଘର ବିଶାଳ ଶୋଭାଯାତ୍ରା

- ଦୁର୍ଘଟଣାରେ ମୃତ୍ୟୁ ହେଲେ ୧୦ ଲକ୍ଷ କ୍ଷତିପୂରଣ, ୫୫ ବର୍ଷ ପରେ ପେନ୍‌ସନ ଦେବାକୁ ଦାବି
- ୩ ଘଣ୍ଟା ଟ୍ରାଫିକ୍ ବିପର୍ଯ୍ୟସ୍ତ, ହନ୍ତସନ୍ତ ହେଲେ ଲୋକେ

### ମହାସଂଘର ଦାବିକୁ କଂଗ୍ରେସର ସମର୍ଥନ

୧୦ ଦଫା ଦାବି ପୂରଣ ନିମନ୍ତେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିଜର ସମର୍ଥନ ଜଣାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ, ମୁଖପାତ୍ର ପଦ୍ମାକର ଗୁରୁ ଓ ମନୋରଞ୍ଜନ ଦାଶ, ସମ୍ପାଦକ ପ୍ରଦୀପ ମହାପାତ୍ର ଯୋଗଦେଇ ଡ୍ରାଇଭରମାନଙ୍କର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ମହାସଂଘର ଦାବିଗୁଡ଼ିକୁ କଂଗ୍ରେସ ସମର୍ଥନ ଜଣାଇବା ସହ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରାଯାଇଛି।




# ‘ବାଣ ବଢ଼ାଇପାରେ ସଂକ୍ରମଣ’

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)**

- ସତର୍କ କରାଇଲା ସ୍ୱାସ୍ଥ୍ୟ ବିଭାଗ
- ଆଉ ୩୬୫ ଆକ୍ରାନ୍ତ, ୩ ମୃତ

ବାଣ ଫୁଟିଲେ କରୋନା ସଂକ୍ରମଣ ବଢ଼ିପାରେ। ତେଣୁ ଦୀପାବଳିରେ ବାଣ ନ ଫୁଟାଇବାକୁ ଡିଏମ୍‌ଇଟି ସିବିକେ ମହାନ୍ତି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ କରୋନା ରହିବା ଓ ବଢ଼ିବା ଚିନ୍ତାଜନକ ବିଷୟ। ସେଥିପାଇଁ ସମସ୍ତେ ସତର୍କ ରହିବା ଉଚିତ୍। ଆଗକୁ ଦୀପାବଳି ଅଛି। ଏହା ପାର୍ବଣର ସମୟ। ତେଣୁ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ଦୀପାବଳିରେ ବାଣ ଫୁଟାଇବା ଆମ ସଂସ୍କୃତିରେ ପରମ୍ପରା ରହିଛି। କିନ୍ତୁ ବାଣ ଫୁଟାଇଲେ ବାୟୁ ପ୍ରଦୂଷଣ ହୁଏ। ଗୁଡ଼ାଏ ଟକ୍ସିକ ପଦାର୍ଥ ବାୟୁମଣ୍ଡଳକୁ ଯାଏ। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଷ୍ଟଡି କହୁଛି, ବାଣ ଫୁଟାଇଲେ ନାଇଟ୍ରିକ୍ ଡାଇଅକ୍ସାଇଡ୍ ବାହାରିଥାଏ, ଯାହାକି କରୋନା ଭୂତାଣୁ ବୃଦ୍ଧିରେ ସାହାଯ୍ୟ କରିଥାଏ। ତେଣୁ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ। ସରକାର ଜାରି କରିଥିବା ଗାଇଡ୍‌ଲାଇନ୍ ମାନିଲେ କରୋନା ନିୟନ୍ତ୍ରଣରେ ରହିବ ବୋଲି ଡିଏମ୍‌ଇଟି କହିଛନ୍ତି।



ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟରେ କୋଭିଡ୍ ସ୍ଥିତି ଭଲ ରହିଛି। କିଛିଦିନ ହେଲାଣି ଖୋର୍ଦ୍ଧା ଓ କଟକ ଜିଲାରେ ସଂକ୍ରମଣ ଅଧିକ ରହୁଛି। କିନ୍ତୁ ଏଥିପ୍ରତି ବ୍ୟସ୍ତ ହେବାର ନାହିଁ। ଆମର ହସ୍ପିଟାଲରେ ଆଡ଼ମିଶନ ବଢୁନାହିଁ। ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁନାହିଁ। ତେବେ ମଝିରେ ମଝିରେ ହଠାତ୍ ସଂକ୍ରମଣ କାହିଁକି ବଢୁଛି, ତା’ ଉପରେ ତର୍ଜମା ଚାଲୁଛି। ସେହିପରି ଦୀପାବଳିରେ ଅମାନିଆ ନ ହୋଇ ନିୟମ ପାଳନ କଲେ ସ୍ଥିତି ଭଲ ରହିବ ବୋଲି ସେ କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୬,୬୧୦ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୪ ଜିଲାରୁ ୩୬୫ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ସଂକ୍ରମଣ ହାର ୦.୫୫%କୁ ଖସିଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୦ରୁ ୧୮ବର୍ଷ ବୟସର ୫୬ଜଣ ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୫୭ଜଣ ଚିହ୍ନଟ ହୋଇଥିବାବେଳେ କଟକ ୩୪ଜଣ, ମୟୂରଭଞ୍ଜ ୨୩ଜଣ ଓ ବାକିସବୁ ଜିଲାରୁ ଏହି ସଂଖ୍ୟା ୨୦ତଳେ ରହିଛି। ଏବେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦,୪୦,୫୯୫ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୩ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଭୁବନେଶ୍ୱର, ବାଲେଶ୍ୱର ଓ ଅନୁଗୋଳରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ୮,୩୨୫କୁ ବୃଦ୍ଧି ପାଇଛି। ଅନ୍ୟପଟେ ଶୁକ୍ରବାର ଆଉ ୫୫୩ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୦,୨୭,୬୫୪କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ୪,୫୬୩ଜଣ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୧୮୬ଜଣ ରହିଛନ୍ତି।




## ସଂକ୍ଷେପରେ

### ଉପରସେମ୍ଭିରେ ସିପିଏମ୍ ପକ୍ଷରୁ ରାଲି




**ପଟ୍ଟାଙ୍ଗୀ,୨୯।୧୦(ଡି.ଏନ.ଏ):** କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଲାଗି ରହିଥିବା ବିବାଦର କୌଣସି ସମାଧାନର ବାଟ ବାହାରୁ ନ ଥିବାରୁ ପଞ୍ଚାୟତବାସୀ ଏଥିରେ ପେଷି ହେଉଛନ୍ତି ବୋଲି ପଞ୍ଚାୟତକୁ ଶୁକ୍ରବାର ଗସ୍ତରେ ଆସିଥିବା ଆନ୍ଧ୍ର ସିପିଏମ୍‌ର ଜେନେରାଲ ସେକ୍ରେଟାରି ମାରି ଶ୍ରୀନିବାସ ରାଓ ପ୍ରକାଶ କରିଛନ୍ତି। ଉପରସେମ୍ଭି ଗ୍ରାମରେ ରାଓଙ୍କ ନେତୃତ୍ୱରେ ଏକ ବୈଠକ ହୋଇ ପରେ ରାଲି ଗ୍ରାମ ପରିକ୍ରମା କରିଥିଲା। ଏହି ସୀମା ବିବାଦକୁ ନେଇ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନାର ଆବଶ୍ୟକତା ରହିଛି। ଯେପର୍ଯ୍ୟନ୍ତ ଏପରି ଆଲୋଚନା ନ ହୋଇଛି ସେ ପର୍ଯ୍ୟନ୍ତ ସୀମା ବିବାଦ ତୁଟିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। କୋଟିଆ ପଞ୍ଚାୟତକୁ ପ୍ରବେଶ କରୁଥିବା ସମସ୍ତ ସୀମାନ୍ତ ରାସ୍ତାକୁ ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନ ସିଲ୍ କରିଦେଇଛି। ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇ ଅନୁପ୍ରବେଶକାରୀଙ୍କ ଉପରେ ନଜର ରଖାଯାଇଛି। ଏହା ସତ୍ତ୍ୱେ ଆନ୍ଧ୍ରର ବିଭିନ୍ନ ସରକାରୀ କର୍ମଚାରୀ ଏବଂ ରାଜନୈତିକ ଦଳ ଗଳାବାଟ ଦେଇ ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ବିବାଦ ସୃଷ୍ଟି କରୁଛନ୍ତି।

### ପରିତ୍ୟକ୍ତ କୋଠରିରୁ କଙ୍କାଳ ଜବତ

**ବଣ୍ଡା,୨୯।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ଥାନା ଖଣ୍ଡହତା ଗ୍ରାମର ଏକ ପରିତ୍ୟକ୍ତ କୋଠରିରୁ ଶୁକ୍ରବାର ପୋଲିସ ବଏଜା ଗ୍ରାମର ବ୍ରହ୍ମାନନ୍ଦ ସୁନା (୪୮)ଙ୍କ କଙ୍କାଳ ଜବତ କରିଛି। କଙ୍କାଳରେ ଲାଗିଥିବା ଡ୍ରେସ୍‌ରୁ ମୃତକ ବ୍ରହ୍ମାନନ୍ଦ ବୋଲି ସ୍ତ୍ରୀ ରଞ୍ଜିତା ସୁନା ଚିହ୍ନଟ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ କହିଛି, ବ୍ରହ୍ମାନନ୍ଦ ଗତ ସେପ୍ଟେମ୍ବର ୫ ତାରିଖରେ ରାଜ୍ୟ ବାହାରର ଏକ କମ୍ପାନୀରେ କାମ କରିବା ପାଇଁ ଘରୁ ଯାଇଥିବାବେଳେ କମ୍ପାନୀରେ ପହଞ୍ଚି ନ ଥିଲେ। ସେ ଉକ୍ତ ପରିତ୍ୟକ୍ତ କୋଠରିକୁ କେମିତି ଆସିଲେ ଓ ପ୍ରାଣ ହରାଇଲେ, ତାହା ଜଣାପଡ଼ିନି। ଉକ୍ତ କୋଠରିରେ ଏକ କଙ୍କାଳ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ।

# ସବୁଜ ବାଣ ବିକ୍ରି ମାମଲା
# ଆଜି ଏସ୍ଆରସି ନିଷ୍ପତ୍ତି ନେବେ

କଟକ ଅଫିସ,୨୯।୧୦

### ନଭେମ୍ବର ୧ରେ ଚୂଡ଼ାନ୍ତ ଶୁଣାଣି



ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆରସି) ରାଜ୍ୟରେ ସବୁଜ ବାଣ ବିକ୍ରିନେଇ ନିଷ୍ପତ୍ତି ନେବେ। ଏନେଇ ଶନିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ବ୍ୟବସାୟୀଙ୍କ ଆବେଦନ ଉପରେ ଶୁଣାଣି କରିବେ। ସବୁଜ ବାଣ ବିକ୍ରି ଅନୁମତି ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଶୁକ୍ରବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଏସ୍ଆରସି ସୁପ୍ରିମକୋର୍ଟ ଓ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶାବଳୀ ଏବଂ କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖିବେ। ଆସନ୍ତା ନଭେମ୍ବର ୧ ପୂର୍ବାହ୍ନ ସାଢେ ୧୦ଟା ସୁଦ୍ଧା ନିଷ୍ପତ୍ତି ସମ୍ପର୍କିତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବେ ଏସ୍ଆରସି। ସେହିଦିନ ଅପରାହ୍ନ ୨ଟାରେ ମାମଲାର ଚୂଡ଼ାନ୍ତ ଶୁଣାଣି ହେବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ଆବେଦନକାରୀ ଅଲ୍ ଓଡ଼ିଶା ଫାୟାର ୱାର୍କସ ଡିଲର୍ସ ଆସୋସିଏଶନ ଓ ଅନ୍ୟ ବ୍ୟବସାୟୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ ମୁଖାର୍ଜୀ ମାମଲା ପରିଚାଳନା କରୁଥିଲେ। ଏନ୍‌ଜିଟି ଗାଇଡ୍‌ଲାଇନ(୨୦୨୦ ଡିସେମ୍ବର ୧) ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ(୨୦୧୮ ଅକ୍ଟୋବର ୨୩ ଓ ୨୦୧୯ ଏପ୍ରିଲ ୨୧) ମୁତାବକ ସବୁଜ ବାଣ ବିକ୍ରି ଓ ବ୍ୟବହାର କରାଯାଇପାରିବ। ଏହାଦ୍ୱାରା ବାୟୁ ପ୍ରଦୂଷଣ ହୋଇ ନ ଥାଏ। ଏପରିସ୍ଥଳେ ରାଜ୍ୟ ସରକାର ବାଣ ବିକ୍ରି ଓ ଫୁଟାଇବା ପାଇଁ ଅନୁମତି ନ ଦେବାରେ କୌଣସି ଯଥାର୍ଥତା ନାହିଁ ବୋଲି ଆବେଦନକାରୀଙ୍କ ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ଦୀପାବଳିରେ ବାଣ ବିକ୍ରି ଓ ଫୁଟା ଉପରେ ରାଜ୍ୟ ସରକାର ଗତ ସେପ୍ଟେମ୍ବର ୩୦ରେ ରୋକ ଲଗାଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଅଲ୍ ଓଡ଼ିଶା ଫାୟାର ୱାର୍କସ ଡିଲର୍ସ ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ଜନଜୀବନ ସୁରକ୍ଷା ଓ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ହାଇକୋର୍ଟ ଉକ୍ତ ପିଟିଶନକୁ ଖାରଜ କରିଦେଇଥିଲେ। ଏହି ଆସୋସିଏଶନ ଏକ ପଞ୍ଜୀକୃତ ସଂସ୍ଥା ନୁହେଁ ଓ ଏହି ପ୍ରସଙ୍ଗରେ ସାନି ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ଆସୋସିଏଶନ ସୋସାଇଟି ଆକ୍ଟରେ ପଞ୍ଜୀକୃତ ହୋଇ ମାମଲା ଦାଏର କରିଥିଲେ। ସେହିପରି ମହେଶ ଷ୍ଟୋର, ପ୍ରମିଳା ଏଣ୍ଟରପ୍ରାଇଜେସ ଓ କେତେଜଣ ବାଣ ବ୍ୟବସାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ହାଇକୋର୍ଟ ରାଜ୍ୟ ସରକାର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନୋଟିସ ଜାରି କରିଥିଲେ।

# ଗଞ୍ଜାମ ଡିଇଓ, ଡିପିସି, ୯ ବିଇଓଙ୍କୁ କୈଫିୟତ ତଲବ

ଛତ୍ରପୁର,୨୯।୧୦(ଡି.ଏନ.ଏ.)

### ଜାଲ୍ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ

ଗଞ୍ଜାମ ଜିଲାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚରେ ବିଳମ୍ବ ହୋଇଛି। ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ହାତେଇଛନ୍ତି। ଯାଞ୍ଚ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା। ତେବେ ଯାଞ୍ଚରେ ବିଳମ୍ବ ଓ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେବା ଜିଲା ଓ ବ୍ଲକସ୍ତରର ଅଧିକାରୀମାନଙ୍କୁ ମହଙ୍ଗା ପଡିଛି। ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀ (ଡିଇଓ), ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ଏବଂ ଛତ୍ରପୁର, ଖଲ୍ଲିକୋଟ, ଆସିକା, କବିସୂର୍ଯ୍ୟନଗର, ହିଞ୍ଜିଳିକାଟୁ, ପାତ୍ରପୁର, ଗଞ୍ଜାମ, ବେଗୁନିଆପଡା ଓ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପ୍ରାଥମିକ ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଓସିଏସ୍ (ସିସିଏ) ରୁଲ୍ସ, ୧୯୬୨ର ୧୬ ଧାରା ଅନୁସାରେ କାହିଁକି ସେମାନଙ୍କ ନାଁରେ ସରକାର ବିଭାଗୀୟ ପ୍ରୋସିଡିଂ ଗ୍ରହଣ କରିବେ ନାହିଁ ସେ ସମ୍ପର୍କରେ ଅଧିକାରୀମାନଙ୍କୁ ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ କୈଫିୟତ ତଲବ ହୋଇଛି। ଏଥିସହ ଜାଲ୍ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ସମସ୍ତ ତଦନ୍ତ ଓ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଞ୍ଜାମ ଜିଲାପାଳଙ୍କ ଅବଗତି ନିମନ୍ତେ ଏକ ଚିଠି(ନଂ.୧୬୮୯୮/୧୮-୧୦-୨୧) ଆସିଛି। ପୂର୍ବରୁ ୬୧ ଶିକ୍ଷକଙ୍କ ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ହୋଇ ନ ଥିବାରୁ ଜିଲା ଶିକ୍ଷାଧିକାରୀ, ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଏବଂ ୧୨ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦରମା ବନ୍ଦ କରାଯାଇଥିଲା।

# କୋଟିଆର ଡୋଲିଆମ୍ବରେ ଗ୍ରାମସଭା



ଅଧିକାରୀମାନେ ଗ୍ରାମବାସୀଙ୍କୁ ଷ୍ଟ୍ରବେରି ଚାଷ ସମ୍ପର୍କରେ ବୁଝାଉଛନ୍ତି।

କୋରାପୁଟ,୨୯।୧୦(ସ୍ୱ.ପ୍ର.)

### ୫ ଏକର ଜମିରେ ଷ୍ଟ୍ରବେରି ଚାଷ କରିବ ଆଇଟିଡିଏ

କୋରାପୁଟ ଜିଲାର କୋଟିଆ ପଞ୍ଚାୟତର ଡୋଲିଆମ୍ବ ଗ୍ରାମରେ ଶୁକ୍ରବାର ଆଇଟିଡିଏ ପକ୍ଷରୁ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ଡୋଲିଆମ୍ବଠାରେ ୫ ଏକର ଜମିରେ ଷ୍ଟ୍ରବେରି ଚାଷ କରିବାକୁ ଆଇଟିଡିଏ ଲକ୍ଷ୍ୟ ରଖିଛି। ସଫଳ ଷ୍ଟବେରି ଚାଷୀ ଭାର୍ଗବ ଲାକେଡଙ୍କ ସହ ଆଇଟିଡିଏର ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରି ଗ୍ରାମସଭାରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା। ଏହି ଚାଷ ଅଞ୍ଚଳ ପାଇଁ ନୂଆ ହୋଇଥିବାରୁ ଆଗ୍ରହୀ ଚାଷୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ମିଳିବ ବୋଲି ଆଇଟିଡିଏର ଜିଲା କାର୍ଯ୍ୟକ୍ରମ ସଂଯୋଜକ କାଶୀପ୍ରସାଦ ନାୟକ କହିଛନ୍ତି। ଉପସ୍ଥିତ ପ୍ରକଳ୍ପ ପରିଚାଳକ ସତ୍ୟରଞ୍ଜନ ମହାନ୍ତି ଷ୍ଟ୍ରବେରି ଚାଷର ଲାଭ ସମ୍ପର୍କରେ ସୂଚନା ଦେଇ ଏହାର ବିକ୍ରି ବନ୍ଦୋବସ୍ତ ଆଇଟିଡିଏ କରିବ ବୋଲି କହିଥିଲେ। ଗ୍ରାମସଭାରେ ଡୋଲିଆମ୍ବ ଗ୍ରାମର ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ସହ ଗ୍ରାମର ୪୪ ପରିବାରର ମହିଳା ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କୃଷି ପରାମର୍ଶଦାତା ଶିବ ବେହେରା ପରିଚାଳନା କରିଥିଲେ।

# ସ୍ୱାମୀଙ୍କୁ ଆଜୀବନ ଜେଲ

ଜଗତ୍‌ସିଂହପୁର ଅଫିସ, ୨୯।୧୦

### ଅନସୂୟା ହତ୍ୟା ମାମଲା

ଜଗତ୍‌ସିଂହପୁର ଥାନା ଆଳିପିଙ୍ଗଳ ପାତ୍ର ସାହିର ଅନସୂୟା ପାତ୍ର ଓରଫ ରକି(୨୨)ଙ୍କୁ ୨୦୧୦ରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଅଭିଯୁକ୍ତ ସ୍ୱାମୀ ଶ୍ରୀନିବାସ ପାତ୍ର (୪୦)ଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଭିଯୁକ୍ତଙ୍କୁ ଆଉ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ଅନ୍ୟ ୨ ଅଭିଯୁକ୍ତ ଯଥା ଅନୁସୟାଙ୍କ ଶାଶୁ ଚନ୍ଦନା ପାତ୍ର ଓ ଶ୍ୱଶୁର ସରୋଜ ପାତ୍ରଙ୍କୁ ଆବଶ୍ୟକ ସାକ୍ଷୀ ଓ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରି ଦିଆଯାଇଛି ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଶ୍ରୀନିବାସ ଓ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜିଲା ଓ ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି।

୩ ଅଗଷ୍ଟ ୨୦୦୮ରେ ଅନୁସୟା ଓ ଶ୍ରୀନିବାସଙ୍କ ମଧ୍ୟରେ ବିବାହ ହୋଇଥିଲା। ଦାବି ମୁତାବକ କନ୍ୟା ପକ୍ଷ ଯୌତୁକ ଦେଇଥିଲେ। କିନ୍ତୁ ଅଧିକ ଯୌତୁକ ଦାବି କରି ଅନସୂୟାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ବିବାହର ମାତ୍ର ୨ ବର୍ଷ ପରେ ଅର୍ଥାତ୍ ୫ ଡିସେମ୍ବର ୨୦୧୦ରେ ଅନସୂୟାଙ୍କୁ କିରୋସିନ ଢାଳି ନିଆଁ ଲଗାଇ ହତ୍ୟା କରାଯାଇଥିବା ନେଇ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଥିଲା। ଅନୁସୟାଙ୍କ ଦାଦା ତଥା ଚଢେଇଗାଁର ସାରଦା ପ୍ରସନ୍ନ ରାୟଙ୍କ ଅଭିଯୋଗ ଆଧାରରେ ସ୍ୱାମୀ ଶ୍ରୀନିବାସ, ଶାଶୁ ଓ ଶ୍ୱଶୁରଙ୍କ ନାମରେ ମାମଲା ରୁଜୁ ହୋଇଥିଲା।

# ବୋମା ମାଡ଼ରେ ଯୁବକ ଗୁରୁତର

**ଆସିକା,୨୯।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମରେ ଶୁକ୍ରବାର ବୋମାମାଡରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଟୁକୁନା ସ୍ୱାଇଁ। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାରୁ ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ବୋମାମାଡ଼ର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନାହିଁ। ପୂର୍ବାହ୍ନରେ ଟୁକୁନା ଗ୍ରାମ ମୁଖ୍ୟ ରାସ୍ତାରେ ଠିଆ ହୋଇଥିବା ବେଳେ ଦୁଇ ଯୁବକ ପଛରୁ ଆସି ତାଙ୍କ ମୁଣ୍ଡକୁ ବୋମାମାଡ଼ କରି ଫେରାର୍ ହୋଇଯାଇଥିଲେ। ବୋମାମାଡ଼ ଘଟଣା ପରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
We urgenty required **Telecaller & Marketing Executive** for our office with Salary- 5000/- + Incentive 5%. **SATYANJANA PROPERTIES PVT. LTD. (Real Estate Company), N1/200, IRC Village, Nayapalli, Bhubaneswar.**
**9937605788 (M)**

**APPOINTMENT**
A Chartered Accountant Firm of Bhubaneswar, Chandrasekharpur urgently needs **Commerce Graduates** well versed in accounts and computer operation including Tally.
Contact- **9937660499**

**URGENT REQUIRED**
District & Block Nodal Officer in each district of Odisha required for providing training & certification as per FSSAI, Govt. of India. Qualification: 10th, +2, Graduate with Computer Skill.
Contact: 8800319622, 9438383998

**APPOINTMENT**
ଭୁବନେଶ୍ୱରରେ ଘରୋଇ ରୋଷେଇ କରିବା ପାଇଁ ପୁରୁଷ / ମହିଳା ଆବଶ୍ୟକ।
ଯୋଗାଯୋଗ: 9937203178

**OFFICE OF THE SECRETARY / PRINCIPAL**
**EKALABYA PANCHAYAT SAMITI**
**HIGHER SECONDARY SCHOOL, KANSAR**
(SWAMY PREMANANDA VIHAR) Code No.- NB04
At/P.O.- Kansar, Dist.- Deogarh, Odisha, PIN - 768121
principal.epscollege@gmail.com
**WALK-IN-INTERVIEW**
**EKALABYA P.S.H.S. SCHOOL, KANSAR, DIST.- DEOGARH**
Wanted Lecturers in **PHYSICS, CHEMISTRY, MATHEMATICS, BOTANY, ZOOLOGY, M.I.L(O), ENGLISH & EDUCATION** on contractual basis having 55% marks at P.G. Level for Ekalabya P.S.H.S. School, Kansar, Dist.- Deogarh. Attend the interview with bio-data & photocopies of all testimonials on Dt.08.11.2021 at 11.00 A.M. in the college premises. **Salary is Negotiable.**
Sd./- Principal I/C-cum-Secy.
E.P.S.H.S.S., Kansar, Dist.- Deogarh
Mob.: 9437501996 | 7608858976

# ପ୍ରେମିକଙ୍କୁ ଛାଡ଼ି ସ୍ୱାମୀ ସହ ଯିବାକୁ ଅରାଜି

**ଅନୁଗୋଳ ଅଫିସ, ୨୯।୧୦:** ଅନୁଗୋଳ ସହର ଉପକଣ୍ଠରୁ ଗତ ୧୯ ତାରିଖରୁ ନିଖୋଜ ଥିବା ଜଣେ ମହିଳା ସଦର ଥାନା ଅଞ୍ଚଳରେ ପ୍ରେମିକଙ୍କ ସହ ରହୁଛନ୍ତି। ଏ ନେଇ ସ୍ୱାମୀ ଖବର ପାଇବା ପରେ ଶୁକ୍ରବାର ତାଙ୍କୁ ଆଣିବାକୁ ଉକ୍ତ ଗାଁକୁ ଯାଇଥିଲେ ହେଁ ପ୍ରେମିକଙ୍କୁ ଛାଡ଼ି ସ୍ୱାମୀ ଓ ଦୁଇ ପିଲାଙ୍କ ପାଖରେ ରହିବାକୁ ମହିଳା ଜଣଙ୍କ ସିଧା ମନା

### ମହିଳାଙ୍କୁ ଥାନାକୁ ଆଣିଲା ପୋଲିସ

କରିଦେବା ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ଜାଣିବା ପରେ ପ୍ରେମିକ ମଧ୍ୟ ମହିଳାଙ୍କୁ ରଖିବାକୁ ଆଉ ରାଜି ହେଉନାହାନ୍ତି। ଖବରପାଇ ସଦର ଥାନା ପୋଲିସ ସମ୍ପୃକ୍ତ ମହିଳାଙ୍କୁ ଥାନାକୁ ଆଣିଥିବା ସୂଚନା ମିଳିଛି। ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ କହିଛନ୍ତି, ମହିଳା ଜଣକ ଗତ ୧୯ ତାରିଖରୁ ନିଖୋଜ ଥିବା ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ସ୍ୱାମୀ ବାହାରେ କାମ କରୁଥିବା ବେଳେ ମହିଳା ଜଣଙ୍କ ପିଲାଙ୍କୁ ଛାଡ଼ି ପ୍ରେମିକଙ୍କ ସହ ପଳାଇ ଯାଇଥିଲେ। ପ୍ରେମିକଙ୍କ ଗାଁରେ ଏକ ଭଡ଼ା ଘରେ ଦୁହେଁ ରହୁଥିଲେ। ଖବରପାଇ ମହିଳାଙ୍କ ସ୍ୱାମୀ ସେଠାରେ ପହଞ୍ଚି ଗ୍ରାମ ସଭାପତିଙ୍କ ସହାୟତା ଲୋଡ଼ିଥିଲେ। ହେଲେ ମହିଳା ଜଣଙ୍କ ପ୍ରେମିକଙ୍କୁ ଛାଡ଼ି ସ୍ୱାମୀଙ୍କ ସହ ଯିବାକୁ ରାଜି ନ ହେବାରୁ ଗ୍ରାମ ସଭାପତି ଥାନାକୁ ଖବର ଦେଇଥିଲେ। ଅନୁଧ୍ୟାନ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

**PARADIP PORT TRUST**
**e-TENDER CALL NOTICE**
TD/TM/GEN-225 (Vol-III)/20/2041 dtd. 25.10.2021
Name of the Work : **"Allotment of 09 (Nine) nos. of Manual Iron Ore/ Iron Ore Pallet Plots."** License Fees : ₹ **2,35,85,958.00**. Wharfage Fees : ₹ **6,17,041.00**. Last Date & Time of Submission of Bid : **15.11.2021 upto 15.00 Hrs.** Date and Time of Opening (Technical Bid) :**15.11.2021 upto 16.00 Hrs.**
Refer our website for details :
**https://eprocure.gov.in/eprocure/app.**
*Traffic Manager (I/c)*
*Paradip Port Trust*
PPT/PR/119/21-22 Dt.29.10.2021

# ଭେଣ୍ଟିଲେଟରରେ ୬୮ ବର୍ଷ

**ଦିନେ ନୁହେଁ କି ଦୁଇଦିନ, ଲୁହା ଚାମ୍ବର ଏବଂ ଭେଣ୍ଟିଲେଟରରେ ବିତିଗଲାଣି ଦୀର୍ଘ ୬୮ ବର୍ଷ। ତଥାପି ହାରିନାହାନ୍ତି ଯୁକ୍ତରାଷ୍ଟ୍ର ଆମେରିକା ଓକଲାହୋମାର ପୋଲିଓ ଆକ୍ରାନ୍ତ ମହିଳା ମାର୍ଥା ଲିଲାର୍ଡ। କରୋନା ସମୟରେ ମାନସିକ ସନ୍ତୁଳନ ହରାଇ ଅନେକେ ରୋଗୀ ଆତ୍ମହତ୍ୟାର ବାଟ ବାଛି ନେଉଥିବାବେଳେ ଅସୀମ ଧୈର୍ଯ୍ୟ, ସାହସ ଏବଂ ସଂଘର୍ଷର ଉଦାହରଣ ସାଜିଛନ୍ତି ମାର୍ଥା।**

ନ୍ୟୁୟର୍କ,୨୯।୧୦

### ସାହସ, ସଂଘର୍ଷର ଅନ୍ୟନାମ ମାର୍ଥା



ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଶ୍ୱବାସୀଙ୍କ ନିଦ ହଜାଇ ଦେଇଥିଲା ମାରାତ୍ମକ ଭୂତାଣୁବାହିତ ରୋଗ ପୋଲିଓ। ଊନବିଂଶ ଶତାବ୍ଦୀର ମଧ୍ୟଭାଗ ଅର୍ଥାତ୍ ୧୯୪୦ ବେଳକୁ କେବଳ ଆମେରିକାରେ ୩୫ ହଜାର ଲୋକ ପୋଲିଓରେ ଆକ୍ରାନ୍ତ ହୋଇ ପାଲଟି ଯାଇଥିଲେ ଦିବ୍ୟାଙ୍ଗ। ସମ୍ପୃକ୍ତ ପୋଲିଓ ଆକ୍ରାନ୍ତଙ୍କ ମଧ୍ୟରୁ ମାର୍ଥା ଲିଲାର୍ଡ ହେଉଛନ୍ତି ଜଣେ।

୧୯୫୩ ଜୁନ୍ ୮ରେ ଓକଲାହୋମାର ଏକ ବିଳାସମୟ ଏଣ୍ଟରଟେନମେଣ୍ଟ ପାର୍କରେ ନିଜର ପଞ୍ଚମ ଜନ୍ମଦିନ ପାଳିଥିଲେ ମାର୍ଥା। ଏହାପରେ ଶେଷ ହୋଇଯାଇଥିଲା ତାଙ୍କର ଖୁସିର ସମୟ। ଜନ୍ମଦିନର ପାଖାପାଖି ସପ୍ତାହେ ପରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଆରମ୍ଭ ହେଲା। ପ୍ରବଳ ଜ୍ୱର, ଥଣ୍ଡା ସହିତ ସମଗ୍ର ଶରୀରରେ ସୃଷ୍ଟି ହେଲା ଅସହ୍ୟ ଯନ୍ତ୍ରଣା। ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଙ୍କ ପାଖକୁ ନେଇଗଲେ। ନମୁନା ପରୀକ୍ଷଣରୁ ସେ ପୋଲିଓ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ପାଖାପାଖି ୬ ମାସ ଧରି ଡାକ୍ତରଖାନାରେ ଚିକିତ୍ସା ସତ୍ତ୍ୱେ ମାର୍ଥାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ। ଓଲଟି ଶ୍ୱାସକ୍ରିୟାରେ ସୃଷ୍ଟି ହେଲା ଜଟିଳ ସମସ୍ୟା। ତାଙ୍କୁ ବଞ୍ଚାଇ ରଖିବା ଲାଗି ଡାକ୍ତରମାନେ ଲୁହା ନିର୍ମିତ ଏକ ସ୍ୱତନ୍ତ୍ର ଭେଣ୍ଟିଲେଟର (କୃତ୍ରିମ ଫୁସ୍‌ଫୁସ୍)ର ସହାୟତା ନେଇଥିଲେ। ସେବେଠାରୁ ମାର୍ଥା ସେହି ଲୁହା ଚାମ୍ବର ଭିତରେ ଜୀବନ କାଟୁଛନ୍ତି। ପୋଲିଓ କେତେବେଳେ କେଉଁ ଅଙ୍ଗକୁ ପ୍ରଭାବିତ କରିବ ତାହାର କୌଣସି ନିର୍ଦ୍ଦିଷ୍ଟତା ନାହିଁ। ଡାକ୍ତରଙ୍କ ସମସ୍ତ ଅନୁମାନକୁ ଭୁଲ ପ୍ରମାଣିତ କରି ମାର୍ଥାଙ୍କ କ୍ଷେତ୍ରରେ ଠିକ୍ ଏହା ହିଁ ଘଟିଥିଲା। ପୋଲିଓ ଆକ୍ରାନ୍ତ ମାର୍ଥାଙ୍କ ପାଇଁ ନିର୍ମିତ ଭେଣ୍ଟିଲେଟରର ଲମ୍ବ ପ୍ରାୟ ୭ ଫୁଟ୍। ଏଥିରେ କେବଳ ମୁଣ୍ଡ ବାହାରକୁ ରହୁଥିବାବେଳେ ସମଗ୍ର ଶରୀର ଭିତରେ ରହିବା ବ୍ୟବସ୍ଥା କରାଯାଇଛି। ଏଥିରେ ଭାକ୍ୟୁମ୍ ସୃଷ୍ଟି କରାଯାଇଥାଏ। ଫଳରେ ସ୍ୱତନ୍ତ୍ର ଉପକରଣ ଦ୍ୱାରା ଫୁସ୍‌ଫୁସ୍‌ରେ ଆପେଆପେ ଶ୍ୱାସକ୍ରିୟା ହୋଇଥାଏ। ଦୀର୍ଘବର୍ଷ ଧରି ଏହି ଭେଣ୍ଟିଲେଟର ମାର୍ଥାଙ୍କ ଜୀବନ ବଞ୍ଚାଇ ରଖିଛି। କରୋନା ସମୟରେ ପାଖାପାଖି ୨ବର୍ଷ ହେଲା ମାର୍ଥା ଏକପ୍ରକାର ଆଇସୋଲେଶନରେ ରହିଛନ୍ତି।

ସୂଚନାଯୋଗ୍ୟ, ୧୯୫୫ରେ ପୋଲିଓ ପ୍ରତିଷେଧକ ବାହାରିବା ପରେ ଆମେରିକାରେ ବ୍ୟାପକ ଟିକାକରଣ ହୋଇଥିଲା। ୧୯୭୯ଠାରୁ ଆମେରିକାରେ ଜଣେ କେହି ପୋଲିଓ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ପାକିସ୍ତାନ ଏବଂ ଆଫଗାନିସ୍ତାନର କେତେକ ଅଞ୍ଚଳକୁ ବାଦ୍‌ଦେଲେ ବିଶ୍ୱ ଏବେ ପୋଲିଓ ମୁକ୍ତ ହୋଇସାରିଛି।

**ମାଟିଆଗୁଣ୍ଡି (BPH) ପୋକର ପରିଚାଳନା ନିମନ୍ତେ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଶେଷ ସୂଚନା**
No. L-76
ବର୍ତ୍ତମାନ ପରିସ୍ଥିତିରେ ଆମ ରାଜ୍ୟର କେତେକ ଜିଲ୍ଲାରେ ମାଟିଆଗୁଣ୍ଡି ପୋକ ଲାଗିଥିବା ଦେଖାଦେଇଛି। ଏହି ପୋକ ଧାନ ଗଛ ମୂଳରେ ପାଣି ସ୍ତର ଉପରେ ରୁହେ। ଏମାନଙ୍କର ଆର୍ଥିକ ଦେହଳୀ ସୀମା ରେଖା ହେଉଛି ବୁଦା ପ୍ରତି ୧୦ଟି ପୋକ, ଏହି ପୋକର ଉଭୟ ଅର୍ଭକ ଓ ପୂର୍ଣ୍ଣାଙ୍ଗ ଅବସ୍ଥା ଧାନ ଗଛ କାଣ୍ଡରୁ ପ୍ରଚୁର ପରିମାଣରେ ରସ ଶୋଷି ନିଅନ୍ତି ଯାହା ଦ୍ୱାରା ଧାନ ଗଛ ଗୁଡ଼ିକ ସମ୍ପୂର୍ଣ୍ଣ ଶୁଖି ବାଦାମୀ ରଙ୍ଗ ଦେଖାଯାଏ। ବିଭିନ୍ନ ସ୍ଥାନରେ ଧାନ ବିଲ ମଝିରେ ବାଦାମୀ ରଙ୍ଗର ଚକଡ଼ା ଚକଡ଼ା ଗୋଲାକାର ଆକୃତି ଦେଖାଯାଏ। ଏ କୀଟର ପ୍ରଜନନ କ୍ଷମତା ଅଧିକ ଅଟେ ଯାହା ଫଳରେ ଖୁବ୍ କମ୍ ଦିନରେ ଏହି ପୋକର ଆକ୍ରମଣ କ୍ଷିପ୍ର ଗତିରେ ଗୋଟେ ସ୍ଥାନରୁ ଅନ୍ୟ ସ୍ଥାନକୁ ମାଡ଼ି ଯାଏ।
**ପରିଚାଳନା**
୧) ପ୍ରଥମେ ଆକ୍ରାନ୍ତ ଜମିରୁ ପାଣି ନିଷ୍କାସନ କରିବା ଦରକାର ଓ ୩ ରୁ ୪ ଦିନ ଶୁଖାଇ ପୁଣି ପାଣି ମଡ଼ାଇବା ଦରକାର। ଏମିତି ଅଦଳବଦଳ କରି ଜମିରେ ପାଣି ରଖିବା ଦରକାର।
୨) ଜମିରେ ପ୍ରତି ୧୦ଧାଡ଼ି ଗଛ ପରେ କତି କରନ୍ତୁ ଯାହାଦ୍ୱାରା ଗଛ ମୂଳରେ ଆଲୋକ ପଡ଼ି ପାରିବ।
୩) ପୋକ ଆକ୍ରମଣ ସମୟରେ ଯବକ୍ଷାରଜାନ ପ୍ରୟୋଗ ବନ୍ଦ ରଖନ୍ତୁ।
୪) ଜମିରେ ବୁଢ଼ିଆଣୀ ଛାଡ଼ନ୍ତୁ।
୫) କୀଟନାଶକ ଔଷଧ ଗଛ ମୂଳରେ ସିଞ୍ଚନ କରନ୍ତୁ।

| କ୍ର.ସଂ. | ଅନୁମୋଦିତ କୀଟନାଶକ ନାମ | ପରିମାଣ |
| --- | --- | --- |
| ୧ | ଡାଇନୋଟିଫ୍ୟୁରନ୍ ୨୦% ଏସ୍.ଜି. | ୨୦୦ ଗ୍ରାମ ୫୦୦ ଲିଟର ପାଣିରେ |
| ୨ | ଇଥୋଫେନୋପ୍ରକ୍ସ ୧୦% ଇ.ସି. | ୫୦୦ ମି.ଲି. ୫୦୦ ଲିଟର ପାଣିରେ |
| ୩ | ପାଇମେଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୩୦୦ ଗ୍ରାମ୍ ୫୦୦ ଲିଟର ପାଣିରେ |
| ୪ | ବୁପ୍ରୋଫେଜିନ୍ ୧୫%+ ଏସିଫେଟ୍ ୫୦%ଡବ୍ଲୁ.ଜି. | ୧୨୫୦ଗ୍ରାମ୍ ୫୦୦ ଲିଟର ପାଣିରେ |
| ୫ | କ୍ଲୋଥିଆନିଡ଼ିନ ୫୦% ଡବ୍ଲୁ.ଜି. | ୨୪ଗ୍ରାମ୍ ୫୦୦ ଲିଟର ପାଣିରେ |
| ୬ | ଫ୍ଲୋନିକାମାଇଡ ୫୦% ଡବ୍ଲୁ.ଜି. | ୧୫୦ ଗ୍ରାମ୍ ୫୦୦ ଲିଟର ପାଣିରେ |

ଉପରୋକ୍ତ କୀଟନାଶକକୁ ଅଦଳ ବଦଳ କରି ପାଣିରେ ମିଶାଇ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ଗୋଟିଏ ଔଷଧକୁ ବାରମ୍ବାର ପ୍ରୟୋଗ କରନ୍ତୁ ନାହିଁ।
**ଅଧିକ ତଥ୍ୟ ଜାଣିବା ପାଇଁ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା 'ଆମ କୃଷି' ଦେୟମୁକ୍ତ ଦୂରଭାଷ ନମ୍ବର ୧୫୫୩୩୩ରେ ଯୋଗାଯୋଗ କରନ୍ତୁ।**
OIPR-01034/11/0027/2122
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

**COLLECTORATE, SUNDARGARH**
**(Civil Supplies Section)**
**Advertisement No. 1723** **Dt.28.10.2021**
**ADVERTISEMENT FOR CONTRACTUAL ENGAGEMENT**
Civil Supplies Office, Sundargarh invites application from prospective eligible and experienced candidates for contractual engagement for the post of Technical Support Staff (DPMU) under Integrated Management of Public Distribution System (IMPDS).
Information, in details including job description, eligibility criteria & general instructions for submission of application may be seen in the district website **www.sundargarh.nic.in**.
The application shall be submitted through Speed Post/ Registered Post only addressed to **"Civil Supplies Office, Sundargarh, At/P.O.- Sundargarh, Dist.- Sundargarh, PIN - 770001"**.
Closing date for submission of complete application in all respect is 18.11.2021.
**Sd./- Collector, Sundargarh**

**ROURKELA DEVELOPMENT AUTHORITY**
**UDITNAGAR, ROURKELA - 769012**
**Mail: secretaryrda@gmail.com, GSTIN: 21AAALR0294B1ZK**
**No. 2082/RDA** **Dated: 28.10.2021**
**PROCLAMATION**
It is hereby informed to the General Public that Narayan Das, D/o. Late Sandhya Das has applied for mutation of House No. C3M/20 under Gopabandhu Nagar Housing Scheme, Phase-II, Chhend in his favour consequent upon death of his daughter Late Sandhya Das. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
**Sd./- Secretary**
**Rourkela Development Authority**

ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ । କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ । ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ । ଅସତ୍‌ର ବିକୃତ କ୍ଲେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ । ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର । – ଶ୍ରୀଅରବିନ୍ଦ



# ଦରକାରୀ ବାବୁ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଜଣେ ବିଜ୍ଞ, ସଚେତନ ଅଧିକାରୀ ଭାବେ ଅମିତ ଖାରେ ସବୁଥିରେ ସତର୍କ ରହିବା ଯୋଗୁ କାର୍ଯ୍ୟ ଭଲ ଭାବେ ହୋଇଯାଏ ବୋଲି ତାଙ୍କର ଜଣେ ବରିଷ୍ଠ ସହଯୋଗୀ କହନ୍ତି । ଅଧିକାଂଶ ପର୍ଯ୍ୟବେକ୍ଷକ ମଧ୍ୟ ଏହା କହନ୍ତି ଯେ, ଖାରେଙ୍କର ଏହି ପ୍ରବୃତ୍ତି ତାଙ୍କୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍‌ଓ)ରେ ପହଞ୍ଚାଇଛି ଓ ପ୍ରଧାନମନ୍ତ୍ରୀଙ୍କ ନୂଆ ପରାମର୍ଶଦାତା ଭାବେ ନିଯୁକ୍ତି ପାଇବାରେ ସାହାଯ୍ୟ କରିଛି । ପ୍ରକୃତ କଥା ହେଉଛି, ସେ ଏନ୍‌ଡିଏ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଶିକ୍ଷାନୀତି ଏବଂ ଆଇଟି ରୁଲ୍‌ସକୁ ମାର୍ଗଦର୍ଶନ କରିଛନ୍ତି । ଏଥିପାଇଁ ଗତମାସରେ ଅବସର ଗ୍ରହଣ କରିଥିବା ଝାଡ଼ଖଣ୍ଡ କ୍ୟାଡର୍ ତଥା ୧୯୮୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଖାରେଙ୍କୁ ପିଏମ୍‌ଓରେ ଦେଖିବାକୁ ମିଳିଛି । ଏନ୍‌ଡିଏ ସରକାରଙ୍କ ପାଇଁ ଅତି ଦରକାରୀ ବାବୁମାନଙ୍କ ମଧ୍ୟରେ ସେ ଅନ୍ୟତମ ବୋଲି ବିଚାର କରାଯାଉଛି । ଖାରେଙ୍କ ଉଚ୍ଚକୋଟୀର କ୍ୟାରିୟର ରେକର୍ଡକୁ ଦେଖିଲେ ସେ କ୍ୟାବିନେଟ ସଚିବ ହେବେ ବୋଲି ଆଶା କରାଯାଉଥିଲା, କିନ୍ତୁ ତାହା ହେଲାନାହିଁ । ତଥାପି ସେ ପରାମର୍ଶଦାତା ଭାବେ ପିଏମ୍‌ଓରେ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ କ୍ୟାବିନେଟ ସଚିବ ଠାରୁ ନିଜକୁ ଅଧିକ ପ୍ରଭାବୀ ସାବ୍ୟସ୍ତ କରିପାରିବେ ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରିନ୍ସିପାଲ ସେକ୍ରେଟାରି ହୋଇପାରିବେ ବୋଲି କୁହାଯାଉଛି । ତେବେ କେନ୍ଦ୍ରରେ କାର୍ଯ୍ୟ କରିବା ମଧ୍ୟରେ ଖାରେ ସବୁବେଳେ ତାଙ୍କ ପଲିଟିକାଲ ମାଷ୍ଟର୍‌ଙ୍କର ଭରସାଯୋଗ୍ୟ ହୋଇପାରିଛନ୍ତି ଓ ଏପରି କି ଉପା ସରକାର ଅମଳରେ ଏହା ସମ୍ଭବ ହୋଇଛି । ମୋଦି ସରକାରରେ ସୂଚନା ଓ ପ୍ରସାରଣ ସଚିବ ଭାବେ କାର୍ଯ୍ୟ କରିବା ସମୟରେ ସେ ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ, ଯାହା ତାଙ୍କୁ ପିଏମ୍‌ଓରେ ପହଞ୍ଚାଇପାରିଲା । ତେବେ କୋଭିଡ୍ ସ୍ଥିତି ରହିଥିବାବେଳେ ଆସନ୍ତା ବର୍ଷ ହେବାକୁ ଥିବା କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ ତାଙ୍କର ସବୁ କୌଶଳ ସରକାରଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ ।

### ବାଟ ଖୋଲିଛି

କେନ୍ଦ୍ରରେ ବାବୁ ସଙ୍କଟ ଲାଗି ରହିଥିବା ବିଷୟ ପୂର୍ବରୁ ଏହି ସ୍ତମ୍ଭରେ ପ୍ରକାଶ କରାଯାଇଥିଲା । ସଚିବ ସ୍ତରୀୟ ପଦବୀରେ ନିଯୁକ୍ତି ପାଇବା ପାଇଁ ବହୁ ଯୋଗ୍ୟ ଅଧିକାରୀ ଅପେକ୍ଷା କରିଥିବାବେଳେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ସମେତ ଅନ୍ୟ ବିଭାଗଗୁଡ଼ିକରେ ଏସବୁ ପଦବୀ ଖାଲି ଥିବା ଉଲ୍ଲେଖ କରାଯାଇଥିଲା । ଏବେ ଅନେକ ଦିନ ପରେ ଏହି ପଦବୀଗୁଡ଼ିକ ଲାଗି ୧୯୮୫ ଏବଂ ୧୯୮୭–୮୯ ବ୍ୟାଚ୍‌ର ୧୨ ଜଣ ଓ ୧୯୯୦ ବ୍ୟାଚର ୨୭ ଜଣ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତି ତାଲିକା ପ୍ରସ୍ତୁତ କରାଯାଇଛି । ଏଥିରୁ ସ୍ପଷ୍ଟ ଯେ, ଖାଲି ପଡ଼ିଥିବା ଏବଂ ଆଗାମୀ କିଛି ମାସ ମଧ୍ୟରେ ଖାଲି ହେବାକୁ ଥିବା ପଦବୀଗୁଡ଼ିକ ପୂରଣ କରିବାକୁ ସରକାର ଯୋଜନା କରୁଛନ୍ତି । ତେବେ ଏହି ତାଲିକାରେ କେବଳ ଜଣେ ଗୁଜରାଟ କ୍ୟାଡର୍ ଅଧିକାରୀ ରହିଥିବା ପର୍ଯ୍ୟବେକ୍ଷକମାନେ ଲକ୍ଷ୍ୟ କରିଛନ୍ତି । ଏନ୍‌ଡିଏ ସରକାରରେ ସବୁବେଳେ ଗୁଜରାଟ କ୍ୟାଡର୍ ଆଇଏଏସ୍ ଅଧିକାରୀମାନେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ଆସୁଥିବାବେଳେ ଏଭଳି ବିଚିତ୍ର ସ୍ଥିତି ଆଶ୍ଚର୍ଯ୍ୟ ଲାଗୁଛି । ବର୍ତ୍ତମା ଇସ୍ପାତ, ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଏବଂ ସୀମା ପରିଚାଳନା ବିଭାଗ ସହ ଅନ୍ୟ ବିଭାଗଗୁଡ଼ିକରେ ଅନେକ ସଚିବ ସ୍ତରୀୟ ପଦବୀ ପୂରଣ ହୋଇନାହିଁ । ଏଭଳି ସମାନ ସ୍ଥିତି ମଧ୍ୟ ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍‌ନୋଲୋଜି, ଡିପାର୍ଟମେଣ୍ଟ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍‌ନୋଲୋଜିରେ ଦେଖାଯାଇଛି । ଏହି ଦୁଇ ବିଭାଗର ଦୁଇଟି ପଦବୀ ବୈଜ୍ଞାନିକଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲେ ମଧ୍ୟ ତାହା ଖାଲି ପଡ଼ିଛି । ଆଗକୁ ଅନେକ ବାବୁ ଅବସର ନେବେ । ଆସନ୍ତା କିଛି ମାସରେ ତୈଳ ଏବଂ ପ୍ରାକୃତିକ ବାଷ୍ପ, ଗୃହ ଏବଂ ସହର ବିକାଶ ବ୍ୟାପାର ; ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ସଚିବ ସ୍ତରୀୟ ପଦବୀ ଖାଲି ହେବ । ଖାଲି ରହିଥିବା ଓ ଖାଲି ହେବାକୁ ଥିବା ଏଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ଆଉ ବିଳମ୍ବ ନ କରି ତୁରନ୍ତ ନିଷ୍ପତ୍ତି ନେବା ଉଚିତ । ତେବେ ପ୍ରସ୍ତୁତ କରାଯାଇଥିବା ପ୍ରଥମ ପର୍ଯ୍ୟାୟ ତାଲିକା ସରକାରଙ୍କ ପାଇଁ ସଚିବ ସ୍ତରୀୟ ନିଯୁକ୍ତି ଆରମ୍ଭ କରିବା ନିମନ୍ତେ ବାଟ ଖୋଲିଦେଇଛି ।

### ଅରଣ୍ୟ ରୋଦନ

କର୍ଣ୍ଣାଟକରେ ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ୍ (ଆଇଏଫ୍‌ଏସ୍) କ୍ୟାଡର୍ ପୋଷ୍ଟରେ ଅଣକ୍ୟାଡର ଅଧିକାରୀଙ୍କୁ ନିଯୁକ୍ତ କରାଯାଉଛି । କେବଳ ଏତିକି ନୁହେଁ, ଆଇଏଫ୍‌ଏସ୍ ଅଧିକାରୀମାନଙ୍କୁ ବି ଜଙ୍ଗଲ ବିଭାଗ ବାହାରେ ନିଯୁକ୍ତି ଦିଆଯାଉଛି । ଏହାଦ୍ୱାରା ଜଙ୍ଗଲ ସଂରକ୍ଷଣ ଓ ବିକାଶରେ ବାଧା ସୃଷ୍ଟି ହେଉଛି । ରାଜ୍ୟରେ ବର୍ତ୍ତମାନ ଆଇଏଫ୍‌ଏସ୍‌ର ୪୨ରୁ ଊର୍ଦ୍ଧ୍ୱ କ୍ୟାଡର୍ ପୋଷ୍ଟ ପୂରଣ ହୋଇନାହିଁ । ଅନ୍ୟପକ୍ଷରେ ଆଇଏଫ୍‌ଏସ୍ ଅଧିକାରୀମାନଙ୍କୁ ରାଜ୍ୟ ପର୍ଯ୍ୟଟନ, କୃଷି , ବିପର୍ଯ୍ୟୟ ପରିଚାଳନା ସହ ଅନ୍ୟ ବିଭାଗଗୁଡ଼ିକରେ ନିଯୁକ୍ତି ଦିଆଚାଲିଛି । ଏହିସବୁ ନିଯୁକ୍ତି ପୂର୍ବରୁ କେନ୍ଦ୍ର ସରକାରଙ୍କ ଅନୁମତି ନିଆଯାଉ ନ ଥିବା ଜଣାପଡ଼ିଛି । ଯଦିଓ ଆରମ୍ଭରୁ ଏହି ପ୍ରକ୍ରିୟା ବିରୋଧରେ ବନ ସେବା କେବେ ବି ଅଭିଯୋଗ କରିନାହିଁ, ଏବେ ହାତଛଡ଼ା କରିଥିବା ଅଧିକାରକୁ ଜଙ୍ଗଲରେ ଖୋଜୁଛି ଓ ବୃଥା ରୋଦନ କରୁଛି । ସେମାନେ ଯୁକ୍ତି ବାଢୁଛନ୍ତି ଯେ, କ୍ୟାଡର ଅଧିକାରୀ ଥିଲେ ଜଣେ ଅଣ କ୍ୟାଡର ଅଧିକାରୀଙ୍କୁ ସେହି ପୋଷ୍ଟରେ ନିଯୁକ୍ତି ଦିଆଯିବ ନାହିଁ ବୋଲି ନିୟମ ରହିଛି । ଯଦିବା କ୍ୟାଡର ପୋଷ୍ଟରେ ଅଣକ୍ୟାଡର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥାଏ, ତେବେ ଉପଯୁକ୍ତ କ୍ୟାଡର୍ ମିଳିଲେ ତାଙ୍କୁ ସ୍ଥାନାନ୍ତର କରାଯିବ । କିନ୍ତୁ କେନ୍ଦ୍ରର ବିନା ଅନୁମତିରେ କ୍ୟାଡର ପୋଷ୍ଟରେ ଅଣ କ୍ୟାଡର ଅଧିକାରୀଙ୍କୁ ନିଯୁକ୍ତି ଦେଇ କର୍ଣ୍ଣାଟକ ସରକାର ଆଇଏଫ୍‌ଏସ୍ କ୍ୟାଡର୍ ନିୟମକୁ ଚିରାଚରିତ ଧାରାରେ ଉଲ୍ଲଂଘନ କରିଚାଲିଛନ୍ତି ।

Email: dilipcherian@gmail.com

## su | do | ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | | | 6 |
| | | | 7 | | | 8 | 9 | |
| | | 7 | | | 3 | 5 | | |
| | | | | | 5 | | 8 | |
| 6 | | | | | 7 | 4 | | |
| 9 | 7 | | 8 | 1 | | | | |
| | | | | 3 | | | | |
| | | 9 | | | | | 5 | |
| 1 | 4 | | | 6 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 6 | 1 | 7 | 4 | 3 | 8 | 2 |
| 1 | 4 | 2 | 5 | 8 | 3 | 6 | 9 | 7 |
| 7 | 8 | 3 | 6 | 2 | 9 | 4 | 5 | 1 |
| 3 | 2 | 7 | 8 | 4 | 1 | 5 | 6 | 9 |
| 6 | 9 | 8 | 7 | 3 | 5 | 1 | 2 | 4 |
| 5 | 1 | 4 | 2 | 9 | 6 | 8 | 7 | 3 |
| 4 | 6 | 9 | 3 | 5 | 2 | 7 | 1 | 8 |
| 8 | 3 | 5 | 9 | 1 | 7 | 2 | 4 | 6 |
| 2 | 7 | 1 | 4 | 6 | 8 | 9 | 3 | 5 |

ଗତକାଲିର ଉତ୍ତର

# 'ମୁଁ' ଆଉ ଚଳୁନି



**ଡ. ସତ୍ୟନାରାୟଣ ମିଶ୍ର**

ଦେଶରେ ଦୁଇଟି ନୀତି ଦୈନନ୍ଦିନ ଜୀବନ ଧାରଣରେ ଜନତାଙ୍କର ସମସ୍ୟାକୁ ସବୁ ସମୟରେ ସାମ୍ନା କରିଥାଏ । ସେଥିରୁ ଗୋଟିଏ ଥାଏ ଅର୍ଥନୀତି ଓ ଅନ୍ୟଟି ଥାଏ ରାଜନୀତି । ଅର୍ଥନୀତି ଜୀବନ ନିର୍ବାହ କରିବା ପାଇଁ ବ୍ୟବସ୍ଥା ପ୍ରସ୍ତୁତ କରିଥାଏ ; ଯାହା ଥାଏ ଏକ ଶୃଙ୍ଖଳିତ ବିଚାରଧାରା ଓ ନୀତି ନିୟମର ସାମଗ୍ରିକ ନିଷ୍ପତ୍ତି । ମାତ୍ର ରାଜନୀତି ଅର୍ଥନୀତିକୁ ପ୍ରଭାବିତ କରିଥାଏ, କାରଣ ରାଜନୈତିକ ନେତା ବା ରାଜନୈତିକ ଦଳ ସରକାର ପ୍ରସ୍ତୁତ ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି; ଯାହାଦ୍ୱାରା ବିଧି ବ୍ୟବସ୍ଥା ପ୍ରସ୍ତୁତ ହୋଇଥାଏ । ତେଣୁ ରାଜନୈତିକ ଦଳ ବ୍ୟବସ୍ଥାପକ ଭାବେ କାର୍ଯ୍ୟ କରୁଥିବା ବେଳେ ଅର୍ଥନୀତି ବ୍ୟବସ୍ଥାପକର କାର୍ଯ୍ୟଭାରକୁ କାର୍ଯ୍ୟକାରୀ କରିଥାଏ । ଅର୍ଥନୈତିକ ବ୍ୟବସ୍ଥା ଦ୍ୱାରା ଅର୍ଥନୀତିକୁ ନିୟନ୍ତ୍ରଣ କରାଯାଇଥାଏ । ଯେତେବେଳେ କୌଣସି ପରିସ୍ଥିତିରେ ଆବଶ୍ୟକତା ଥାଏ ସେତେବେଳେ ଅର୍ଥନୈତିକ ବିଶାରଦମାନେ ଅର୍ଥନୀତିକୁ ସୁଦୃଢ଼ କରିବାକୁ ବିଭିନ୍ନ ପଦକ୍ଷେପ ମାନ ନେଇଥାନ୍ତି; ଯାହାଦ୍ୱାରା ଅବକ୍ଷୟ ଅର୍ଥନୀତିକୁ ଠିକ୍ ଧାରାକୁ ଅଣାଯାଇପାରେ । ସେହି ସଂସ୍କାରବାଦୀ ଅର୍ଥନୀତିର ଦୃଷ୍ଟାନ୍ତ ସ୍ୱରୂପ ଭାରତୀୟ ବଜାରରେ ବର୍ତ୍ତମାନ ପଇସା ଓ ଏକଟଙ୍କାର ବିନିମୟ ବନ୍ଦ ହୋଇଯାଇଅଛି । ସମୟ ତଥା ସ୍ଥିତି ପରିସ୍ଥିତିର ଆବଶ୍ୟକତାକୁ ନେଇ ପଇସା ଓ ଏକଟଙ୍କାର ପ୍ରଚଳନ ବନ୍ଦ ହୋଇଯାଇଛି; ଯାହା ଜନତାଙ୍କର ହୁଏତ ଆବଶ୍ୟକତା ଥିଲା ବୋଲି ଗ୍ରହଣ କରିବାକୁ ପଡ଼ିବ । ବର୍ତ୍ତମାନ ପଇସା ଓ ଟଙ୍କିକିଆ ମୁଦ୍ରା ଆଉ ଚଳୁନାହିଁ ଯେପରି ଜନସାଧାରଣଙ୍କର ମାନସିକ ତଥା ଆର୍ଥିକ ସ୍ଥିତିରେ ଉନ୍ନତି ହୋଇ ଏହାର ପରିପ୍ରକାଶ ହୋଇଛି ଓ ଜନସାଧାରଣ ତାହା ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ ମାନିନେଇଛନ୍ତି ବା ମାନିବାକୁ ବାଧ୍ୟ । ଯେତେବେଳେ ବଡ଼ ବଡ଼ ଟଙ୍କାର ଆବଶ୍ୟକତା ଓ ଆକାର ପ୍ରକାରର ଆବଶ୍ୟକତା ହେଲା ସେତେବେଳେ ପରିବର୍ତ୍ତନର ଧାରାରେ ପଇସା ଓ ଟଙ୍କିକିଆ ମୁଦ୍ରା ଅଚଳ ହୋଇଗଲା । ଠିକ୍ ସେହିପରି ରାଜନୀତି ବିଶାରଦମାନେ ରାଜନୀତିର ପୃଷ୍ଠଭୂମିକୁ ଅନୁଧ୍ୟାନ କରି 'ମୁଁ' ଭଳି ରାଜନୈତିକ ଦଳର ସର୍ବୋଚ୍ଚ କର୍ତ୍ତା ବା କର୍ତ୍ତ୍ରୀକୁ ଅଚଳ ଘୋଷଣା କରିବା ହେତୁ 'ମୁଁ'ର ଆଦର ଜନସାଧାରଣଙ୍କ ନିକଟରେ ଆଦୃତ ହେଉନାହିଁ । 'ମୁଁ' ବର୍ତ୍ତମାନ ସ୍ୱୟଂ ଅଚଳ ମୁଦ୍ରା ଭଳି କେବଳ ରାଜନୈତିକ ଭଣ୍ଡାରରେ ଗଚ୍ଛିତ ହେବା ସହ ଇତିହାସର ପୃଷ୍ଠା ପାଇଁ ଲିପିବଦ୍ଧ ହେଉଅଛି । ଅର୍ଥନୀତିରେ ପଇସା ଓ ଟଙ୍କିକିଆ ମୁଦ୍ରାର ଯେପରି ଅବସ୍ଥା ରାଜନୀତିରେ 'ମୁଁ' ହେଉଛି ଅନୁରୂପ ଅବସ୍ଥା, ଯାହା 'ମୁଁ' ଆଉ ଚଳୁନି ।

ଇତିହାସକୁ ଅବଲୋକନ କଲେ ଚିତ୍ର ସ୍ପଷ୍ଟ ହୋଇଥାଏ ଯେ ଯେଉଁ ରାଜନୈତିକ ଦଳ ଇତିହାସ ସୃଷ୍ଟି କରିଥିଲା ଆଜି ସେ ରାଜନୈତିକ ଦଳ ନିଜେ ଇତିହାସ ହୋଇଯିବାର ଦ୍ୱାର ଦେଶରେ । ଭାରତୀୟ ମୁକ୍ତି ସଂଗ୍ରାମ ଓ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସର ସୃଷ୍ଟି ହୋଇଥିଲା ୧୮୮୫ ମସିହାରେ । ଏକ ବୃହତ୍ ଦୂରଦୃଷ୍ଟି ଓ ସାମଗ୍ରିକ ଉନ୍ନତି ତଥା ନିର୍ଭୀକ ସମଷ୍ଟିଗତ ବିଚାରଧାରାକୁ ପାଥେୟ କରି ଉକ୍ତ ଦଳ ଜନ୍ମ ଦେଇଥିଲା ଭାରତୀୟ ମୁକ୍ତି ସଂଗ୍ରାମକୁ । ସେତେବେଳେ କଂଗ୍ରେସ ଥିଲା ଏକ ସଂଗଠନ ବା ସମ୍ମେଳନ, ଯାହାର ଉଦ୍ଦେଶ୍ୟ ଥିଲା ସାମୂହିକ ଉନ୍ନତି, ସାମଗ୍ରିକ ବିଚାରଧାରା ଓ ସମନ୍ୱୟ । ଦଳର ନୀତିନିୟମ ଓ ଶୃଙ୍ଖଳାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଉକ୍ତ ଦଳର ମୁଖ୍ୟ ନିୟନ୍ତ୍ରକ ଦଳର ସଦସ୍ୟମାନଙ୍କ ଦ୍ୱାରା ମନୋନୀତ ବା ନିର୍ବାଚିତ ହୋଇଥାନ୍ତି; ଯାହା ଏକ ବିଧିବଦ୍ଧ ଅବଧି ପର୍ଯ୍ୟନ୍ତ ସ୍ଥିରୀକୃତ ହୋଇଥାଏ । ଏଠାରେ ବ୍ୟକ୍ତି ଥାଏ ନ୍ୟୁନ ଓ ଗୋଷ୍ଠୀ ଥାଏ ଉଚ୍ଚ । ରାଜନୈତିକ ବିଚାର ଧାରାରେ ଉକ୍ତ ଦଳରେ କେତେ ମାନ୍ୟଗଣ୍ୟ ଗୁଣୀ ବ୍ୟକ୍ତି ଦଳର ସଭାପତି ଆସନ ଅଳଙ୍କୃତ କରିଥିଲେ ତାହା କେବଳ ଇତିହାସ ହୋଇଯାଇଛି । ମାତ୍ର ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଦଳ ସାମୂହିକ ନିଷ୍ପତ୍ତି ଓ ସାମଗ୍ରିକ ଉଦ୍ୟମ ଉପରେ ବିଶ୍ୱାସ କରି କାର୍ଯ୍ୟଭାର ବହନ କରୁଥିବା ବେଳେ ସ୍ୱାଧୀନତା ପରେ ଉକ୍ତ ଦଳ ଧୀରେ ଧୀରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଏକକ କର୍ତ୍ତୃତ୍ୱାଧୀନ ହିସାବରେ କାର୍ଯ୍ୟ ପନ୍ଥା ଗ୍ରହଣ କରିବାକୁ ଲାଗିଲା । ନେହେରୁ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ୧୯୬୭ରେ କଂଗ୍ରେସ ଏକ ପାରିବାରିକ ସମ୍ପତ୍ତି ହୋଇ କାର୍ଯ୍ୟ ଧାରା ଆରମ୍ଭ କଲା ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ । ପରବର୍ତ୍ତୀ ସମୟରେ ଦଳ ମଧ୍ୟରେ ଉତ୍ତରାଧିକାରୀ ବାଛିବାରେ ସହମତିର ଅଭାବ ପାର୍ଟିରେ ବିଦ୍ୱେଷ ସୃଷ୍ଟି କରିଥିଲା । କଂଗ୍ରେସ ଦଳର ନୈତିକ ଅବନତି ଏବଂ ଏହାର ରାଜନୈତିକ ଉତ୍ତରାଧିକାରର ହ୍ରାସ ହେବାର ପ୍ରଥମ ସଙ୍କେତ ଭାବରେ ନେହେରୁଭିଆନ୍ ସମୟରେ ଧୀରେ ଧୀରେ ହୋଇଥିଲା ଓ ଶେଷରେ କଂଗ୍ରେସର ବିଭାଜନ ହୋଇ ଇନ୍ଦିରା କଂଗ୍ରେସ (ଆଇ) ଗଠନ ସହ ଦଳ ମଧ୍ୟରେ ଏକ ଭୂଲମ୍ବ ବିଭାଜନ ହୋଇଥିଲା ।

ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ନେତୃତ୍ୱର ଏକକତ୍ୱ ପୁତ୍ର ରାଜୀବ ଗାନ୍ଧୀଙ୍କ ନିକଟକୁ ଯାଇଥିଲା, ଯାହା ପାରିବାରିକ ସୂତ୍ର ଆଧାରରେ ସମ୍ପତ୍ତି ବୋଲି ବିବେଚନା କରାଯାଏ । ପରବର୍ତ୍ତୀ ସମୟରେ ରାଜୀବ ଗାନ୍ଧୀଙ୍କ ହତ୍ୟା ପରେ କଂଗ୍ରେସ ପୁଣି ଘଟଣା ଚକ୍ରରେ ଗାନ୍ଧୀ ପରିବାରର ପାରିବାରିକ ସମ୍ପତ୍ତି ହୋଇଗଲା । ଉତ୍ତର ଦାୟାଦ ଭାବେ ରାଜୀବ ଗାନ୍ଧୀଙ୍କ ସହଧର୍ମିଣୀ ସୋନିଆ ଗାନ୍ଧୀ ପଦ ଓ ସମ୍ପତ୍ତି ସମ୍ଭାଳିଲେ । ୧୯୮୯– ୧୯୯୬ ମଧ୍ୟରେ କଂଗ୍ରେସ ସବୁଠୁ ବଡ଼ ରାଜନୈତିକ ପୋଷାକ ହୋଇ ରହିଥିଲା ଓ ହାଇ କମାଣ୍ଡ ସଂସ୍କୃତି ଯାହା କଂଗ୍ରେସ ଦଳର 'ମୁଁ' ବ୍ରାଣ୍ଡ ରେଟିଂକୁ ଦୋହରାଇ ଦେଇଥିଲା ତଥା ମୁଁ–ବାଦର ପ୍ରତିଷ୍ଠା ଧୀରେ ଧୀରେ କାୟା ବିସ୍ତାର କରି ଚାଲିଲା । ୨୦୦୪ ଲୋକ ସଭା ନିର୍ବାଚନ ପରେ ମନମୋହନ ସିଂ ୟୁପିଏ ସରକାରଙ୍କ ପ୍ରଧାନମନ୍ତ୍ରୀ ହୋଇଥିଲେ, ମାତ୍ର ଦଳର ନେତୃତ୍ୱ କେବଳ ଜଣେ ବ୍ୟକ୍ତିଙ୍କଠାରେ ନିହିତ ହୋଇ ରହିଲା ; ଯେଉଁଥିରେ ଦଳର ମୁଖ୍ୟ 'ମୁଁ' ଦ୍ୱାରା ସରକାର ପରିଚାଳନା ହେଉଥିଲା । ଉକ୍ତ ଧାରା ୨୦୦୯ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଚାଲୁରହିଲା ଓ ଉକ୍ତ 'ମୁଁ' ରାଜନୀତି ୨୦୦୯ ସାଧାରଣ ନିର୍ବାଚନରେ ୨୦୦ରୁ ଅଧିକ ସିଟ୍ ହାସଲ କରି ପୁଣି କ୍ଷମତା ବଜାୟ ରଖିବାରେ ସକ୍ଷମ ହୋଇଥିଲା । ମାତ୍ର ୨୦୧୪ ସାଧାରଣ ନିର୍ବାଚନରେ ନେହେରୁଙ୍କ ସମୟରେ ବୁଣାଯାଇଥିବା କଂଗ୍ରେସ ଦଳର ଅବନତିର ମଞ୍ଜି ଯାହା ଇନ୍ଦିରା ଶାସନ କାଳରେ ବଢ଼ି ଥିଲା, ତାହା ସୋନିଆ–ରାହୁଲ ଯୁଗରେ ପୂର୍ଣ୍ଣ ଗଛ ହେବା ପୂର୍ବରୁ ଅତ୍ୟଧିକ 'ମୁଁ' ଭାରରେ ଚାପି ହୋଇଗଲା । ଅର୍ଥନୀତିରେ ସଙ୍କଟ ଦେଖାଦେଲେ ବିମୁଦ୍ରୀକରଣ କରି ଅର୍ଥନୀତିକୁ ସୁଧାର କରାଯାଇଥାଏ ଓ ଏଥିରେ କେତେକ ମୁଦ୍ରା ଅଚଳ ହୋଇଯାଇଥାଏ, ଠିକ୍ ସେହିପରି କଂଗ୍ରେସ ଦଳରେ 'ମୁଁ'ର ପ୍ରତିଷ୍ଠା ବର୍ତ୍ତମାନ ଅଚଳ ମୁଦ୍ରା ଭଳି କେବଳ ଭଣ୍ଡାରରେ ସାଇତି ରଖିବା ସହ ସମାନ । ବର୍ତ୍ତମାନ ବର୍ଷା ଯୁଆଡ଼େ ଛତା ସେଆଡ଼େ ନୀତିରେ ଅନେକ ନେତା ଓ ମତଦାତା ନିଜର ପରିଚୟ ହରାଇ କେବଳ ଆଜ୍ଞା ସମ୍ବୋଧନରେ ସୀମିତ ହେଉଛନ୍ତି । ପରୋକ୍ଷରେ ଏହା ଦୃଢ଼ୀକୃତ କରିଥାଏ ଯେ ଭାରତରେ ରାଜନୈତିକ ଦଳଗୁଡ଼ିକରେ ଗଣତନ୍ତ୍ର ବ୍ୟତିରେକ ରାଜତନ୍ତ୍ରର ପ୍ରତିଷ୍ଠା ହୋଇ ସାରିଲାଣି । କେବଳ କଂଗ୍ରେସରେ ନୁହେଁ ଏକଛତ୍ରବାଦୀ 'ମୁଁ'ର ପ୍ରତିଷ୍ଠା ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ରାଜନୈତିକ ଦଳଗୁଡ଼ିକରେ କାୟା ବିସ୍ତାର କରି ଗଣତନ୍ତ୍ରର ଗରିଷ୍ଠତାକୁ ପ୍ରତ୍ୟାଖ୍ୟାନ କରି ଏକକ ନିଷ୍ପତ୍ତି ବା ସୁପ୍ରିମୋ ଉପରେ ନ୍ୟସ୍ତ ହୋଇସାରିଲାଣି ; ଯାହା 'ମୁଁ' ନାମରେ ନାମିତ ଓ ଧୀରେ ଧୀରେ 'ମୁଁ' ଅଚଳ ସ୍ଥିତିରେ ଦଣ୍ଡାୟମାନ । ତେଣୁ ରାଜନୀତିରେ କ୍ରିୟା ଓ ପ୍ରକ୍ରିୟାକୁ ସମତୁଲ କରି ସମଷ୍ଟିଗତ ବିଚାରଧାରାକୁ ପ୍ରାଧାନ୍ୟ ଦେଇ 'ମୁଁ'ରୁ ନିଜକୁ ବହିଷ୍କରଣ କରି ଅନ୍ୟମାନଙ୍କ ନିକଟରେ ଥିବା ଗୁଣବତ୍ତାକୁ ଉପଯୋଗକଲେ ସମତା ଓ ସ୍ଥିରତାର ପ୍ଳାବନ ସୃଷ୍ଟି ହୋଇପାରିବ । ଗଣତାନ୍ତ୍ରିକ ଗତିରେ ପ୍ରତ୍ୟେକ ରାଜନୈତିକ ଦଳର ସୃଷ୍ଟି ହୋଇଥାଏ ସମଷ୍ଟିରୁ, ମାତ୍ର ସମୟକ୍ରମେ ତାହା 'ମୁଁ' ଦ୍ୱାରା ଅକ୍ତିଆର ହୋଇ ଏକକ ନିଷ୍ପତ୍ତିରେ ସୀମିତ ରହିଥାଏ ; ଯେଉଁଠି ନ ଥାଏ ସମଷ୍ଟିର ସ୍ୱର ଓ ପରିଶେଷରେ ଅସନ୍ତୋଷର ଦାବାନଳରେ 'ମୁଁ'ର ବିଲୋପ ହୋଇଥାଏ ଯାହା 'ମୁଁ' ସ୍ୱୀକାର କରିଥାଏ ଯେ ପଇସା ଓ ଏକଟଙ୍କିଆ ଭଳି 'ମୁଁ' ଆଉ ଚଳୁନି ।

**ଅଭିଲେଖାଧିକାରୀ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ଏମ–୭୯, ମଧୁସୂଦନ ନଗର ଭୁବନେଶ୍ୱର ମୋ: ୯୯୩୭୩୪୫୯୦୦**

# ଉଚ୍ଚଶିକ୍ଷାରେ ଭେଦଭାବ



**ଡ. ସୁବାସ ଚନ୍ଦ୍ର ପାତ୍ର**

ଓଡ଼ିଶାରେ ଭେଦଭାବର ନାମ ଉଚ୍ଚଶିକ୍ଷା । କଲେଜ କଲେଜ, ଶିକ୍ଷକ ଶିକ୍ଷକ ମଧ୍ୟରେ ପାହ୍ୟା, ଶିକ୍ଷାଗତ ଯୋଗ୍ୟତା, ଦରମା ନେଇ ଏତେ ତାରତମ୍ୟ ଯେ ଜଣାପଡ଼େନି ଏମାନେ ସମସ୍ତେ ଗୋଟିଏ ବ୍ୟବସ୍ଥା–ପ୍ରସୂତ କି ନୁହେଁ । ଅନ୍ତତଃ ଦୁଇଟି କ୍ଷେତ୍ର ଉପରେ ନଜର ନିବଦ୍ଧ କରାଯାଇପାରେ ।

ସରକାର ନାରୀଙ୍କୁ ସମ୍ମାନର କଥା କହୁଛନ୍ତି, କିନ୍ତୁ ଉଚ୍ଚଶିକ୍ଷା ବିଭାଗର ମହିଳା ଅନୁଷ୍ଠାନଗୁଡ଼ିକୁ ଦେଖିଲେ ଜଣାପଡ଼ିବ ସରକାର ନାରୀ ବା ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ପ୍ରତି କି ପ୍ରକାର ଦୃଷ୍ଟିଭଙ୍ଗୀ ରଖିଛନ୍ତି । ପଚାଶ / ଷାଠିଏ ଦଶକରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ମହାବିଦ୍ୟାଳୟମାନ ସରକାରୀ ସ୍ତରରେ ପ୍ରତିଷ୍ଠା କରାଯାଇଥିଲା । ଏକ ରକ୍ଷଣଶୀଳ ସମାଜର ମନୋଭାବକୁ ଦୃଷ୍ଟିରେ ରଖି ମହିଳାମାନଙ୍କୁ ମୋଟାମୋଟି ଉଚ୍ଚଶିକ୍ଷା ପ୍ରଦାନ କରିବା ପାଇଁ ଖାଲି କଳାଶ୍ରେଣୀ ସହ ସୀମିତ ବିଷୟ ନେଇ ଏହି ଅନୁଷ୍ଠାନମାନ ଖୋଲାଯାଇଥିଲା । ଜାତିଭିତ୍ତିକ ସଂରକ୍ଷଣ ପରି ଏହା ବି ଏକ ପ୍ରକାର ସଂରକ୍ଷଣ–ଲିଙ୍ଗଭିତ୍ତିକ । ସେତେବେଳକାର ସମାଜର ଆହ୍ୱାନ ହୁଏତ ସେଇଆ ଥିଲା । ଇତି ମଧ୍ୟରେ ଏହି ସବୁ କଲେଜ ସ୍ଥାପନ ହେବାର ୫୦ବର୍ଷରୁ ଊର୍ଦ୍ଧ୍ୱ ବିତି ଗଲାଣି, କିନ୍ତୁ ମହିଳା ମହାବିଦ୍ୟାଳୟଗୁଡ଼ିକ ସେହି ସଂରକ୍ଷଣର ଅନ୍ଧକାର ଭିତରେ ରହିଯାଇଛନ୍ତି । କାଁ ଭାଁ ଗୋଟିଏ ଦୁଇଟି ମହିଳା ମହାବିଦ୍ୟାଳୟକୁ ଛାଡ଼ିଦେଲେ, ଅନ୍ୟ ସମସ୍ତ ସରକାରୀ ମହିଳା ମହାବିଦ୍ୟାଳୟମାନ ପୂର୍ଣ୍ଣାଙ୍ଗ ହୋଇପାରି ନାହାନ୍ତି । ଅର୍ଥାତ୍ ସେଠି ନା ଅଛି ବିଜ୍ଞାନ ଶ୍ରେଣୀ, ନା ବାଣିଜ୍ୟ ବିଭାଗ । ଯେଉଁ କଳା ବିଭାଗ ଅଛି ସେଥିରେ ବିଶେଷ କିଛି ଅଭିବୃଦ୍ଧି ଘଟିନାହିଁ । ହୁଏତ ଛାତ୍ରୀମାନଙ୍କ ସିଟ୍ ସଂଖ୍ୟା ବଢ଼ାଯାଇଛି କିନ୍ତୁ ଆଧୁନିକ, ନିଯୁକ୍ତି ପ୍ରଦାନ ଭଳି ବିଷୟରେ ଶିକ୍ଷାଦାନର ବ୍ୟବସ୍ଥା ନାହିଁ । ଅନୁରୂପ ଭାବରେ ଅନେକ ସହଧ୍ୟାୟୀ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷାଦାନର ବ୍ୟବସ୍ଥା ଥିଲାବେଳେ ଗୋଟିଏ, ଯୋଡ଼ିଏ ମହିଳା ମହାବିଦ୍ୟାଳୟକୁ ଛାଡ଼ିଦେଲେ କୌଣସି ମହିଳା ମହାବିଦ୍ୟାଳୟ ସେ ସୌଭାଗ୍ୟର ଅଧିକାରୀ ନୁହନ୍ତି । ବାଛବିଚାର ଏତିକିରେ ସରିନାହିଁ । ଓଡ଼ିଶାର ପ୍ରାୟ ସବୁ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ରିଡର–ଗ୍ରେଡ୍ ଶ୍ରେଣୀର ଅର୍ଥାତ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଭଳି ଏହା ପ୍ରଫେସର ଗ୍ରେଡ୍‌କୁ ଉନ୍ନୀତ ହୋଇନାହିଁ । ଅର୍ଥାତ୍ ମହିଳା ମହାବିଦ୍ୟାଳୟଗୁଡ଼ିକ ଦ୍ୱିତୀୟ ଶ୍ରେଣୀର ଶିକ୍ଷାନୁଷ୍ଠାନ । ସରକାର ଯଦି ନାରୀଙ୍କୁ ସମ୍ମାନର କଥା ନିଷ୍ଠାର ସହ କହୁଛନ୍ତି ତା'ହେଲେ ଭିତ୍ତିଭୂମି ଥିବା ମହିଳା ମହାବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ–ଶିକ୍ଷାନୁଷ୍ଠାନରେ ପରିଣତ କରିବା ସହ ସେମାନଙ୍କୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ଦିଗରେ ପଦକ୍ଷେପ ନେଇ ସେଠାରେ ପ୍ରଫେସର–ଗ୍ରେଡ୍‌ର ଅଧ୍ୟକ୍ଷ ନିଯୁକ୍ତ କରନ୍ତୁ । ମହିଳା ଅନୁଷ୍ଠାନର ଛାତ୍ରୀମାନଙ୍କୁ ଦ୍ୱିତୀୟ ଶ୍ରେଣୀର ଛାତ୍ରୀର ନିର୍ଯାତନା ଆଉ ଦିଅନ୍ତୁ ନାହିଁ ।

ସରକାରୀ ଅବହେଳା, ସମୟର ଆହ୍ୱାନ ଓ ଏକ ଅଣରକ୍ଷଣଶୀଳ, ମୁକ୍ତ ବାତାବରଣ ବିଡ଼ମ୍ବନାକ୍ରମେ ମହିଳା ଶିକ୍ଷାନୁଷ୍ଠାନର ଭାଗ୍ୟକୁ ଆହୁରି ଅନ୍ଧକାରକୁ ଠେଲି ଦେଇଛି । ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭାବ, ପ୍ରତିଯୋଗିତାର ଅଭାବ, ସହଧ୍ୟାୟୀମାନଙ୍କଠୁ (ପିଅର ପ୍ରେସର) ଚାପର ଅଭାବ, ଚାକିରି ପ୍ରଦାନକାରୀ ବିଷୟର ଅନୁପସ୍ଥିତି କାରଣରୁ ଆଜି ଅଭିଭାବକମାନେ ଲିଙ୍ଗଭିତ୍ତିକ ସଂରକ୍ଷଣ ନାମରେ ପ୍ରତିଷ୍ଠିତ ମହିଳା ଅନୁଷ୍ଠାନଠୁ ମୁହଁ ମୋଡ଼ି ଦେଇଛନ୍ତି । ସେମାନେ ଚାହୁଁଛନ୍ତି ସେମାନଙ୍କ ଝିଅମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କଲା ଭଳି ଶିକ୍ଷା । ପରିବର୍ତ୍ତିତ ପରିସ୍ଥିତିରେ ସେମାନଙ୍କର ଲିଙ୍ଗଭିତ୍ତିକ ଶିକ୍ଷାନୁଷ୍ଠାନ ପ୍ରତି କିଛି ଅନୁରାଗ ନାହିଁ । ତେଣୁ ଆଜି ଆଡ୍‌ମିଶନ ପାଇଁ ଫର୍ମ ପୂରଣ ବେଳେ ଯୋଗ୍ୟା, ମେଧାବୀ ଛାତ୍ରୀ ତଥା ଅଭିଭାବକମାନେ ବେଶି ବିଷୟ ପସନ୍ଦ ଥିବା ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନକୁ ପସନ୍ଦ କରୁଛନ୍ତି, ମହିଳା ଅନୁଷ୍ଠାନକୁ ନୁହେଁ । ଫଳତଃ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କର ଶୈକ୍ଷିକ ମାନ ଦିନକୁ ଦିନ ହ୍ରାସ ପାଉଛି । ତା'ଛଡ଼ା ସହଧ୍ୟାୟୀ ଅନୁଷ୍ଠାନରେ ଛାତ୍ରୀମାନେ ଛାତ୍ରମାନଙ୍କ ସହ ପ୍ରତିଯୋଗିତା କରିବାକୁ ପସନ୍ଦ କରୁଛନ୍ତି ଏବଂ ସହଧ୍ୟାୟୀ ଛାତ୍ରମାନଙ୍କ ବୌଦ୍ଧିକ ଚାପରେ ନିଜକୁ ଉନ୍ନୀତ କରିବାକୁ ଚେଷ୍ଟା କରୁଛନ୍ତି; ଯାହା ସେମାନେ ଖାଲି ଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଅନୁଭବ କରୁନାହାନ୍ତି । ତେଣୁ ମହିଳା ମହାବିଦ୍ୟାଳୟଗୁଡ଼ିକ ପାଇଁ ମହିଳା କୈନ୍ଦ୍ରିକ ନିଯୁକ୍ତି ପ୍ରଦାନକାରୀ ସ୍ୱତନ୍ତ୍ର ବିଷୟମାନ ଖୋଲାଯାଉ; ଯଦ୍ୱାରା ସେମାନେ ଏ ଅନୁଷ୍ଠାନର ପ୍ରାସଙ୍ଗିକତା ଅନୁଭବ କରିବେ, ଭାବିବେ ନାହିଁ ଯେ ଏହା ସହଧ୍ୟାୟୀ ଅନୁଷ୍ଠାନର ଏକ ପୁନରାବୃତ୍ତି ଅନୁଷ୍ଠାନ ବୋଲି ।

ଦ୍ୱିତୀୟ ଭେଦଭାବ କ୍ଷେତ୍ରଟି ହେଲା ଯୋଗ୍ୟ ଶିକ୍ଷକମାନଙ୍କ ଭିତରେ ସରକାରୀ ଓ ଘରୋଇ ଅନୁଷ୍ଠାନକ୍ରମରେ ଦରମାଗତ ବୈଷମ୍ୟ । ଏବେ କେବଳ ସରକାରୀ ଡିଗ୍ରୀ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକମାନଙ୍କୁ ୟୁଜିସି ସ୍କେଲରେ ଦରମା ଦିଆଯାଉଛି ; ଘରୋଇ, ପୂର୍ଣ୍ଣ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନଙ୍କୁ ନୁହେଁ । ଦୁଃଖର କଥା, ଓଡ଼ିଶା ଲୋକସେବା ଆୟୋଗ ଭଳି ସରକାରଙ୍କ ସର୍ଭିସ ସିଲେକ୍‌ସନ ବୋର୍ଡ ଦ୍ୱାରା ପୂର୍ଣ୍ଣ ସାହାଯ୍ୟପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ ପାଇଁ ମନୋନୀତ ଅଧ୍ୟାପକମାନଙ୍କୁ ୟୁଜିସି ସ୍କେଲରୁ ବଞ୍ଚିତ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ୫୦ ପାଖାପାଖି ସରକାରୀ ଡିଗ୍ରୀ/ସ୍ୱୟଂଶାସିତ ମହାବିଦ୍ୟାଳୟ ଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନଙ୍କ ସଂଖ୍ୟା ଏକହଜାର ପାଖାପାଖି । ଛାତ୍ରୀଛାତ୍ର ସଂଖ୍ୟା ସେହି ଅନୁପାତରେ ୨୦ଗୁଣ । ତେଣୁ ସଂଖ୍ୟା ବହୁଳ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କୁ ନିମ୍ନ ଦରମା ପ୍ରଦାନ କରି ଆମେ କି ପ୍ରକାର ଗୁଣାତ୍ମକତା ହାସଲ କରିବା ? ସରକାର କ'ଣ ବିଭିନ୍ନ ବ୍ଲକ ପାଇଁ ଭିନ୍ନ ମାନର, ଭିନ୍ନ ଦରମାର, ଡାକ୍ତର, ଇଞ୍ଜିନିୟର, ପ୍ରଶାସନିକ ଅଧିକାରୀ ନିଯୁକ୍ତ କରୁଛନ୍ତି ? ସିଲାବସ ସମାନ, ପ୍ରଶ୍ନପତ୍ର ସମାନ, ପାଠ୍ୟ ପୁସ୍ତକ ସମାନ (+୨ ତଥା ସହବନ୍ଧିତ ମହାବିଦ୍ୟାଳୟ କ୍ଷେତ୍ରରେ) ଥାଇ ଭିନ୍ନମାନର ଶିକ୍ଷକ ଦ୍ୱାରା ଛାତ୍ରୀଛାତ୍ରମାନେ କି ପ୍ରକାର ଶିକ୍ଷାଲାଭ କରିବେ ? ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସରକାର ୟୁଜିସି ନିୟମକୁ ଉଲ୍ଲଂଘନ କରି ସର୍ଭିସ ସିଲେକ୍ସନ ବୋର୍ଡ ଦ୍ୱାରା ମନୋନୀତ ଅଧ୍ୟାପକମାନଙ୍କ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକସ୍ତରରେ ୫୫% ରଖିଛନ୍ତି, ଅଥଚ ୟୁଜିସି ନିୟମାନୁଯାୟୀ ମହାବିଦ୍ୟାଳୟ ଅବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହେବା ପାଇଁ ସର୍ବନିମ୍ନ ଡକ୍ଟରେଟ୍ ଥିବା ବା ନେଟ୍ (ଜାତୀୟ ଯୋଗ୍ୟତା ପରୀକ୍ଷା) ପାଶ କରିଥିବା ଆବଶ୍ୟକ । ଏବେ ୟୁଜିସି ତାକୁ ସଂଶୋଧନ କରି ଜୁଲାଇ ୨୦୨୩ ମସିହାରୁ କେବଳ ଡକ୍ଟରେଟ ଡିଗ୍ରୀକୁ ସର୍ବନିମ୍ନ ଯୋଗ୍ୟତା ହିସାବରେ ଗ୍ରହଣ କରାଯିବାକୁ ସିଦ୍ଧାନ୍ତ ନେଇଛନ୍ତି । ସରକାର କେଉଁ ଦରମା ଦେବେ, ଭିନ୍ନ କଥା କିନ୍ତୁ ଅଧ୍ୟାପକମାନଙ୍କର ସର୍ବନିମ୍ନ ଯୋଗ୍ୟତା ହ୍ରାସ କରିବାର ଅଧିକାର ସରକାରଙ୍କ ନାହିଁ । ଅବଶ୍ୟ ଅନେକ ନେଟ୍ ଉତ୍ତୀର୍ଣ୍ଣ ବା ଡକ୍ଟରେଟ୍ ଡିଗ୍ରୀଧାରୀ ପ୍ରାର୍ଥୀ ସର୍ଭିସ ସିଲେକ୍ସନ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଛନ୍ତି । ତେଣୁ ଆପାତତଃ, ପ୍ରାରମ୍ଭିକ ପଦକ୍ଷେପ ହିସାବରେ ସରକାର ଗୁଣାତ୍ମକତା ରକ୍ଷା ପାଇଁ ସର୍ଭିସ ସିଲେକ୍ସନ ବୋର୍ଡ ପରୀକ୍ଷାରେ ମନୋନୀତ ଡକ୍ଟରେଟ୍ ଡିଗ୍ରୀ ଥିବା ବା ନେଟ୍ ପାଶ କରିଥିବା ପ୍ରାର୍ଥୀମାନଙ୍କୁ ୟୁଜିସି ସ୍କେଲ ଦିଅନ୍ତୁ ।

କୌଣସି ବ୍ୟବସ୍ଥା ଭେଦଭାବପୂର୍ଣ୍ଣ ମନୋଭାବ ଉପରେ ପର୍ଯ୍ୟବସିତ ହେଲେ ତା'ର ଏକମାତ୍ର ଫଳ ବିଫଳତା । ଓଡ଼ିଶାରେ ଉଚ୍ଚଶିକ୍ଷାରେ ଦୁରବସ୍ଥା ପାଇଁ ଏହି ଭେଦଭାବପୂର୍ଣ୍ଣ ମନୋଭାବ ମୁଖ୍ୟତଃ ଦାୟୀ । ତା' ସହିତ ଅନ୍ୟାନ୍ୟ କାରଣ ମଧ୍ୟ ରହିଛି, ଯାହା ଆଲୋଚନାର ଅବକାଶ ରଖେ ।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ.:୯୪୩୭୩୭୬୨୧୯**

## ଏଇ ଭାରତରେ

କୃଷ୍ଣସାର ମୃଗ ଓ ଛୋଟ ବାରାସିଂହାଙ୍କ ଜୀବନ ରକ୍ଷା କରିବାରେ ରାଜସ୍ଥାନର ଅନିଲ ବିଷ୍ଣୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ଅନିଲ ଜଣେ କୃଷକ ଓ ସମାଜସେବୀ । ସେ ୧୦,୦୦୦ କୃଷ୍ଣସାର ମୃଗ ଓ ଛୋଟ ବାରାସିଂହାଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି । ହନୁମାନଗଡ଼ ଓ ଶ୍ରୀଗଙ୍ଗାନଗର ଅଞ୍ଚଳର ୬୦ଟି ପଞ୍ଚାୟତରେ ଏହି ଜୀବମାନଙ୍କୁ ସୁରକ୍ଷିତ ଭାବେ ରଖାଯାଇଛି । ଅନିଲ ପ୍ରଥମେ ୧୯୯୦ରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ଜୀବ ବିପଦରେ ଥିଲେ ସୂଚନା ଦେବାକୁ ବିଭିନ୍ନ ଗାଁରେ ଲୋକ ରହିଛନ୍ତି । ଦିନ ହେଉ କି ରାତି ଅନିଲ ସେମାନଙ୍କଠାରୁ ସୂଚନା ପାଇବା କ୍ଷଣି ସେଠାରେ ପହଞ୍ଚି ଜୀବମାନଙ୍କୁ ଉଦ୍ଧାର କରୁଛନ୍ତି । ସେ ମଧ୍ୟ ଶିକାର ବନ୍ଦ କରିବା ଲାଗି ଅଭିଯାନ ଚଳାଇଛନ୍ତି । ଅନିଲ ବିଏଡ୍ ପାସ କରିବା ପରେ ତାଙ୍କ ଗାଁ ଲାଖାଶରକୁ ଫେରି ଶିକ୍ଷକ ହେବା ବଦଳରେ ଏହି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ । ସେ ୬୦ଟି ପଞ୍ଚାୟତର ଗ୍ରାମବାସୀଙ୍କ ସହ ନେଟ୍‌ୱର୍କ 'କମ୍ୟୁନିଟି ରିଜର୍ଭ' ମାଧ୍ୟମରେ ଯୋଗାଯୋଗ ରକ୍ଷା କରି ଏହି ଅଭିଯାନ ଚଳାଇଛନ୍ତି । ଏହା ମଧ୍ୟରେ ସେ ୩୦୦ ଶିକାରୀଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି । ସେମାନଙ୍କ ବିରୋଧରେ ଚାଲୁଥିବା କେସ୍‌ରେ ସାକ୍ଷୀ ଭାବେ ହାଜର ହେଉଛନ୍ତି । ରାଜସ୍ଥାନର ୧୨ଟି ଜିଲାରେ ୩,୦୦୦ ଲୋକଙ୍କୁ ନେଇ ତାଙ୍କ ନେଟ୍‌ୱର୍କରେ ସାମିଲ କରିପାରିଛନ୍ତି । ଏମାନଙ୍କୁ ନେଇ ଜଙ୍ଗଲୀ ଜୀବଙ୍କ ସୁରକ୍ଷା ପାଇଁ ରାଲିର ଆୟୋଜନ କରୁଛନ୍ତି । ଜୀବମାନେ ପାଣି ପିଇବା ଲାଗି ଗ୍ରାମବାସୀଙ୍କ ସହଯୋଗରେ ସେ ୬୬ଟି ପୋଖରୀ ମଧ୍ୟ ଖୋଳିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଅକ୍ଟୋବର ୧୯୯୬**

- ଗୁଜରାଟରେ ଶଙ୍କର ସିଂ ବାଘେଲାଙ୍କ ନେତୃତ୍ୱରେ ପରିଚାଳିତ ୭ ଦଳର ପୁରୁଣା ମହା ଗୁଜରାଟ ଜନତା ପାର୍ଟି (ଏମ୍‌ଜେପି) ସରକାର ରାଜ୍ୟ ବିଧାନ ସଭାରେ ଆସ୍ଥା ଭୋଟରେ ବିଜୟୀ ହୋଇଛି ।
- ଡାକ ଓ ତାର କର୍ମଚାରୀମାନଙ୍କ ବୋନସ ପ୍ରଦାନ କ୍ଷେତ୍ରରେ ରହିଥିବା ଯୋଗ୍ୟତା ସିଲିଂ ଉଠାଇନେବାକୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ନିଷ୍ପତ୍ତି ନେବା ପରେ ଡାକ ଓ ତାର କର୍ମଚାରୀମାନେ ଚଳାଇଥିବା ଦେଶବ୍ୟାପି ଧର୍ମଘଟ ପ୍ରତ୍ୟାହୃତ ହୋଇଛି ।

## ଚିରନ୍ତନୀ

ପାଇବାକୁ ଫେରି ଯୁଝିଲେ ଧରି ସେ ଜିଦି
ତିଆଗିଲେ ତନୁ କେତେ ଅମୂଲ୍ୟ ନିଧି
ଅସ୍ତ୍ର ବିହୀନ ଶୂନ୍ୟ ହାତରେ
ପତାଇଲେ ଛାତି ଯେହ୍ନେ ଅକାତରେ
ବତାଇଲେ ଆମେ ବିନା କମାଣରେ ଟାଳିବୁଁ
ପ୍ରାଚୀନ ବିଧି
ଢାଳିଦେଲେ ପ୍ରାଣ କେତେ ଅମୂଲ୍ୟ ନିଧି ।
–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚିଠି ଉପରେ ଭରସା ନାହିଁ

ମହାଶୟ,

ଯୋଗାଯୋଗ ବ୍ୟବସ୍ଥାର ଡାକସେବା ଏକ ବୃହତ୍ ତଥା ମଙ୍ଗଳକର ବ୍ୟବସ୍ଥା, ମାତ୍ର ବର୍ତ୍ତମାନ ସାଧାରଣ ସ୍ଥାନରେ ଡାକ ବାକ୍ସଟିଏ ଦେଖିବାକୁ ମିଳୁନାହିଁ । ସାଧାରଣ ଚିଠି ଓ ପତ୍ରିକା ବର୍ତ୍ତମାନ ମିଳିବାର ନିଶ୍ଚିତତା ନାହିଁ । ଉପ ଡାକଘର ଓ ଗ୍ରାମ୍ୟ ଡାକଘରେ ଅଧିକାଂଶ ପଦବୀ ଗ୍ରାମୀଣ ଡାକ ସେବକମାନେ ହିଁ ନିର୍ବାହ କରୁଛନ୍ତି । ପୂର୍ବରୁ ନିୟମ ଥିଲା ଗ୍ରାମୀଣ ଡାକଘର କର୍ମଚାରୀ ସେହି ଅଞ୍ଚଳରୁ ନିଯୁକ୍ତି ପାଉଥିଲେ ଏବଂ ସେମାନେ ଚିଠିପ୍ରତ ଇତ୍ୟାଦି ସୁବିଧାରେ ବଣ୍ଟନ କରିଦେଉଥିଲେ । ବର୍ତ୍ତମାନ ଡାକ ବିଭାଗର ଚିଠି ଗ୍ରହଣ ଓ ବଣ୍ଟନ ବ୍ୟବସ୍ଥା ବନ୍ଦ କରିବା ସ୍ଥିତିରେ ରହିଲାଣି । ଆଗକୁ କେବଳ ସଞ୍ଚୟ ବ୍ୟାଙ୍କ୍ ନାମରେ ଚଳାଇବା ବ୍ୟବସ୍ଥା କରୁଥିବା ମନେହେଉଛି ।

**– ଶ୍ରୀରାମଚନ୍ଦ୍ରପୁର, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ,ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଚାଇନାକୁ ଦେବେ ୫୦ ହଜାର କୋଟିର ଝଟକା**

ଦୀପାବଳିରେ ବ୍ୟବସାୟୀମାନେ ଚାଇନା ପ୍ରସ୍ତୁତ ସାମଗ୍ରୀ ବର୍ଜନ ଡାକରା ଦେଇଛନ୍ତି। ଏହା ଦ୍ୱାରା ଚାଇନା ରପ୍ତାନିକାରୀଙ୍କୁ ପ୍ରାୟ ୫୦ ହଜାର କୋଟି ଟଙ୍କାର ଝଟ୍‌କା ଲାଗିବ ବୋଲି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) କହିଛି। ଦିୱାଲି ସମୟରେ ଭାରତୀୟ ଗ୍ରାହକମାନେ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ସଂଘ ପକ୍ଷରୁ ଆକଳନ କରାଯାଇଛି।

## ସଂକ୍ଷେପରେ

### ନଭେମ୍ବର ୩୦ ଯାଏ ଅନ୍ତର୍ଜାତୀୟ ବିମାନ ସେବା ବାତିଲ

**ନୂଆଦିଲ୍ଲୀ,୨୯।୧୦:** ଅନ୍ତର୍ଜାତୀୟ ବିମାନ ସେବା କ୍ଷେତ୍ରରେ ରହିଥିବା କଟକଣାକୁ କେନ୍ଦ୍ର ସରକାର ନଭେମ୍ବର ୩୦ ଯାଏ ବଢ଼ାଇଛନ୍ତି। ବର୍ତ୍ତମାନ କୋଭିଡ-୧୯ ସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆସି ନ ଥିବାରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିମାନ ଯୋଗେ ଅନ୍ତର୍ଜାତୀୟ ମାଲ୍ ପରିବହନ କ୍ଷେତ୍ରରେ ଏହି ନିୟମ କାର୍ଯ୍ୟକାରୀ ହେବ ନାହିଁ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ଶୁକ୍ରବାର ସୂଚନା ମିଳିଛି। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସରକାର ଯାତ୍ରୀବାହି ବିମାନକୁ ମଧ ଅନୁମତି ପ୍ରଦାନ କରିପାରନ୍ତି। କୋଭିଡକୁ ଦେଖି ଗତ ବର୍ଷ ମାର୍ଚ୍ଚ ୨୩ ପରଠାରୁ ଅନ୍ତର୍ଜାତୀୟ ବିମାନ ସେବା ବାତିଲ ରହିଛି। ଏୟାର ବବଲ୍ ଚୁକ୍ତି ଦ୍ୱାରା ପ୍ରାୟ ୨୮ ଦେଶକୁ ବିମାନ ସେବା ଉପଲବ୍ଧ କରାଯାଉଛି। ସେହିଭଳି ବିଦେଶରେ ଫସିଥିବା ଭାରତୀୟଙ୍କୁ ଫେରାଇ ଆଣିବାକୁ କେନ୍ଦ୍ର ସରକାର ବନ୍ଦେ ଭାରତ ବିମାନ ସେବା ଉପଲବ୍ଧ କରାଇଥିଲେ।

### ୮.୫% ସୁଧ ଦେବ ଇପିଏଫ୍‌ଓ

**ନୂଆଦିଲ୍ଲୀ,୨୯।୧୦:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ(ଇପିଏଫ୍‌ଓ) ହିତାଧିକାରୀଙ୍କୁ ଜମା ଉପରେ ଆର୍ଥିକ ବର୍ଷ ୨୦୨୦-୨୧ରେ ୮.୫% ସୁଧ ମିଳିବ। ଏହି ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିଥିବା ଜଣାପଡ଼ିଛି। ଇପିଏଫ୍‌ଓର ୬ କୋଟି ହିତାଧିକାରୀ ରହିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ଦୀପାବଳି ଉପହାର ବୋଲି କୁହାଯାଉଛି। ଶୁକ୍ରବାର ସରକାର ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ଶୀଘ୍ର ଏ ସଂକ୍ରାନ୍ତରେ ସରକାର ବିଜ୍ଞପ୍ତି ଜାରି କରିବେ ବୋଲି ଅଧିକାରୀ ଜଣକ କହିଛନ୍ତି। ହିତାଧିକାରୀଙ୍କୁ କେତେ ପରିମାଣର ସୁଧ ମିଳିବ ସେ ସମ୍ପର୍କରେ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପ୍ରସ୍ତାବ ରଖିଥାଏ।

# କୋର୍ ସେକ୍ଟରରେ ୪.୪% ବୃଦ୍ଧି

**ନୂଆଦିଲ୍ଲୀ,୨୯।୧୦**

ସେପ୍ଟେମ୍ବରରେ ଦେଶର ୮ କୋର୍ ସେକ୍ଟରରେ ୪.୪% ବୃଦ୍ଧି ପରିଲକ୍ଷିତ ହୋଇଛି। ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ ଏବଂ ସିମେଣ୍ଟ ଭଳି କ୍ଷେତ୍ରଗୁଡ଼ିକର ପ୍ରଦର୍ଶନ ଉନ୍ନତ ରହିବାକୁ ଏଭଳି ସ୍ଥିତି ଆସିଛି ବୋଲି ଶୁକ୍ରବାର କେନ୍ଦ୍ର ସରକାରଙ୍କ ଡାଟାରୁ ଜଣାପଡ଼ିଛି। ୮ ପ୍ରମୁଖ ଭିତ୍ତିଭୂମି କ୍ଷେତ୍ର ମଧ୍ୟରେ କୋଇଲା, ଅଶୋଧିତ ତେଲ, ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ରହିଛି। ଏହି ସବୁ କ୍ଷେତ୍ରଗୁଡ଼ିକରେ ୦.୬% ବୃଦ୍ଧି ଘଟିଥିବା କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରେ କୁହାଯାଇଛି।

ଚଳିତ ବର୍ଷ ଅଗଷ୍ଟରେ କୋର୍ ସେକ୍ଟର ୧୧.୫% ବୃଦ୍ଧି ଘଟିଥିଲା। ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କରେ



କୋର୍ ସେକ୍ଟରର ଅଂଶ ପ୍ରାୟ ୪୦.୨୭% ରହିଛି। ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ସିମେଣ୍ଟ ଭଳି କ୍ଷେତ୍ରଗୁଡ଼ିକର ଉତ୍ପାଦନ ଅଭିବୃଦ୍ଧି ଯଥାକ୍ରମେ ୨୭.୫%, ୬% ଏବଂ ୧୦.୮% ରହିଛି। ଅଶୋଧିତ ତେଲ ଉତ୍ପାଦନ ୧.୭% କମିଛି। ୮ ପ୍ରମୁଖ ଶିଳ୍ପ କ୍ଷେତ୍ରର ଉତ୍ପାଦନ ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବର ଅବଧିରେ ୧୬.୬% ବଢ଼ିଛି। ଗୋଟିଏ ବର୍ଷ ସମାନ ସମୟ ଅବଧିରେ ଏହା ୧୪.୫% ନିମ୍ନରେ ରହିଥିଲା।

କରୋନା ମହାମାରୀ ଯୋଗୁ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ସଙ୍କଟ ମଧ୍ୟକୁ ଚାଲି ଯାଇଥିଲା। ଭାରତ ବଜାରର ଆର୍ଥିକ କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହେବା ଯୋଗୁ ଜିଡିପି -୭.୩% ଖସିଥିଲା। ମାତ୍ର ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ଅଣ୍ଟା ସଳଖିବାକୁ ପୁଣି ଥରେ ଚେଷ୍ଟା କରୁଛି। ଆର୍ଥିକ କାର୍ଯ୍ୟକଳାପ ପୁଣି ଥରେ ସୁଧାର ପଥକୁ ଫେରୁଛି। ପୁଣି ଥରେ ଶିଳ୍ପ କ୍ଷେତ୍ର ଚଳଚଞ୍ଚଳ ହେବାକୁ ଲାଗିଲାଣି। ଏହାର ଝଲକ ଉତ୍ପାଦନ ଉପରେ ଦେଖାଯାଇଛି। ତେବେ ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ସକାରାତ୍ମକ ରହିବା ସହ ୯%ରୁ ଊର୍ଦ୍ଧ୍ୱ ରହିବ ବୋଲି ଆର୍‌ବିଆଇ ସମେତ ଅନ୍ୟ ଏଜେନ୍ସିଗୁଡିକ ଆକଳନ କରିଛନ୍ତି।

# ଜେରଥ ପାଥ୍‌ଲାବ୍ ପକ୍ଷରୁ ଆଲର୍ଜି ପରୀକ୍ଷଣ

**ଭୁବନେଶ୍ୱର,୨୯।୧୦**



ପ୍ରଶାନ୍ତ ଜେରଥ

ଜେରଥ ପାଥ୍‌ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟର ପକ୍ଷରୁ ଆଲର୍ଜି ପରୀକ୍ଷଣ ସମ୍ପର୍କରେ ଘୋଷଣା କରାଯାଇଛି। ୨୯ ଅକ୍ଟୋବରଠାରୁ ନଭେମ୍ବର ୧ ଯାଏ ଏହା ରାଜ୍ୟର ବିଭିନ୍ନ ସହରରେ ଅନୁଷ୍ଠିତ ହେବ। ଅନୁଷ୍ଠାନର କଲେକ୍ସନ ସେଣ୍ଟର ବାଲେଶ୍ୱର, ବାରିପଦା, ଭଦ୍ରକ, ବ୍ରହ୍ମପୁର, ଗଜପତି, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଖଣ୍ଡଗିରି, କଟକ, କେନ୍ଦ୍ରାପଡ଼ା, ଅନୁଗୋଳ, କେନ୍ଦୁଝର, କୋରାପୁଟ, ରାୟଗଡ଼ା, ଯାଜପୁର, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ଭବାନିପାଟଣା, ସୋହେଲା, ଝାରସୁଗୁଡ଼ା, ବୁର୍ଲା ଏବଂ ବରଗଡ଼ରେ ରହିଛି। ଏହି ସ୍ଥାନଗୁଡ଼ିକରେ ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ସମ୍ପୂର୍ଣ୍ଣ ଆଲର୍ଜି ପରୀକ୍ଷଣ କରାଇବାକୁ ରୋଗୀ ସକ୍ଷମ ହୋଇ ପାରିବେ। ଏହି ପରୀକ୍ଷଣରେ ଜେରଥ ପକ୍ଷରୁ ରିହାତି ମଧ ଦିଆଯାଉଛି। ପରୀକ୍ଷଣ ବାଦ୍ ଭିଟାମିନ ବି୧୨ ଏବଂ ଭିଟାମିନ ଡି ଯାଞ୍ଚ ସମ୍ପୂର୍ଣ୍ଣ ଭାବେ ମାଗଣାରେ କରାଯିବ। ପରୀକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ୯୮୭୫୯-୩୦୮୩୧, ୯୮୭୫୯-୩୦୮୩୨ ନମ୍ବରରେ ସମ୍ପର୍କ କରିପାରିବେ। ଏହି ନମ୍ବରରେ ସମ୍ପର୍କ କରି ନିକଟସ୍ଥ ସେଣ୍ଟର ସମ୍ପର୍କରେ ଜାଣିବା ସହ ରକ୍ତ ନମୁନା ଦେଇହେବ। ଏକ ସ୍ୱତନ୍ତ୍ର ମେଶିନ ଦ୍ୱାରା ଆଲର୍ଜି ପରୀକ୍ଷଣ ହେଉଥିବା କମ୍ପାନୀର ଏମ୍‌ଡି ଡ. ପ୍ରଶାନ୍ତ ଜେରଥ କହିଛନ୍ତି।

# ରିଲାଏନ୍ସ ଡିଜିଟାଲରେ ଦୀପାବଳି ଅଫର

**ଭୁବନେଶ୍ୱର,୨୯।୧୦**

ରିଲାଏନ୍ସ ଡିଜିଟାଲ ପକ୍ଷରୁ ଦୀପାବଳି ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ରିଲାଏନ୍ସଡିଜିଟାଲ ଷ୍ଟୋର, ମାଇଁଜିଓ ଷ୍ଟୋର ଏବଂ ରିଲାଏନ୍ସ ଡିଜିଟାଲ ଡଟ୍ ଇନ୍‌ରେ ଗ୍ରାହକ ଆକର୍ଷଣୀୟ ଡିଲ୍ ଏବଂ ଡିସ୍‌କାଉଣ୍ଟ ଲାଭ କରିପାରିବେ। କମ୍ପାନୀ ପକ୍ଷରୁ ୧୦% ତ୍ୱରିତ ରିହାତି ପ୍ରଦାନ କରାଯାଉଛି। ନିର୍ଦ୍ଦିଷ୍ଟ ବ୍ୟାଙ୍କଗୁଡ଼ିକର କ୍ରେଡିଟ ଏବଂ ଡେବିଟ୍ କାର୍ଡ କ୍ରୟ ଉପରେ ଏହି ସୁବିଧା ଲାଗୁ ହେବ। ନଭେମ୍ବର ୭ ଯାଏ ଅଫର ଉପଲବ୍ଧ ହେଉଛି। ଟିଭି, ସ୍ମାର୍ଟଫୋନ, ଲାପ୍‌ଟପ୍, ରେଫ୍ରିଜରେଟର, ୱାଶିଂମେଶିନ, ୱେରେବଲ ଏବଂ ହୋମ୍ ଆପ୍ଲାଏନ୍ସର ବିସ୍ତୃତ ବର୍ଗ ଉପରେ ସ୍ୱତନ୍ତ୍ର ଅଫର ରହିଛି। ବଛା ବଛା ସ୍ମାର୍ଟଫୋନ ମଡେଲ ଉପରେ ଗ୍ରାହକଙ୍କ ଲାଗି ଅଫର ରହିଛି। ସାମ୍‌ସଙ୍ଗ ଏସ୍‌୨୧ ପ୍ଲସ୍ ୬୧,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ୨୯,୯୯୯ ଟଙ୍କାର ଆରମ୍ଭ ମୂଲ୍ୟରେ ୱାନ୍ ପ୍ଲସ୍ ନର୍ଡ-୨ ମିଳୁଛି। ଏଥିରେ ଅତିରିକ୍ତ ବେନିଫିଟ ମିଳିବ।

ଟପ୍ ବ୍ରାଣ୍ଡ ୱେରେବଲ ୧୯୯୯ ଟଙ୍କାର ଆରମ୍ଭ ମୂଲ୍ୟରେ ମିଳୁଥିବା ବେଳେ ଅତିରିକ୍ତ ବେନିଫିଟ ମିଳୁଛି। ଏନ୍‌ଭିଡିଆ ଜିଟିଏକ୍ସ ୧୬୫୦ଟିଆଇ ହାଇପରଫର୍ମାନ୍ସ ଲାପ୍‌ଟପ୍ ମାସିକ ୪୯୯୯ ଟଙ୍କା ଦେୟରେ ମିଳିବ। ନୂଆ ୱିଣ୍ଡୋ ୧୧ ଲାପ୍‌ଟପ୍ ୫୬,୯୯୯ ଟଙ୍କାର ଆରମ୍ଭ ମୂଲ୍ୟରେ ମିଳୁଛି। ଏଥିଲାଗି ୪୭୪୯ ଇଏମ୍‌ଆଇରେ ମିଳୁଥିବା ବେଳେ ୧୧,୯୦୦ ଟଙ୍କା ଯାଏ ବେନିଫିଟ ମିଳିବ। ସାମ୍‌ସଙ୍ଗ ନ୍ୟୁ କ୍ୟୁଏଲ୍‌ଇଡି ଟିଭି ଉପରେ ୩ ବର୍ଷର ୱାରେଣ୍ଟି ସହ ୨୦% ଯାଏ କ୍ୟାଶ୍‌ବ୍ୟାକ, ୩୭,୪୦୦ ଟଙ୍କାର ମାଗଣା ସାମ୍‌ସଙ୍ଗ ସାଉଣ୍ଡ ବାର୍ ମିଳିବ। ଏଲ୍‌ଜି ଓଏଲ୍‌ଇଡି ସ୍ମାର୍ଟ ଟିଭି କ୍ଷେତ୍ରରେ ୩ ବର୍ଷର ୱାରେଣ୍ଟି ଏବଂ ୨୦% ଯାଏ କ୍ୟାଶ୍‌ବ୍ୟାକ ରହିଛି। ଡାଇରେକ୍ଟ କୁଲ୍ ରେଫ୍ରିଜରେଟର ୧୨,୪୯୦ ଟଙ୍କାରେ ଉପଲବ୍ଧ। ଏଥିରେ ୧୫୯୫ ଟଙ୍କାର ରିହାତି ରହିଛି। ପ୍ରିମିୟମ ସାଇଡ ବାଏ ସାଇଡ ରେଫ୍ରିଜରେଟର ପ୍ରମୁଖ ବ୍ରାଣ୍ଡ୍ ୫୩,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ୧୪,୯୯୦ ଟଙ୍କାର ଆରମ୍ଭ ମୂଲ୍ୟରେ ଟପ୍ ଲୋଡ୍ ୱାଶିଂ ମେଶିନ ମିଳୁଛି। ଏହାର ବଛାବଛା ମଡେଲ ଉପରେ ୧୫୯୫ ଟଙ୍କା ରିହାତି ରହିଛି। ପ୍ରମୁଖ ବ୍ରାଣ୍ଡ୍‌ଗୁଡିକର ଫ୍ରଣ୍ଟ ଲୋଡ୍ ୱାଶିଂ ମେଶିନ ୧୯,୯୯୦ ଟଙ୍କାରେ ମିଳୁଛି। ଏହା ଉପରେ ୪୪୯୫ ଟଙ୍କା ଯାଏ ରିହାତି ରହିଛି। ୧୨୯୯ ଟଙ୍କାରେ ବ୍ରେକ୍‌ଫାଷ୍ଟ କମ୍ବୋ ମିଳୁଛି। ଗ୍ରାହକଙ୍କ ଲାଗି ଇଏମ୍‌ଆଇ ଏବଂ ସହଜ ଫାଇନାନ୍ସ ସୁବିଧା କରାଯାଇଥିବା ଷ୍ଟୋର ପକ୍ଷରୁ କୁହାଯାଇଛି।

### ଦିୱାଲିରୁ ଉପଲବ୍ଧ ହେବ ଜିଓ ଫୋନ୍ ନେକ୍ସଟ

**ନୂଆଦିଲ୍ଲୀ,୨୯।୧୦**

ଦିୱାଲିରୁ ଜିଓ ଫୋନ୍ ନେକ୍ସଟ ଉପଲବ୍ଧ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଘୋଷଣା କରାଯାଇଛି। ରିଲାଏନ୍ସ ଏବଂ ଗୁଗଲ ପକ୍ଷରୁ ମିଳିତ ଭାବେ ଏହି ସ୍ମାର୍ଟଫୋନ୍‌କୁ ପ୍ରସ୍ତୁତ କରାଯାଇଛି। ଏହାର ମୂଲ୍ୟ ୬,୪୯୯ ଟଙ୍କା ଥିବା ବେଳେ ଏହାକୁ ୧,୯୯୯ ଟଙ୍କା ଦେଇ କିଣିହେବ। ଅବଶିଷ୍ଟ ଅର୍ଥକୁ ଗ୍ରାହକ କିସ୍ତିରେ ଦେଇପାରିବେ ବୋଲି କମ୍ପାନୀ ଟୁଇଟ ଯୋଗେ କହିଛି। ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ସ୍ମାର୍ଟଫୋନ ବଜାରରେ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଫୋନ ଯୋଗାଣ ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଫୋନ୍‌ଟି ଚାଇନା ବ୍ରାଣ୍ଡଗୁଡିକ ସହ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି କୁହାଯାଉଛି। ଜିଓ ଫୋନରେ ପ୍ରଗତି ଅପରେଟିଂ ସିଷ୍ଟମ ରହିଛି।

# କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୯।୧୦**

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ନିମନ୍ତେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଷ୍ଟୋରିୱାଲା କମ୍ପାନୀର ପ୍ରତିଷ୍ଠାତା ଅମିନ ହକ ପରିଚାଳନା କରିଥିଲେ। ଏଭଳି ସ୍ୱତନ୍ତ୍ର ଉଦ୍ୟମ ସମ୍ପର୍କରେ ମତ ଦେଇ ବିଦ୍ୟାଳୟର ଚେୟାରପର୍ସନ ଡ.ମୋନା ଲିସା ବଳ କହିଛନ୍ତି, ଏଭଳି ସଙ୍କଟ ମୁହୂର୍ତ୍ତ ଲୋକଙ୍କୁ ଚାପଗ୍ରସ୍ତ କରିଛି। ବର୍ତ୍ତମାନ ବିଭିନ୍ନ ବର୍ଗର ଲୋକଙ୍କୁ ମାନସିକ ଓ ମନସ୍ତାତ୍ତ୍ୱିକ ସୁସ୍ଥତା ପ୍ରଦାନ କରିବା ଜରୁରୀ ହୋଇ ପଡ଼ିଛି। ଏଭଳି ପ୍ରସଙ୍ଗକୁ ଦୃଷ୍ଟିରେ ରଖି କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ପରିବାରକୁ ସହାୟତା ପ୍ରଦାନ କରିବା ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍କୁଲ ସର୍ବଦା ସମନ୍ୱିତ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଆସିଛି।

## ଫୁର୍‌ସତ୍



# ଆଲିଆଙ୍କୁ ମହେଶଙ୍କ ପ୍ରଶଂସା

**ମୁମ୍ବାଇ:** ୨୦୧୨ରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିବା ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ଆଜି ଅନ୍ୟତମ ପ୍ରସିଦ୍ଧ ଅଭିନେତ୍ରୀ। ନିକଟରେ ଏକ ସାକ୍ଷାତ୍‌କାରରେ ମହେଶ ଭଟ୍ଟ ଝିଅଙ୍କୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ସେ କହିଥିଲେ, ୨ ବର୍ଷରେ ଆଲିଆ ଯାହା ରୋଜଗାର କରିଛନ୍ତି, ତାହା ପାଇବାକୁ ତାଙ୍କୁ ୫୦ ବର୍ଷ ଲାଗିଥିଲା। ଏହା ସହିତ ମହେଶ ଭଟ୍ଟ ଆଲିଆଙ୍କ ସଫଳତା ବିଷୟରେ ଏକ ପତ୍ରିକାକୁ ସାକ୍ଷାତ୍‌କାର ଦେଇ କହିଥିଲେ, ଆଲିଆ ନିଜ ମାଆବାପାଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା। ତାଙ୍କ ଭିତରେ ଏକ କ୍ରେଜ ରହିଛି। ସେ ଫୋକସ୍‌ର ସହିତ କାମ କରନ୍ତି। ଜଣେ ଅଭିନେତ୍ରୀ ହେବା ପାଇଁ ନିଜ ଭିତରେ ବହୁତ ବିଶ୍ୱାସ ରହିବା ଆବଶ୍ୟକ। ମୋ ଭିତରେ ସେହି ଲୋକମାନଙ୍କ ପାଇଁ ବହୁତ ସମ୍ମାନ ଅଛି, ଯେଉଁମାନେ ଚଳଚ୍ଚିତ୍ର ନିର୍ମାଣ କରନ୍ତି । ସଫଳତାର ସିଡ଼ି ଚଢ଼ିବା ସେହି ଯୁବକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆଲିଆ ଛୋଟବେଳେ ତାଙ୍କ ପିତାଙ୍କ ପାଦରେ କ୍ରିମ ଲଗାଉଥିଲେ, ତାହା ମଧ ୫୦୦ ଟଙ୍କାରେ। ଆଜି ସେ ଦୁଇ ବର୍ଷରେ ଯେତିକି ରୋଜଗାର କରିଛନ୍ତି, ମୁଁ ୫୦ ବର୍ଷରେ କରିପାରିଥିଲ ବୋଲି ପିତା ମହେଶ ଭଟ୍ଟ କହିଛନ୍ତି ।

# ସଞ୍ଚୟ ବି ଗୁରୁତ୍ୱପୂର୍ଣ୍ଣ

**ପ୍ର**ତିବର୍ଷ ଅକ୍ଟୋବର ୩୧ରେ ସମଗ୍ର ବିଶ୍ୱରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଉଥିବା ବେଳେ ଆମ ଦେଶରେ ଏହା ଅକ୍ଟୋବର ୩୦ରେ ପାଳନ କରାଯାଇଥାଏ। ଟଙ୍କା ସଞ୍ଚୟ କରିବା ହେଉଛି ଏକ ଶିକ୍ଷା ; ଯାହାକୁ ଆମେ ଆମ ପିଲାଦିନରୁ ମାତାପିତାଙ୍କଠାରୁ ଶିଖିଥିଲୁ। ଅବଶ୍ୟ ଏହା ଆମ ଜୀବନର ଶେଷ ପର୍ଯ୍ୟାୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। କାରଣ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଟଙ୍କା ସଞ୍ଚୟ କରିବାର ଆବଶ୍ୟକତା ରହିଛି। ଦେଶର ବିକାଶରେ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅର୍ଥ ସଞ୍ଚୟ କରିବା ବି ଗୁରୁତ୍ୱପୂର୍ଣ୍ଣ। ୧୯୨୪ ଅକ୍ଟୋବର ୩୦ରେ ଇଟାଲିର ମିଲାନରେ ପ୍ରଥମ ଅନ୍ତର୍ଜାତୀୟ ସେଭିଙ୍ଗ ବ୍ୟାଙ୍କ (ୱାର୍ଲ୍ଡ ସୋସାଇଟି ଅଫ୍ ସେଭିଙ୍ଗ ବ୍ୟାଙ୍କ) ସମୟରେ ବିଶ୍ୱ ସଞ୍ଚୟ ଦିବସ ପ୍ରତିଷ୍ଠା କରାଯାଇଥିଲା। ଇଟାଲିର ପ୍ରଫେସର ଫିଲିପ୍ପୋ ରବିଜା ଏହି ଦିନ କଂଗ୍ରେସର ଶେଷ ଦିନରେ 'ଅନ୍ତର୍ଜାତୀୟ ସଞ୍ଚୟ ଦିବସ' ଘୋଷଣା କରିଥିଲେ।



**ବିଶ୍ୱ ମିତବ୍ୟୟିତା ଦିବସ**

ସାରା ବିଶ୍ୱରେ ସଞ୍ଚୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି। ପ୍ରାରମ୍ଭରେ ବିଦ୍ୟାଳୟ, କାର୍ଯ୍ୟାଳୟ, ମହିଳା ସଙ୍ଗଠନ, କ୍ରୀଡ଼ା ଇତ୍ୟାଦି ସହଯୋଗରେ ଅର୍ଥ ସଞ୍ଚୟର ମହତ୍ତ୍ୱ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ସେବେଠାରୁ ସଞ୍ଚୟ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି।

### ବଦଳିବନି ଏସବୁ ସୋସିଆଲ ମିଡିଆ

**ନ୍ୟୁୟର୍କ:** ସୋସିଆଲ ମିଡିଆ ଜିଆଣ୍ଟ ଫେସ୍‌ବୁକ୍ ନାଁ ପରିବର୍ତ୍ତନ କରାଯାଇ 'ମେଟା' ରଖାଯିବ ବୋଲି କମ୍ପାନୀ ସିଇଓ ମାର୍କ ଜୁକରବର୍ଗ ଗୁରୁବାର ଘୋଷଣା କରିଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଫେସ୍‌ବୁକ୍ ଏକ ମେଟାଭର୍ସ କମ୍ପାନୀ ହେବାକୁ ଯାଉଥିବା ଜୁକରବର୍ଗ କହିଥିଲେ। 'ମେଟାଭର୍ସ' ଯୋଜନାର ଏକ ଅଂଶଭାବେ ସେ କମ୍ପାନୀର ରିବ୍ରାଣ୍ଡିଂ କରି ଏପରି ନାଁ ରଖିଛନ୍ତି। ଫେସବୁକ୍ ଚଳିତ ବର୍ଷ ଏହାର ଭର୍ଚୁଆଲ ୱାର୍ଲ୍ଡ ମେଟାଭର୍ସ ପାଇଁ ୧୦ ବିଲିୟନ ଡଲାର ବିନିଯୋଗ କରିବାକୁ ଯାଉଛି। ତେବେ ଏହାର ଅନ୍ୟ ସୋସିଆଲ ମିଡିଆ ଯଥା ଇନ୍‌ଷ୍ଟାଗ୍ରାମ, ମେସେଞ୍ଜର ଏବଂ ହ୍ୱାଟ୍ସଆପ୍‌ର ନାଁ ବଦଳିବ ନାହିଁ। ଏହି ନୂତନ ବ୍ରାଣ୍ଡ ଅଧୀନରେ ବିଭିନ୍ନ ଆପ୍ ଏବଂ ଟେକ୍ନୋଲୋଜି ଅଣାଯିବ। ତଥାପି କମ୍ପାନୀ ଏହାର କର୍ପୋରେଟ୍ ଗଠନକୁ ପରିବର୍ତ୍ତନ କରିବ ନାହିଁ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

DIWALI DHAMAKA
AADARSH FINANCE
ଦିପାବଳିର ଶୁଭ ଅବସରରେ ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ ଲକ୍ଷ ରୁ ୫୦ ଲକ୍ଷ ଲୋନ୍ ଯୋଗାଇଦେଉଛି ।
୨% ସୁଧ, ୫୦% ଛାଡ ।
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
9432985505, 9471160476
Whatsapp: 8797985140

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କେମିତି ମଦ ଛାଡ଼ିବେ
ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ ନ ଆଣି କିମ୍ବା ନ କହି।
ସମୟ ଦିବା ୧୦ଟାରୁ ୨ଟା।
ବାଲେଶ୍ୱର: ପ୍ରତିମାସ ୧ ଓ ୧୫ ତାରିଖ, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁ ଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭ ତାରିଖ, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ ପାଖ, ଯାଜପୁର ରୋଡ୍। କଟକ: ୪ ଓ ୧୮ ତାରିଖ, ହୋଟେଲ ରକ୍ସି, ବାଦାମବାଡ଼ି ବସ୍‌ଷ୍ଟାଣ୍ଡ। ଭୁବନେଶ୍ୱର: ୫ ଓ ୧୯ ତାରିଖ, ହୋଟେଲ ଗ୍ରଇଡେଣ୍ଟ, ଅଶୋକନଗର। ପୁରୀ: ୬ ଏବଂ ୨୦ ତାରିଖ, ହୋଟେଲ ପାରାଡାଇଜ, ଗ୍ରାଣ୍ଡରୋଡ଼। ବାରିପଦା: ୭ ଏବଂ ୨୧ ତାରିଖ, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ସୁଜାତା, ଭି.ଏସ୍.ଏସ୍.ମାର୍ଗ। ରାଉରକେଲା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଶ୍ୟାମ, ବିସ୍ରାରୋଡ଼, ରେଲଷ୍ଟେସନ ପାଖ। ପାରାଦୀପ: ପ୍ରତିମାସ ୮ ଏବଂ ୨୨ ତାରିଖ, ହୋଟେଲ ଆରିଷ୍ଟୋକ୍ରାଟ। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଏବଂ ୨୩ ତାରିଖ, ହୋଟେଲ ଗୋଲଡେନ ପ୍ୟାଲେସ୍, ବସ୍‌ଷ୍ଟାଣ୍ଡ ପାଖ। କେନ୍ଦୁଝର: ପ୍ରତିମାସ ୧୦ ଏବଂ ୨୪ ତାରିଖ, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ପାଖ। ଝାରସୁଗୁଡ଼ା: ୧୦ ଏବଂ ୨୪ ତାରିଖ, ହୋଟେଲ ଉପହାର, ଏମ୍.ବି.ରୋଡ଼। ଅନୁଗୁଳ: ୧୧ ଏବଂ ୨୫ ତାରିଖ, ହୋଟେଲ ଶାନ୍ତି ଗେଷ୍ଟ ହାଉସ୍, ବସ୍‌ଷ୍ଟାଣ୍ଡ ପାଖ। ବ୍ରହ୍ମପୁର: ୧୨ ଏବଂ ୨୬ ତାରିଖ, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ୍, ସରକାରୀ ବସ୍‌ଷ୍ଟାଣ୍ଡ ପାଖ। ଭବାନୀପାଟଣା: ୧୩ ଏବଂ ୨୭ ତାରିଖ, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଏବଂ ୨୮ ତାରିଖ, ହୋଟେଲ ଶାରଳା, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ ପାଖ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ।
ପୂଜା ସ୍ୱାସ୍ଥ୍ୟ କେନ୍ଦ୍ର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ଲାଭ ପାଇଁ ଫଳପ୍ରଦ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

# ପିଲାର ଅଜବ ନାମକରଣ

ସାଧାରଣତଃ ପିଲାଟିଏ ଜନ୍ମ ହେଲେ ପରିବାର ଲୋକେ ନାମକରଣ କରିଥାନ୍ତି। ଏଥିରୁ କେତେକ ନାଁ କୌତୂହଳ ସୃଷ୍ଟି କରିଥାଏ। ଏବେ ଇଣ୍ଡୋନେସିଆରେ ରହୁଥିବା ଜଣେ ନାବାଳକଙ୍କ ନାଁ ଶୁଣିଲେ ନ ହସି ରହିପାରିବେ ନାହିଁ। ପିଲାଟିର ନାଁ ABCIEF GHIJK Zuzu। ଏପରି ନାଁ ବିଷୟରେ ଜଣାପଡ଼ିଲା ଯେତେବେଳେ ସ୍ଥାନୀୟ ପୋଲିସ ଭ୍ୟାକ୍ସିନେଶନ ପାଇଁ ଅଭିଯାନ ଆରମ୍ଭ କରିଥିଲା। ଏଥିରେ ଏହି ନାବାଳକ ଜଣକ ସାମିଲ ଥିଲେ। ତାଙ୍କର ବୟସ ୧୨ ବର୍ଷ। ପୋଲିସ କର୍ମଚାରୀ ନାବାଳକର ଟିକାକରଣ ଭିଡିଓ କ୍ଲିପ୍ ରେକର୍ଡ କରିଥିଲେ। ଆରମ୍ଭରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଲାଗିଥିଲା କି ମଜାରେ ଏପରି କହୁଛନ୍ତି। ମାତ୍ର ତାଙ୍କର ହସ୍ପିଟାଲ ପରିଚୟ ପତ୍ର ଦେଖିବାରୁ ଜଣାପଡ଼ିଥିଲା ଏହା ତାଙ୍କର ପ୍ରକୃତ ନାମ। ଜୁଜୁଙ୍କ ପିତା ଜୁଲ୍‌ଫାମି କହିଛନ୍ତି, ତାଙ୍କ ପୁଅ ଜନ୍ମ ହେବାର ୬ ବର୍ଷ ଆଗରୁ ସେ ଏପରି ନାଁ ରଖିବେ ବୋଲି ନିଷ୍ପତ୍ତି ନେଇଥିଲେ। କାରଣ ତାଙ୍କୁ ପଜଲସ ବହୁତ ଭଲ ଲାଗେ। ଏହି କାରଣରୁ ସେ ତାଙ୍କ ପୁଅର ନାମ ABCIEF GHIJK Zuzu ରଖିଲେ। ସେ କହିଛନ୍ତି, ସାଧାରଣ ଭାବରେ ତାଙ୍କ ପୁଅକୁ ଏଡିଇଫ୍ ଡାକନ୍ତି। ଜୁଜୁ କୁହନ୍ତି, ତାଙ୍କର ଏପରି ଅସାଧାରଣ ନାମକୁ ନେଇ ଅନେକ ସମୟରେ ଲାଜ ଲାଗେ। ଅନ୍ୟ ଛାତ୍ରମାନେ ତାଙ୍କୁ ଚିଡ଼ାନ୍ତି।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶରତ କୁମାର ମହାନ୍ତି
ସି-୨୧, ଲିଙ୍ଗରାଜ ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୮।୦୪।୧୯୪୨
ତିରୋଧାନ:୨୦।୧୦।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଆମର ଭକ୍ତିପୂତ ନିବେଦନ ଓ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୨୧୬୮

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଜୟନ୍ତୀ ମିଶ୍ର
କପିଳପ୍ରସାଦ, ସୁନ୍ଦରପଦା, ଭୁବନେଶ୍ୱର
ଆବିର୍ଭାବ-୦୬।୦୬।୧୯୫୨
ତିରୋଧାନ- ୨୧।୧୦।୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-ଶୋକସନ୍ତପ୍ତ- ପୁତ୍ର: ବିଜୟ, ତାରିଣୀ, ଦେବୀ, ପିନାକୀ, ପୁତ୍ରବଧୂ: ଜିନା, ଲିନା, ଇତି, ହେନା, କନ୍ୟା-ଜାମାତା: ଲିଲି-ସୁଶାନ୍ତ, ଜଲି-ବର୍ଣ୍ଣି, ନାତି-ନାତୁଣୀ: କୁମ୍‌କୁମ୍, ବାବାନି, ମାମୁଲୁ, ଇନ୍ନୁ, କୁନି, ମିଶୁ, ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ ।
ଧ-୭୦୭୫୨

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ଶ୍ରୀଯୁକ୍ତ ବଟକୃଷ୍ଣ ଲେଙ୍କା
(ପ୍ରାକ୍ତନ ତହସିଲ ସୁପରଭାଇଜର)
କରଡ଼ାବଣୀ, ନିହଳ ପ୍ରସାଦ, ଢେଙ୍କାନାଳ
ଆବିର୍ଭାବ: ୦୯।୧୨।୧୯୪୫
ତିରୋଧାନ: ୨୨।୧୦।୨୦୧୯
କାର୍ତ୍ତିକ କୃଷ୍ଣନବମୀ
"ଦୂର ଆକାଶର ତାରା ହୋଇ ତୁମେ ଏମିତି ଝଟକୁ ଥାଅ
ପ୍ରଭୁଙ୍କ ଚରଣେ ଲୟ ରଖି ପୁଣି "ଆମ ସମସ୍ତଙ୍କୁ"
ଆଶୀର୍ବାଦ ଢାଳୁଥାଅ ।"
ଶୋକସନ୍ତପ୍ତ ପରିବାରବର୍ଗ: ପତ୍ନୀ: ଶ୍ରୀମତୀ ବାସନ୍ତୀ ଲେଙ୍କା, ପୁତ୍ର: ଶ୍ରୀମାନ୍ ବିଭୁପ୍ରସାଦ ଲେଙ୍କା, ପୁତ୍ରବଧୂ: ଶ୍ରୀମତୀ ମନସ୍ୱିନୀ ମହାପାତ୍ର, କନ୍ୟା:ଦୀପ୍ତିମୟୀ, ତୃପ୍ତିମୟୀ, ରାଜଶ୍ରୀ, ମଧୁସ୍ମିତା ଓ ଶୁଚିସ୍ମିତା, ଜାମାତା, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ।
ଧ-୭୦୩୬୬

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଅକ୍ଟୋବର ୩୦/୨୦୨୧ Dhenkanal, Saturday, October 30/ 2021

# ୱେଷ୍ଟଇଣ୍ଡିଜର ରୋମାଞ୍ଚକ ବିଜୟ

## ସେମି ଦୌଡ଼ରୁ ବାଂଲାଦେଶ ବିଦା

**ଶାରଜା,୨୯।୧୦**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାୟ ଗ୍ରୁପ୍-୧ର ବାଂଲାଦେଶ ବିପକ୍ଷ ମୁକାବିଲାରେ ୱେଷ୍ଟଇଣ୍ଡିଜ ୩ ରନରେ ରୋମାଞ୍ଚକ ବିଜୟ ହାସଲ କରିଛି। ଶୁକ୍ରବାର ଶାରଜା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ଅନ୍ତିମ ଓଭରରେ ୧୩ ଓ ଶେଷ ବଲ୍‌ରେ ୪ ରନ ଆବଶ୍ୟକ ହେଉଥିଲା। ତେବେ ୱେଷ୍ଟଇଣ୍ଡିଜର ଆନ୍ଦ୍ରେ ରସେଲ ଅନ୍ତିମ ବଲ୍‌ରେ ବାଂଲାଦେଶ ଅଧିନାୟକ ମହମୁଦୁଲ୍ଲାଙ୍କୁ କୌଣସି ରନ ଦେଇ ନ ଥିଲେ। ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୫ ଉଇକେଟରେ ୧୩୯ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ସୁପର-୧୨ରେ କ୍ରମାଗତ ତୃତୀୟ ପରାଜୟ ବରଣ କରିବା ପରେ ବାଂଲାଦେଶ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିଛି। ଏହାପୂର୍ବରୁ ବାଂଲାଦେଶ ଶ୍ରୀଲଙ୍କାଠାରୁ ୫ ଉଇକେଟ ଓ ଇଂଲଣ୍ଡଠାରୁ ୮ ଉଇକେଟରେ ପରାସ୍ତ ହୋଇଥିଲା। ୱେଷ୍ଟଇଣ୍ଡିଜ ଅନ୍ୟପଟେ ଏହାପୂର୍ବରୁ ଦକ୍ଷିଣ ଆଫ୍ରିକାଠାରୁ ୮ ଉଇକେଟ ଓ ଇଂଲଣ୍ଡଠାରୁ ୬ ଉଇକେଟରେ ପରାସ୍ତ ହୋଇଥିଲା। ୨୨ ବଲରୁ ୧ ଚୌକା ଓ ୪ ଛକା ସହ ଦ୍ରୁତ ୪୦ ରନ ସଂଗ୍ରହ କରିଥିବା ୱେଷ୍ଟଇଣ୍ଡିଜ ଉଇକେଟକିପର ବ୍ୟାଟର ନିକୋଲାସ ପୁରନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୪୩ ରନ ଆଭରେଜ ଟାର୍ଗେଟର ପିଛା କରି ବାଂଲାଦେଶ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ସଂଘର୍ଷ କରିଥିଲା। ଅଲରାଉଣ୍ଡର ଶକିବ ଅଲ ହାସନ ଓପନିଂ କରିବାକୁ ଆସିଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା। ସେ ମାତ୍ର ୯ ରନକରି ଆଉଟ ହେବା ପରେ ଓପନର ମହମ୍ମଦ ନଇମ ୧୭ ରନକରି ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟର ଲିଟନ ଦାସ ୪୩ ବଲରୁ ୪ ଚୌକା ସହ ୪୪ ରନକରି ଆଉଟ ହୋଇଥିବା ବେଳେ ମହମୁଦୁଲ୍ଲା ୨୪ ବଲରୁ ୨ ଚୌକା ଓ ୧ ଛକା ସହ ୩୧ ରନକରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟ ସରକାର ୧୭, ମୁସ୍‌ଫିକର ରହିମ ୮ ରନ କରିଥିଲେ ଓ ଅଫିଫ୍ ହୋସେନ ୨ ରନ କରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ବୋଲିଂରେ ରବି ରାମପଲ, ଜାସନ ହୋଲ୍ଡର, ଆନ୍ଦ୍ରେ ରସେଲ, ଅକିଲ ହୋସେନ ଓ ଡ୍ୱେନ ବ୍ରାଭୋ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ତରଫରୁ ପୁରନଙ୍କ ୪୦ ରନର ଧୂଆଁଧାର ଇନିଂସକୁ ବାଦ୍‌ଦେଲେ ରୋଷ୍ଟନ ଚେଜ୍ ୩୯ ରନକରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ କ୍ରିସ୍ ଗେଲ ୪, ଏଭିନ ଲୁଇସ୍ ୬, ଶିମରନ ହେଟମେୟର ୯, ଡେନ୍ ବ୍ରାଭୋ ୧ ରନକରି ଆଉଟ ହୋଇଥିଲେ। ଅଧିନାୟକ କିରନ ପୋଲାର୍ଡ ୧୪ ଓ ଜାସନ ହୋଲ୍ଡର ୧୫ ରନକରି ଅପରାଜିତ ରହିଥିଲେ। ବାଂଲାଦେଶର ମାହେଦି ହାସନ, ମୁସ୍ତାଫିଜୁର ରହମାନ ଓ ଶୋରିଫୁଲ ଇସ୍‌ଲାମ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୪୨/୭ (ନୋକାଲାସ ପୁରନ-୪୦, ରୋଷ୍ଟନ ଚେଜ୍-୩୯, ଜାସନ ହୋଲ୍ଡର-୧୫*, କିରନ ପୋଲାର୍ଡ-୧୪*, ମାହେଦି ହାସନ-୨/୨୭, ମୁସ୍ତାଫିଜୁର ରହମାନ-୨/୪୩, ଶୋରିଫୁଲ ଇସଲାମ-୨/୨୦)। ବାଂଲାଦେଶ ୨୦ ଓଭରରେ ୧୩୯/୫ (ଲିଟନ ଦାସ-୪୪, ମହମୁଦୁଲ୍ଲା-୩୧*, ମହମ୍ମଦ ନଇମ-୧୭, ସୌମ୍ୟ ସରକାର-୧୭, ଜାସନ ହୋଲ୍ଡର-୧/୨୨, ରବି ରାମପଲ-୧/୨୫, ଆନ୍ଦ୍ରେ ରସେଲ-୧/୨୯, ଅକିଲ ହୋସେନ-୧/୨୪, ଡ୍ୱେନ ବ୍ରାଭୋ- ୧/୩୬)।



ବିଜୟ ହାସଲ ପରେ ୱେଷ୍ଟଇଣ୍ଡିଜ ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

### ଟି୨୦ ବିଶ୍ୱକପ

(ଆଜିର ମ୍ୟାଚ)

**ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା**
ସ୍ଥାନ: ଶାରଜା, ଅପରାହ୍ନ ୩ଟା ୩୦

**ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ**
ସ୍ଥାନ: ଦୁବାଇ, : ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# ଦ୍ୱିତୀୟ ରାଉଣ୍ଡରେ ପଦ୍ମିନୀ ବିଜୟୀ

**ରିଗା (ଲାଟଭିଆ), ୨୯।୧୦(ପି.ଟି.)**

ଏଠାରେ ଚାଲିଥିବା ଫିଡେ ଗ୍ରାଣ୍ଡ ସୁଇସ୍ ଚେସ୍ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ଖେଳାଳିମାନେ ଉଭୟ ମହିଳା ଓ ପୁରୁଷ ବିଭାଗରେ ମିଶ୍ରିତ ଫଳ ପାଇଛନ୍ତି। ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ପଦ୍ମିନୀ ରାଉତ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ଚାଇନାର ଝୁ ଜିନେରଙ୍କଠାରୁ ହାରି ଯାଇଥିବା ଏହି ଓଡ଼ିଆ ଚେସ୍ ତାରକା ଦ୍ୱିତୀୟ ରାଉଣ୍ଡରେ ସୁଇଡେନର ପିଆ କ୍ରାମଲିଙ୍ଗଙ୍କୁ ପରାସ୍ତ କରିଛନ୍ତି। ସେହିପରି ପ୍ରଥମ ରାଉଣ୍ଡରେ ନାତାଲିୟା ବୁକ୍ସାଙ୍କୁ ହରାଇଥିବା ଅନ୍ୟତମ ଭାରତୀୟ ମହିଳା ଖେଳାଳି ଡି. ହାରିକା ଦ୍ୱିତୀୟ ରାଉଣ୍ଡରେ ସାଥି ଖେଳାଳି ଦିବ୍ୟା ଦେଶମୁଖଙ୍କ ସହ ପଏଣ୍ଟ ଭାଗ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ଶେଷସୁଦ୍ଧା ୭ ଖେଳାଳି ଅଗ୍ରଣୀ ରହିଥିବାବେଳେ ହାରିକା ୧.୫ ପଏଣ୍ଟ ଗ୍ରୁପରେ ରହିଛନ୍ତି। ପ୍ରଥମ ରାଉଣ୍ଡରେ ଦକ୍ଷିଣ ଆଫ୍ରିକାର ଜେସି ନିକ୍‌ଙ୍କୁ ହରାଇଥିବା ଆର. ବୈଶାଳୀ ଦ୍ୱିତୀୟ ରାଉଣ୍ଡରେ ଜର୍ଜିଆର ନିନୋ ବାତ୍‌ସିଆଶଭିଲିଙ୍କଠାରୁ ହାରି ଯାଇଛନ୍ତି। ୫ ଭାରତୀୟ ମହିଳା ଖେଳାଳି ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି।

ପୁରୁଷ ବିଭାଗ ଦ୍ୱିତୀୟ ରାଉଣ୍ଡରେ ଅଭିଜ୍ଞ ଗ୍ରାଣ୍ଡମାଷ୍ଟର କେ. ଶଶିକିରଣ ଉଜବେକିସ୍ତାନର ଶାମସୁଦ୍ଦିନ ଭାଖିଡୋଭଙ୍କୁ ସହଜରେ ହରାଇ ଦେଇଥିବାବେଳେ ଟିନ୍‌ଏଜ୍ ସେନ୍‌ସେଶନ ଆର. ପ୍ରଜ୍ଞାନନ୍ଦ ମାରାଥନ ୫୫ତମ ମୁଭ୍‌ରେ ଅନ୍ୟତମ ଭାରତୀୟ ଖେଳାଳି ବି. ଅଧିବନଙ୍କୁ ପରାସ୍ତ କରିଛନ୍ତି। ୨ ରାଉଣ୍ଡ ପରେ ଉଭୟ ଶଶିକିରଣ ଓ ପ୍ରଜ୍ଞାନନ୍ଦ ୧.୫ ପଏଣ୍ଟ ଲେଖାଏ ପାଇଛନ୍ତି। ପ୍ରତିଭାସମ୍ପନ୍ନ ଫ୍ରାନ୍ସର ଅଲିରେଜା ଫିରୋଉଜାଙ୍କ ସମେତ ୩ ଖେଳାଳି ୨ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ରହିଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଭାରତୀୟଙ୍କ ମଧ୍ୟରେ ସବୁଠାରୁ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଗ୍ରାଣ୍ଡମାଷ୍ଟର ପି. ହରିକିଷ୍ଣା ପ୍ରଥମ ରାଉଣ୍ଡରେ ଭ୍ଲାଡିସ୍ଲାଭ କୋଭାଲେଭ ଏବଂ ଦ୍ୱିତୀୟ ରାଉଣ୍ଡରେ ଆଲେକ୍ସି ଡ୍ରିଭ୍‌ଙ୍କଠାରୁ ହାରି ଯାଇଛନ୍ତି। ପ୍ରତିଭାସମ୍ପନ୍ନ ୧୭ ବର୍ଷୀୟ ନିହାଲ ସରିନ ଏକଦା ଖରାପ ସ୍ଥିତିରେ ଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ବିଶ୍ୱର ୨ ନମ୍ବର ଖେଳାଳି ଫାବିଆନୋ କାରୁଆନାଙ୍କ ବିପକ୍ଷରେ ମ୍ୟାଚ ଡ୍ର ରଖିଛନ୍ତି। ପ୍ରଥମ ରାଉଣ୍ଡରେ ସେ କିରିଲ ଜର୍ଜିଏଭଙ୍କୁ ପରାସ୍ତ କରିଥିଲେ। ଡି. ଗୁକେଶ ପ୍ରଥମ ରାଉଣ୍ଡରେ ଆର୍ଣ୍ଟେନିନା ରାକୋତୋମାହାରୋଙ୍କୁ ହରାଇଥିବାବେଳେ ଦ୍ୱିତୀୟ ରାଉଣ୍ଡରେ ଇରାନର ପରହାମ ମାଘସୁଦଲୁଙ୍କ ବିପକ୍ଷରେ ପଏଣ୍ଟ ଭାଗ କରି ୧.୫ ପଏଣ୍ଟ ପାଇଛନ୍ତି। ଗ୍ରାଣ୍ଡ ସୁଇସ୍ ଟୁର୍ନାମେଣ୍ଟ ଏବଂ ମହିଳା ଗ୍ରାଣ୍ଡ ସୁଇସ୍ ୨୦୨୧-୨୩ ବିଶ୍ୱ ଚାମ୍ପିୟନଶିପ୍ ଚକ୍ରର କ୍ୱାଲିଫିକେଶନ ଟୁର୍ନାମେଣ୍ଟ ଭାବେ ବିବେଚିତ ହେଉଛି। ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ଓ ରନର୍ସଅପ୍ ୨୦୨୨ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ।



ପଦ୍ମିନୀ ରାଉତ

# ସ୍ପୋର୍ଟ୍ସ ହଷ୍ଟେଲ-ୟୁନାଇଟେଡ କ୍ଲବ ଫାଇନାଲ


ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ।

**ଭୁବନେଶ୍ୱର, ୨୯।୧୦(କ୍ରୀଡ଼ା ପ୍ରତିନିଧି)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଆନ୍ତଃଜିଲା ଫୁଟବଲ କ୍ଲବ ଚାମ୍ପିୟନଶିପ୍‌ର ୨ଟି ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ବିଜୟୀ ହୋଇ କଟକ ସ୍ପୋର୍ଟ୍ସ ହଷ୍ଟେଲ ଓ ବରଗଡ଼ର ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅପରାହ୍ନ ୨ଟା ୩୦ରୁ ଫାଇନାଲ ଆରମ୍ଭ ହେବ।

ଏ ନ ଅ । ର ଅ । ର ଅ । ଇ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ୨-୦ ଗୋଲରେ ଭୁବନେଶ୍ୱର ୟୁନିଟ-୬କୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅମର ଖାଡ଼ିଆ ୨ଟି ଯାକ ଗୋଲ ସ୍କୋର କରିଥିଲେ। ସତ୍ୟବ୍ରତ ପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ବରଗଡ଼ର ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ୧-୦ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଅଙ୍କିତ ବେହେରାଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଆଗାମୀ ସନ୍ତୋଷ ଟ୍ରଫି ପାଇଁ ୨ଟି ଭେନ୍ୟୁରେ ଚୟନକର୍ତ୍ତାମାନେ ଉପସ୍ଥିତ ଥିଲେ। ସେମାନେ ହେଲେ ସୁରଜିତ ଘୋଷ, ଗଙ୍ଗାଧର ବେହେରା, ପ୍ରଭାତ କୁମାର ମହାପାତ୍ର, ରଞ୍ଜିତ ଟିଗା, ମାନସ ସାମଲ, ପ୍ରଫୁଲ୍ଲ ମିଶ୍ର, ନରେନ୍ଦ୍ର କୁମାର ସାହୁ ଓ ପ୍ରଭାକର ବର୍ଦ୍ଧନ।

# ପାକିସ୍ତାନର ତୃତୀୟ ବିଜୟ

**ଦୁବାଇ, ୨୯।୧୦:** ଟି୨୦ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୫ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୪୭ ରନ କରିଥିଲା। ୧୪୮ ରନ ଚେଜ୍ କରି ପାକିସ୍ତାନ ୧୮ ଓଭର ସୁଦ୍ଧା ୫ ଉଇକେଟ ହରାଇ ୧୨୪ ରନ କରିବାରୁ ଆଶଙ୍କା ବଢ଼ିଥିଲା। ୧୨ ବଲ୍‌ରୁ ଦଳକୁ ୨୪ ରନ ଆବଶ୍ୟକ ହେଉଥିଲା। ମାତ୍ର କରିମ ଜନତ ବୋଲିଂ କରିଥିବା ୧୯ତମ ଓଭରରୁ ଅସିଫ ଅଲୀ ୪ଟି ଛକା ମାରି ଗୋଟିଏ ଓଭର ପୂର୍ବରୁ ପାକିସ୍ତାନକୁ ବିଜୟୀ କରାଇଥିଲେ। ଟୁର୍ନାମେଣ୍ଟରେ ପାକିସ୍ତାନ ୩ୟ ବିଜୟ ହାସଲ କରି ସେମିଫାଇନାଲ ପ୍ରବେଶ ଏକପ୍ରକାର ନିଶ୍ଚିତ କରିଛି। ପୂର୍ବ ୨ ମ୍ୟାଚରେ ଏହି ଦଳ ଭାରତ ଓ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ୭ ବଲ୍‌ରୁ ୨୫ ରନ କରି ପାକିସ୍ତାନକୁ ଜିତାଇଥିବାରୁ ଅସିଫ ଅଲୀ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୪୭/୬(ମହମ୍ମନ ନବି -୩୫*, ଗୁଲବଦିନ ନାଇବ-୩୫*, ଇମାଦ ୱାସିମ-୨/୨୫, ଶାହିନ ଶାହ ଆଫ୍ରିଦୀ-୧/୨୨, ହାରିସ ରୌଫ-୧/୩୭, ହାସନ ଅଲୀ-୧/୩୮, ଶାଦବ ଖାଁ-୧/୨୨)। ପାକିସ୍ତାନ ୧୯ ଓଭରରେ ୧୪୮/୫(ବାବର ଆଜମ-୫୧, ଫକର ଜମନ-୩୦, ଅସିଫ ଅଲୀ-୨୫*, ରଶିଦ ଖାଁ-୨/୨୬, ମୁଜିବ ଉର୍ ରହମନ-୧/୧୪, ମହମ୍ମଦ ନବି-୧/୩୬, ନବିନ ଉଲ୍ ହକ୍-୧/୨୨)।

# ଫିଲ୍ଡିଂ କୋଚ୍ ପାଇଁ ଆବେଦନ କଲେ ଅଭୟ


ଅଭୟ ଶର୍ମା

**ନୂଆଦିଲ୍ଲୀ, ୨୯।୧୦ (ପି.ଟି.):** ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ଅଭୟ ଶର୍ମା ଶୁକ୍ରବାର ଜାତୀୟ ପୁରୁଷ କ୍ରିକେଟ ଦଳର ଫିଲ୍ଡିଂ କୋଚ୍ ପାଇଁ ଆବେଦନ କରିଛନ୍ତି। ଶର୍ମା ଭାରତ ଏ', ୧୯ ବର୍ଷରୁ କମ୍ ଭାରତ ଓ ଜାତୀୟ ମହିଳା ଦଳ ପାଇଁ କାର୍ଯ୍ୟ କରିଛନ୍ତି। ଚଳିତ ଟି୨୦ ବିଶ୍ୱକପ୍ ପରେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଓ ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧରଙ୍କ ସମେତ ଅଧିକାଂଶ ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଖାଲିପଡ଼ିବାକୁ ଥିବା ପଦବୀଗୁଡ଼ିକ ପାଇଁ ଆବେଦନପତ୍ର ଦାଖଲ କରିବା ଶେଷ ତାରିଖ ନଭେମ୍ବର ୩ ରଖାଯାଇଛି। ଇତିମଧ୍ୟରେ ପୂର୍ବତନ ଭାରତ ଏ' ଓ ୧୯ ବର୍ଷରୁ କମ୍ ଦଳର କୋଚ୍ ରାହୁଲ ଦ୍ରାବିଡ ମୁଖ୍ୟ କୋଚ୍ ପଦବୀ ପାଇଁ ଆବେଦନ କରିଛନ୍ତି। ଅନ୍ୟ ଜଣେ ଭାରତ ଏ' କୋଚ୍ ପାରସ ମାହାମ୍ବ୍ରେ ବୋଲିଂ କୋଚ୍ ପଦବୀ ପାଇଁ ଆବେଦନ କରିଛନ୍ତି। ସୂଚନାଯୋଗ୍ୟ, ଶର୍ମା ଦିଲ୍ଲୀ ରେଲୱେ ଓ ରାଜସ୍ଥାନ ତରଫରୁ ୮୯ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ୨୦୧୬ରେ ଜିମ୍ବାୱେ ଗସ୍ତ କରିଥିବା ଭାରତୀୟ ଦଳର ସେ କୋଚ୍ ରହିଥିଲେ। ସେହିବର୍ଷ ସେ ଭାରତୀୟ ଦଳ ସହ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍) ଓ ୱେଷ୍ଟଇଣ୍ଡିଜ ଗସ୍ତ କରିଥିଲେ। ନିକଟ ଅତୀତରେ ଟି୨୦ ଅଧିନାୟିକା ହରମନପ୍ରୀତ କୌରଙ୍କ ସମେତ କେତେଜଣ ପୂର୍ବତନ ଭାରତୀୟ ମହିଳା କ୍ରିକେଟର ଶର୍ମାଙ୍କ କାର୍ଯ୍ୟଶୈଳୀର ଉଚ୍ଚ ପ୍ରଶଂସା କରିଥିଲେ। ୟୁକେ ଟୁର୍ ବେଳେ ଶର୍ମାଙ୍କ ଯୋଗୁ ହାର୍ଲିନ ଦେଓଲ ଚମକପ୍ରଦ ପ୍ରଦର୍ଶନ କରିଥିଲେ। ଶର୍ମା ନିକଟରେ ୨୦୨୦ରେ ଦକ୍ଷିଣ ଆଫ୍ରିକା ସମେତ ତିନୋଟି ୧୯ ବର୍ଷରୁ କମ୍ ବିଶ୍ୱକପ୍ ବେଳେ ସେ ଦଳ ସହ ଗସ୍ତ କରିଛନ୍ତି। ସେ ଆହୁରି ମଧ୍ୟ ଭାରତ ଏ' ସହ ୧୦ଟି ଟୁର୍‌ରେ ସାମିଲ ରହିଥିଲେ।

# ସିନ୍ଧୁ ସେମିଫାଇନାଲରେ

**ପ୍ୟାରିସ୍,୨୯।୧୦**

ଭାରତର ଡବଲ ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁ ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ତୃତୀୟ ସିଡ୍ ମାନ୍ୟତା ପାଇଥିବା ସିନ୍ଧୁ ଶୁକ୍ରବାର କ୍ୱାର୍ଟରଫାଇନାଲରେ ୮ମ ସିଡ୍ ତଥା ଥାଇଲାଣ୍ଡର ବୁସାନାନ୍ ଅଙ୍ଗବାମ୍‌ରଙ୍ଗଫାନ୍‌ଙ୍କୁ ୨୧-୧୪, ୨୧-୧୪ରେ ହରାଇ ଦେଇଛନ୍ତି। ହାଇଦ୍ରାବାଦର ୨୬ ବର୍ଷୀୟା ଖେଳାଳି ଗତ ସପ୍ତାହରେ ଡେନମାର୍କ ଓପନ୍‌ରେ ମଧ୍ୟ ବୁସାନାନ୍‌ଙ୍କୁ ପରାସ୍ତ କରିଥିଲେ। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ସିନ୍ଧୁ ଗୁରୁବାର ବିଳମ୍ବିତ ରାତିରେ ବିଶ୍ୱର ୨୪ ନମ୍ବର ମାନ୍ୟତାପ୍ରାପ୍ତ ଡେନମାର୍କର ଲିନେ୍ ଖ୍ରିଷ୍ଟୋଫରସେନ୍‌ଙ୍କୁ ୨୧-୧୯, ୨୧-୯ରେ ହରାଇ ଦେଇଥିଲେ। ବିଶ୍ୱର ୭ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଖେଳାଳି ଶନିବାର ସେମିଫାଇନାଲରେ ବିଶ୍ୱର ୧୫ ନମ୍ବର ଖେଳାଳି ଜାପାନର ସାୟାକା ତାକାହାସିଙ୍କୁ ଭେଟିବେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଯୁବ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କ ଅଭିଯାନ ଶେଷ ହୋଇଛି। କ୍ୱାର୍ଟରଫାଇନାଲରେ ସେ କୋରିଆର ହିଓ କ୍ୱାନ୍‌ଘିଙ୍କଠାରୁ ୧୭-୨୧, ୧୫-୨୧ରେ ହାରିଯାଇଛନ୍ତି। ଅଲମୋରାର ଏହି ୨୦ ବର୍ଷୀୟ ଖେଳାଳି ଗୁରୁବାର ରାତିରେ ସିଙ୍ଗାପୁରର ଲୋ କିନ୍ ୟିଉଙ୍କ ବିପକ୍ଷରେ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲେ।


## ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର

ASIA'S MOST PROMISING BRAND
Dr. Ortho Oil
An Ayurvedic Medicine
Helpful in Painful Conditions
20% EXTRA
100ml + 20ml FREE

- ଆଣ୍ଠୁ ବ୍ୟଥା
- ଅଣ୍ଟା ବ୍ୟଥା
- କାନ୍ଧ ବ୍ୟଥା
- ମଣିବନ୍ଧ ବ୍ୟଥା

ଇତ୍ୟାଦିରେ ସହାୟକ

BUY NOW

NO. 1 BRAND

ଡା. ଅର୍ଥୋ ହିଁ କାହିଁକି କିଣିବେ?

ସମଗ୍ର ଭାରତରେ ମିଳିଛି ପରିଣାମ

Rajasthan — ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ, ଲେଖିଛନ୍ତି ଯେ କିଛିଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇ-ଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁତ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।

Uttrakhand — ଲକ୍ଷ୍ମୀ ବାନାର୍ଜୀ, ବୟସ ୫୬ ବର୍ଷ, ବିଗତ ୨-୩ ବର୍ଷ ଧରି ଅଣ୍ଟା ବ୍ୟଥା ଓ ସାଇଟିକା ଯନ୍ତ୍ରଣା ରହିବାକୁ ଲାଗିଥିଲା। କୁଆଡ଼େ ଯିବାର କଥା ଉଠିଲେ ହିଁ ଭୟ ଲାଗୁଥିଲା। ମୁଁ ପୂର୍ଣ୍ଣ ଆଶା ସହିତ ଡା. ଅର୍ଥୋ ତେଲ ସକାଳେ- ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ନିୟମିତ ରୂପେ କ୍ୟାପ୍‌ସୁଲ ଖାଇବା ଆରମ୍ଭ କଲି । ମାତ୍ର ଦୁଇ-ତିନି ସପ୍ତାହ ମଧ୍ୟରେ ହିଁ ୭୦ ପ୍ରତିଶତ ଆରାମ ମିଳିଲା ।

Gujarat — ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥିଲେଟ୍ ଖେଳାଳି ଥିଲି। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।

Bihar — ନନ୍ଦକିଶୋର ବିଶ୍ୱକର୍ମା, ବୟସ ୪୦ ବର୍ଷ, ଅନେକ ସମୟ ଧରି ମୁଁ ଗଣ୍ଠି ଯନ୍ତ୍ରଣା ସମସ୍ୟାରେ ପୀଡ଼ିତ ଥିଲି। ଚଲାବୁଲା କଲାବେଳେ ଆଣ୍ଠୁରୁ ଶବ୍ଦ ବାହାରୁଥିବାର ଅନୁଭବ ହେଉଥିଲା। ବନ୍ଧୁଙ୍କ କଥା ମାନି ମୁଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଦୈନିକ ସେବନ ଆରମ୍ଭ କଲି । ମୋତେ ଏହାଦ୍ୱାରା ବହୁତ ଲାଭ ମିଳିଲା। ଆଜି ମୁଁ ନିର୍ବିଘ୍ନରେ ବସାଉଠା କରିପାରୁଛି ।

Gujarat — ମୋ ନାମ ଲକ୍ଷ୍ମୀ ବେନ୍ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କ୍‌ସ କହିବାକୁ ଚାହୁଁଛି ।

Haryana — ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରିରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ରହୁଥିଲା। ଚିକିତ୍ସା ବି କରାଇଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ ।

24x7 Helpline No.: 7876977777 • Website: www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ
'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ, ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ। ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ।


# ଫୁଟ୍‌ବଲରେ ସୁନାମ ଆଣିଲେ ସଦ୍‌ଭାବନା ଅନ୍ତେବାସୀ

**କେନ୍ଦୁଝର, ୨୯।୧୦ (ସ୍ୱ.ପ୍ର.)**

ଗତ ତିନିମାସ ଧରି ଚାଲିଥିବା ସ୍ପେଶାଲ ଅଲିମ୍ପିକ, ଭାରତ ପକ୍ଷରୁ ଚାଲିଥିବା ଭର୍ଚୁଆଲ ଫୁଟ୍‌ବଲ ମ୍ୟାଚ୍‌ରେ କେନ୍ଦୁଝରର ସଦ୍‌ଭାବନା ସଙ୍ଗଠନର ଅନ୍ତେବାସୀ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅଗଷ୍ଟ ୧୫ରୁ ଅକ୍ଟୋବର ୨୮ ମଧ୍ୟରେ ଏହି ସ୍ପେଶାଲ ଅଲିମ୍ପିକ୍ସ ଚାଲିଥିବା ବେଳେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟର ୧୬ଟି ପୁରୁଷ ଓ ୯ଟି ମହିଳା ଦଳ ଭାଗ ନେଇଥିଲେ। ସଙ୍ଗଠନର ବୁଲୁ ମହାକୁଡ, ପିରୁ ସୋରେନ, ରାମଦାସ ମୁର୍ମୁ, ଗୋବିନ୍ଦ ବାସ୍କେ, ସୁଖବନ୍ଧୁ ନାଏକ ଓ ସୁବାସ ମହାକୁଡଙ୍କୁ ନେଇ ଗଠିତ ଟିମ୍ ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ସେହିପରି ବାଳିକା ବିଭାଗରେ ସୀମା ନାଏକ, ଶାନ୍ତି ଦେହୁରୀ, ପାର ଦେହୁରୀ, ପିଙ୍କି ପାତ୍ରଙ୍କ ଟିମ୍ ତୃତୀୟ ସ୍ଥାନରେ ରହିଛି। ଏହି ସଫଳତା ପାଇଁ କୋଚ୍ ମହେନ୍ଦ୍ର କୁମାର ସାହୁଙ୍କୁ ଶୁଭେଚ୍ଛା ବାର୍ତ୍ତା ଆସୁଥିବା ବେଳେ ଖେଳାଳିମାନଙ୍କୁ ପ୍ରଶଂସାର ସୁଅ ଛୁଟୁଛି।



ଭର୍ଚୁଆଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବାଳିକା ଖେଳାଳିମାନେ।

# ସିତ୍‌ସିପାସଙ୍କୁ ହରାଇଲେ ଟିଆଫୋ

**ଭିଏନା, ୨୯।୧୦ (ଏପି):** ଆମେରିକାନ କ୍ୱାଲିଫାୟର ଫ୍ରାନ୍‌ସିସ୍ ଟିଆଫୋ ୩-୬, ୬-୩, ୬-୪ ସେଟ୍‌ରେ ଷ୍ଟିଫାନସ୍ ସିତ୍‌ସିପାସ୍‌ଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ଇର୍ଷ୍ଟ ବ୍ୟାଙ୍କ୍ ଓପନ୍ ଟେନିସ ପ୍ରତିଯୋଗିତାରେ ଏକ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଚାରି ମାସ ମଧ୍ୟରେ ଗ୍ରୀକ୍ ଟପ୍ ସିଡ୍ ଖେଳାଳିଙ୍କ ବିରୋଧରେ ଏହା ହେଉଛି ଦ୍ୱିତୀୟ ବିଜୟ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଶକ୍ତିକାନ୍ତଙ୍କ କାର୍ଯ୍ୟକାଳ ୩ ବର୍ଷ ବଢ଼ିଲା



ନୂଆଦିଲ୍ଲୀ,୨୯।୧୦: ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ(୬୪)ଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ୩ ବର୍ଷ ବଢ଼ାଇଛନ୍ତି। ଡିସେମ୍ବର ୧୦ରେ ସେ ଅବସର ନେଇଥାନ୍ତେ। ମାତ୍ର କାର୍ଯ୍ୟକାଳ ବଢ଼ିବାରୁ ସେ ଆର୍‌ବିଆଇ ଗଭର୍ନର ପଦବୀରେ ୨୦୨୪ ଯାଏ ରହିବେ। ୨୦୧୮ ଡିସେମ୍ବର ୧୨ରେ ତାଙ୍କୁ ଗଭର୍ନର ଭାବେ ଅବସ୍ଥାପିତ କରାଯାଇଥିଲା। ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ତାଙ୍କ କାର୍ଯ୍ୟକାଳ ଶେଷ ହେବା ଆଗରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ଶକ୍ତିକାନ୍ତ ଗଭର୍ନର ଭାବେ ଦାୟିତ୍ୱ ନେଇଥିଲେ। କରୋନା ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ଗଭୀର ସଙ୍କଟ ସ୍ଥିତି ଦେଇ ଗତି କରୁଛି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଶକ୍ତିକାନ୍ତଙ୍କ କାର୍ଯ୍ୟକାଳକୁ ସମ୍ପ୍ରସାରଣ କରିଛନ୍ତି। ଅର୍ଥ ବ୍ୟବସ୍ଥାକୁ ଟ୍ରାକକୁ ଫେରାଇ ଆଣିବାର ଗୁରୁଦାୟିତ୍ୱ ଆର୍‌ବିଆଇ ଗଭର୍ନରଙ୍କୁ ପ୍ରଦାନ କରାଯାଇଥିଲା। ତେବେ ତାଙ୍କ କାର୍ଯ୍ୟକାଳ ବଢ଼ାଇବା ନିଷ୍ପତ୍ତି କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ବେଶ ତ୍ୱରିତ ଭାବେ ଗ୍ରହଣ କରିଛି। ☞ପୃଷ୍ଠା-୬

# କ୍ଲିନ୍ ଏନର୍ଜି ସେସ୍ ୬୦% ଦିଅ

## କେନ୍ଦ୍ର ନିକଟରେ ନବୀନଙ୍କ ଦାବି

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କୋଇଲା ରାଷ୍ଟ୍ରମନ୍ତ୍ରୀ ରାଓସାହେବ ଦାନ୍‌ଭେ ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ।

ଓଡ଼ିଶାରୁ ଆଦାୟ ହେଉଥିବା କ୍ଲିନ୍ ଏନର୍ଜି ସେସ୍‌ରୁ ଅତିକମ୍‌ରେ ୬୦ ପ୍ରତିଶତ ଅଂଶ ଓଡ଼ିଶାକୁ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ସାକ୍ଷାତ କରିଛନ୍ତି। ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୦-୨୧ରେ ଓଡ଼ିଶାରୁ ୧୫୩.୮୫ ନିୟୁତ ଟନ୍ କୋଇଲା ଉତ୍ପାଦନ

### ସୁନ୍ଦରଗଡ଼ରେ ଏମ୍ସ ଖୋଲିବା ପ୍ରସ୍ତାବ ଦେଲେ ମୁଖ୍ୟମନ୍ତ୍ରୀ

ହୋଇଛି, ଯାହାକି ସମଗ୍ର ଦେଶ ପାଇଁ ହେଉଥିବା ଆବଶ୍ୟକତାର ୨୫ ପ୍ରତିଶତ। କେନ୍ଦ୍ର ସରକାର ଓଡ଼ିଶାରୁ ପ୍ରତି ଟନ୍‌ରୁ କ୍ଲିନ୍ ଏନର୍ଜି ସେସ୍ ବାବଦରେ ୪୦୦ ଟଙ୍କା ଆଦାୟ କରୁଛନ୍ତି। ଏହା ୫୦ ହଜାର କୋଟି ଟଙ୍କା ହେବ। ସେଥିରୁ ଓଡ଼ିଶାର ଭାଗ ୬୦ ପ୍ରତିଶତ ହିସାବରେ ୩୦ ହଜାର କୋଟି କେନ୍ଦ୍ର ସରକାର ଦେବା ଦରକାର। ଏହି ଅର୍ଥ କୋଇଲା ଖଣି ଅଞ୍ଚଳ ଏବଂ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଲୋକମାନଙ୍କର ଆର୍ଥିକ ବିକାଶ କାର୍ଯ୍ୟରେ ଲଗାଯାଇ ପାରିବ। କେବଳ ସେତିକି ନୁହେଁ ଏହି ଅର୍ଥ କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ଯୋଶୀଙ୍କୁ ଅବଗତ କରାଇଛନ୍ତି।

ଏଥିସହିତ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ମେଡିକାଲ କଲେଜ ପ୍ରସଙ୍ଗ ଉଠାଇଥିଲେ। ଏହାଛଡ଼ା ସୁନ୍ଦରଗଡ଼ଠାରେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏନ୍‌ଟିପିସି ଦ୍ୱାରା ୫୦୦ ଶଯ୍ୟା ଏବଂ ୧୦୦ ସିଟ୍ ବିଶିଷ୍ଟ ସୁନ୍ଦରଗଡ ମେଡିକାଲ କଲେଜ ନିର୍ମାଣ ଶେଷ ହୋଇଛି। ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ପୂର୍ବରୁ ରାଜ୍ୟ ସରକାର ବହୁବାର ଚିଠି ଲେଖି କେନ୍ଦ୍ର ସରକାରଙ୍କୁ ଏ ବାବଦରେ ଜଣାଇଛନ୍ତି। ସମଗ୍ର ଦେଶକୁ ଶକ୍ତି ସୁରକ୍ଷା ଯୋଗାଇବା ସହ ଇସ୍ପାତ୍ ଏବଂ ଲୁହାପଥର ଉତ୍ପାଦନ କ୍ଷେତ୍ରରେ ସୁନ୍ଦରଗଡ଼ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ଆଦିବାସୀ ବହୁଳ ଜିଲାରେ ଦୀର୍ଘଦିନର ଦାବିକୁ ଦୃଷ୍ଟିରେ ରଖି ଏମ୍ସ ଖୋଲିବାକୁ କେନ୍ଦ୍ର ସରକାର ଆଗେଇ ଆସିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ସୂଚେଇ ଦେଇଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ତାଳଚେର ମେଡିକାଲ କଲେଜ ଓ ହସ୍ପିଟାଲ ଭିତ୍ତିଭୂମି ଦୀର୍ଘ ଦିନ ଧରି ପଡ଼ିରହିଛି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୫୦୦ ଶଯ୍ୟା ଏବଂ ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ ଢେଙ୍କାନାଳ ଏବଂ ଅନୁଗୋଳ ଲୋକମାନଙ୍କ ପାଇଁ ବହୁମାତ୍ରାରେ ଉପକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଆଲୋଚନା ବେଳେ ରେଳ, କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ରାଓସାହେବ ଦାନ୍‌ଭେ ଉପସ୍ଥିତ ଥିଲେ।

## କନ୍ନଡ଼ ସୁପରଷ୍ଟାର ପୁନିଥ୍ ରାଜକୁମାରଙ୍କ ପରଲୋକ



ବେଙ୍ଗାଲୁରୁ, ୨୯।୧୦

କନ୍ନଡ଼ ସୁପରଷ୍ଟାର ପୁନିଥ୍ ରାଜକୁମାରଙ୍କର ଶୁକ୍ରବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୪୬ ବର୍ଷ ହୋଇଥିଲା। ପରିବାର ସୂତ୍ରରୁ ଜଣାପଡ଼ିଛି ଯେ, ଗୁରୁବାର ସନ୍ଧ୍ୟାରେ ଅଭିନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲେ ମଧ୍ୟ ସେ ଡାକ୍ତରଙ୍କ ପାଖକୁ ଯାଇ ନ ଥିଲେ। ଶୁକ୍ରବାର ସକାଳେ ସେ ଜିମ୍‌ରେ କାମ କରୁଥିବାବେଳେ ହୃଦ୍‌ଘାତ ହୋଇଥିଲା। ତୁରନ୍ତ ତାଙ୍କୁ ବିକ୍ରମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ☞ପୃଷ୍ଠା-୬


**ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ**

**ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା**

ତା୨୩।୧୦।୨୦୨୧ରିଖରେ ଦୈନିକ ଓଡ଼ିଆ ଖବରକାଗଜ ସମାଜ ଓ ଧରିତ୍ରୀ ବିଜ୍ଞାପନରେ କେତେକ ଅନିଚ୍ଛାକୃତ ତ୍ରୁଟି ହୋଇଅଛି, ଯାହାକି ନିମ୍ନମତେ ପଢ଼ିବାକୁ ଅନୁରୋଧ।

**ବି.ଦ୍ର.:** ଶୁଣାଣି ବୈଠକ ତା୧୨।୧୨।୨୦୨୧ରିଖ ପରିବର୍ତ୍ତେ **ତା୧୨।୧୧।୨୦୨୧ରିଖ** ପଢ଼ିବାକୁ ଅନୁରୋଧ।

ସ୍ୱା./- ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡ଼ିଶା, କଟକ


## କୋଟିଆ ବିବାଦ: ସୁପ୍ରିମକୋର୍ଟରେ ଶୁଣାଣି ସ୍ଥଗିତ




ନୂଆଦିଲ୍ଲୀ, ୨୯।୧୦: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରି ଆନ୍ଧ୍ରପ୍ରଦେଶ ସରକାର ଓଡ଼ିଶାର କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରୁଥିବାରୁ ଏହା ବିରୋଧରେ ରାଜ୍ୟ ସରକାର ଅଦାଲତ ଅବମାନନା ପିଟିଶନ ଦାଏର କରିଥିଲେ। ଶୁକ୍ରବାର ଏହାର ଶୁଣାଣିକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୬କୁ ଧାର୍ଯ୍ୟ କରିଛନ୍ତି। କୋରାପୁଟର କୋଟିଆ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆନ୍ଧ୍ରପ୍ରଦେଶର ପ୍ରଶାସନିକ ଅଧିକାରୀମାନେ ପ୍ରବେଶ କରି ପଞ୍ଚାୟତ ନିର୍ବାଚନ କରାଇବା ସହ ସେଠାର ଲୋକମାନଙ୍କୁ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ କରାଉଛନ୍ତି। ଏହା ବିରୋଧରେ ଓଡ଼ିଶା ସରକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ରାଜନୈତିକ ସ୍ତରରେ ସୀମା ବିବାଦର ସମାଧାନ ସୂତ୍ର ବାହାର କରିବାକୁ ଗତ ଅଗଷ୍ଟରେ ସୁପ୍ରିମକୋର୍ଟ ଉଭୟ ରାଜ୍ୟଙ୍କୁ କହିଥିଲେ। ୨୦୧୧ ଜାତୀୟ ଜନଗଣନା ତଥ୍ୟ ଅନୁଯାୟୀ କୋଟିଆ ପଞ୍ଚାୟତର ☞ପୃଷ୍ଠା-୬

# ଆର୍ଯ୍ୟନଙ୍କ ରିଲିଜ୍ ଅର୍ଡର ବିଳମ୍ବିତ

## ଆଉ ଗୋଟିଏ ରାତି ଜେଲରେ ବିତାଇଲେ

ମୁମ୍ବାଇ,୨୯।୧୦



କ୍ରୁଜ୍ ଶିପ୍ ରେଭ୍ ପାର୍ଟି ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦ୍ୱାରା ଗିରଫ ହୋଇଥିବା ୨୩ ବର୍ଷୀୟ ଆର୍ଯ୍ୟନ ଶାହରୁଖ ଖାନ୍‌ଙ୍କୁ ମୁମ୍ବାଇର ଆର୍ଥର ରୋଡ୍ ଜେଲରେ ଆଉ ଗୋଟିଏ ରାତି ବିତାଇବାକୁ ପଡ଼ିଛି। ବମ୍ବେ ହାଇକୋର୍ଟ ତାଙ୍କୁ ଗୁରୁବାର ଜାମିନ ଦେଇଥିଲେ। ଜଷ୍ଟିସ୍ ଏନ୍.ଡବ୍ଲ୍ୟୁ ସାମ୍ବ୍ରେଙ୍କ ଜଣିକିଆ ଖଣ୍ଡପୀଠ ଶୁକ୍ରବାର ଅପରାହ୍ନରେ ୫ ପୃଷ୍ଠା ସମ୍ବଳିତ ଅପରେଟିଭ୍ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ବେଲ୍ ପାଇଁ ୧ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକା କିମ୍ବା ସମ ପରିମାଣର ଜଣେ ଅଥବା ଦୁଇଜଣ ଜାମିନଦାରଙ୍କ ବଦଳରେ ମୁକୁଳିବା ଲାଗି ଅଦାଲତ ଅନୁମତି ଦେଇଛନ୍ତି। ଉକ୍ତ ରାୟ ବଳରେ ଆର୍ଯ୍ୟନଙ୍କୁ ସନ୍ଧ୍ୟା ସୁଦ୍ଧା ଜେଲରୁ ମୁକୁଳାଇବା ପାଇଁ ତାଙ୍କ ଓକିଲମାନେ ସବୁ ପ୍ରକାର ଉଦ୍ୟମ ଚଳାଇଥିଲେ। କିନ୍ତୁ ରିଲିଜ୍ ଅର୍ଡର ବିଳମ୍ବିତ ହୋଇଥିବାରୁ ଆର୍ଯ୍ୟନଙ୍କ ସମେତ ଅନ୍ୟ ୨ ସହଅଭିଯୁକ୍ତ ଅରବାଜ ମର୍ଚ୍ଚାଣ୍ଟ ଓ ମୁନ୍‌ମୁନ୍ ଧମେଚାଙ୍କୁ ଜେଲରେ ରାତି କାଟିବାକୁ ପଡ଼ିଛି।

ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍‌ରେ ଏନ୍‌ସିବି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ସମେତ ଅନ୍ୟମାନଙ୍କୁ ଏନ୍‌ସିବି ଗିରଫ କରିଥିଲା। ତଦନ୍ତକାରୀ ସଂସ୍ଥା ସେମାନଙ୍କ ବିରୋଧରେ ଡ୍ରଗ୍ସ ରଖିବା, ବ୍ୟବହାର କରିବା, କିଣାବିକା କରିବା, ଷଡ଼ଯନ୍ତ୍ର ରଚିବା ଓ ଅପରାଧରେ ସହଯୋଗ କରିବା ଭଳି ସଙ୍ଗିନ ଅଭିଯୋଗ ଆଣି ନାର୍କୋଟିକ୍ସ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସେସ୍ ଆକ୍ଟ (ଏନ୍‌ଡିପିଏସ୍)ର ବିଭିନ୍ନ ଧାରାରେ ମାମଲା ରୁଜୁ କରିଥିଲା। ମୁମ୍ବାଇର ସ୍ୱତନ୍ତ୍ର ଏନ୍‌ଡିପିଏସ୍ ☞ପୃଷ୍ଠା-୬

# ଶେଷହେଉନି 'ସୁରେଶ୍ୱରୀ' ସଂଗ୍ରାମ

- ୧୮ ବର୍ଷ ତଳେ ରାଜ୍ୟ ସରକାର କରିଥିଲେ ଘୋଷଣା
- ପ୍ରକଳ୍ପ ନିର୍ମାଣ ହେଲେ ୧୦ ହଜାର ଏକରକୁ ମିଳିବ ପାଣି
- ୧୨ ବର୍ଷ ହେଲା ବାରମ୍ବାର ଧାରଣାରେ ବସୁଛନ୍ତି ଚାଷୀ

ପରିକ୍ଷିତ ସାହୁ
ବଇଣ୍ଡା,୨୯।୧୦

ଜମିରେ ମାଡ଼ିବ ସୁରେଶ୍ୱରୀ ପାହାଡ଼ ପାଣି। ୧୦ ହଜାର ଏକର ହେବ ଜଳସେଚିତ। ଉପକୃତ ହେବେ ୬ ପଞ୍ଚାୟତର ଶତାଧିକ ଚାଷୀ। ପ୍ରାୟ ୧୮ ବର୍ଷ ତଳେ ଅନୁଗୋଳ ଜିଲା କିଶୋରନଗର ବ୍ଲକର ଚାଷୀମାନଙ୍କୁ ଏପରି ସ୍ୱପ୍ନ ଦେଖାଇଥିଲେ ରାଜ୍ୟ ସରକାର। ଏପରି କି ୨୦୦୪ ଫେବୃୟାରୀ ୨୦ରେ ବାମୁର ପଞ୍ଚାୟତ କାନ୍ତଆମ୍ବତଇଳା ଠାରେ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ଡ. ମଙ୍ଗଳା କିଷାନ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପର ଶୁଭ ମଧ୍ୟ ଦେଇଥିଲେ। ହେଲେ ପ୍ରକଳ୍ପ ନିର୍ମାଣ ଦିଗରେ ଏଯାଏ ସେପରି ବଳିଷ୍ଠ ପଦକ୍ଷେପ ନିଆଯାଇନାହିଁ। ଫଳରେ ଦୀର୍ଘ ୧୨ ବର୍ଷ ହେଲା ଚାଷୀମାନେ ଚଳାଇଥିବା ସଂଗ୍ରାମର ପରିସମାପ୍ତି ଘଟୁନାହିଁ।

କିଶୋରନଗର ବ୍ଲକର ବାମୁର ପଞ୍ଚାୟତରେ ରହିଛି ସୁରେଶ୍ୱରୀ ପାହାଡ଼। ଏଠାରୁ ପ୍ରବାହିତ ଝରଣା ପାଣିକୁ ନାଳ ମାଧ୍ୟମରେ ନିକଟସ୍ଥ ଜମିଯାଏ ପହଞ୍ଚାଇବାର



ସୁରେଶ୍ୱରୀ ପାହାଡ଼ରୁ ନିର୍ଗତ ଝରଣା।

ବ୍ୟବସ୍ଥା ରହିଛି। ସୁରେଶ୍ୱରୀ ପ୍ରକଳ୍ପ ନିର୍ମାଣ ହୋଇଥିଲେ ଉକ୍ତ ପାହାଡ଼ ପାଣି ଦ୍ୱାରା ବାମୁର, ଜଏରାଟ, ଓସ୍କାପାଲି, ଧଉରାପାଲି, କଦଳୀମୁଣ୍ଡା ଓ ରଣିଆକଟା ପଞ୍ଚାୟତର ୩୪ଟି ଗ୍ରାମରେ ଥିବା ଚାଷ ଜମିକୁ ଜଳସେଚିତ କରାଯାଇପାରିଥାନ୍ତା। ଏଥିପାଇଁ ୨୦୦୫ ଜୁଲାଇ ୧୭ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୬ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ପ୍ରକଳ୍ପ ନିର୍ମାଣ ଆଗେଇପାରି ନ ଥିଲା। ୨୦୦୯ ସାଧାରଣ ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଶୋରନଗର ବ୍ଲକର ବରପଡ଼ିଆଠାରେ ସୁରେଶ୍ୱରୀ ପ୍ରକଳ୍ପ ନିଶ୍ଚିତ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ନିର୍ବାଚନ ପରେ ସରକାର ଏ ଦିଗରେ ତତ୍ପରତା ନ ଦେଖାଇବାରୁ ☞ପୃଷ୍ଠା-୬


DSPL - 219

## ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ବାର୍ତ୍ତା

### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ଆନନ୍ଦର ବିଷୟ ଏହି କି ଆମ ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ଆମେ ପାଳନ କରୁଛୁ । ଏହି ଅବସରରେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଆଜିର ସମାଜରେ ମିତବ୍ୟୟୀ ହେବା, ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ଏକ ଜରୁରୀ ଆବଶ୍ୟକତା । ନିୟମିତ ସଞ୍ଚୟ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସହ ଯେକୌଣସି ଜରୁରୀ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ମଧ ସାହାଯ୍ୟ କରିଥାଏ । ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ବେଶ୍ ସରଳ ଏବଂ ସୁରକ୍ଷିତ ବୋଲି ପ୍ରମାଣିତ । ଏହି ଜମା ଯୋଜନା ମାଧମରେ ଅର୍ଥ ସଞ୍ଚୟ କରି ଜନସାଧାରଣ ନିଜର ଭବିଷ୍ୟତ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାର ସୁଯୋଗ ନିଅନ୍ତୁ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସ୍ୱଳ୍ପ ସଞ୍ଚୟକୁ ଅଧିକ ଲୋକପ୍ରିୟ କରାଇବା ଦିଗରେ ବିଶେଷ ସହାୟକ ହୋଇପାରିଛି । ଡାକଘର ଏବଂ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥନୈତିକ ସେବା, ସମାଜର ପ୍ରତ୍ୟେକ ବ୍ୟକ୍ତି ପାଖରେ ପହଞ୍ଚିବା ସରକାରଙ୍କର ମୂଳ ଲକ୍ଷ୍ୟ ।

ମିତବ୍ୟୟିତା ଆଚରଣପୂର୍ବକ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ଆମ ସମସ୍ତଙ୍କର ସଂକଳ୍ପ ହେଉ ।

ଆମ ସମସ୍ତଙ୍କ ମିଳିତ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

(ଗଣେଶୀ ଲାଲ)

### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ମାସ ୩୦ ତାରିଖରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଥିବା ଆନନ୍ଦର କଥା ।

ଆର୍ଥିକ ପ୍ରଗତି ପାଇଁ ମିତବ୍ୟୟିତା ଏକାନ୍ତ ଆବଶ୍ୟକ । ନିଜସ୍ୱ ସମ୍ବଳର ମିତବ୍ୟୟିତା ପୂର୍ବକ ବିନିଯୋଗ, ସଞ୍ଚୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ସଞ୍ଚୟ, ବ୍ୟକ୍ତିର ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ସହିତ ଦେଶର ପ୍ରଗତିରେ ମଧ ସକ୍ରିୟ ଯୋଗଦାନ ରଖିଥାଏ । ମିତବ୍ୟୟିତା ଓ ସଞ୍ଚୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ଅନାବଶ୍ୟକ ବ୍ୟୟରୁ ନିବୃତ୍ତ ରହି ନିଜର କ୍ଷମତା ଅନୁଯାୟୀ ସଞ୍ଚୟ କରିବା ଦ୍ୱାରା ଉଭୟ ଦେଶ ଓ ଦେଶବାସୀଙ୍କର ଅର୍ଥନୈତିକ ଅଭିବୃଦ୍ଧି ସାଧିତ ହୋଇଥାଏ । ସଞ୍ଚୟ, ବ୍ୟକ୍ତିର ଭବିଷ୍ୟତର ବିଭିନ୍ନ ବ୍ୟୟଭାର ପୂରଣ କରିବା ସହିତ ଯେକୌଣସି ଆକସ୍ମିକ ଆର୍ଥିକ ଆବଶ୍ୟକତା ସମୟରେ ସମ୍ବଳ ଯୋଗାଇ ଦେଇଥାଏ ।

ସରକାରଙ୍କର ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇଥାଏ । ଆର୍ଥିକ ଅନ୍ତର୍ଭୁକ୍ତିକରଣ ମାଧମରେ ରାଜ୍ୟର ଜନସାଧାରଣ ଡାକଘର ଓ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଆର୍ଥିକ ସେବାଗୁଡ଼ିକର ସଦୁପଯୋଗ କରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବା ପାଇଁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି । କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ହିଁ, ରାଜ୍ୟବାସୀ ନିଜର କଷ୍ଟଲବ୍ଧ ଅର୍ଥ ସଞ୍ଚୟ କରିବାକୁ ମୋର ଅନୁରୋଧ ।

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାରେ ଅଂଶଗ୍ରହଣ କରିବା ସହିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ମାଧମରେ ଅର୍ଥ ବିନିଯୋଗ କରି ନିଜର ତଥା ରାଜ୍ୟର ଆର୍ଥିକ ବିକାଶରେ ଭାଗିଦାର ହେବା ପାଇଁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ନିବେଦନ କରିବା ସହିତ ମିତବ୍ୟୟିତାକୁ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ଅନୁରୋଧ କରୁଛି ।

ବିଶ୍ୱ ମିତବ୍ୟୟିତା ଦିବସ ଅବସରରେ ରାଜ୍ୟବାସୀଙ୍କ ଆର୍ଥିକ ସମୃଦ୍ଧି କାମନା କରିବା ସହିତ ସମସ୍ତଙ୍କ ସହଯୋଗରେ ଏହି ଦିବସ ପାଳନର ଉଦ୍ଦେଶ୍ୟ ପୂରଣ ହେବ ବୋଲି ମୁଁ ଆଶା କରୁଛି ।

(ନବୀନ ପଟ୍ଟନାୟକ)

### ମାନ୍ୟବର ଅର୍ଥମନ୍ତ୍ରୀଙ୍କ ବାର୍ତ୍ତା



ଅକ୍ଟୋବର ୩୦ ତାରିଖରେ ପାଳିତ ହେଉଥିବା ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ମନୁଷ୍ୟ ଜୀବନରେ ସଞ୍ଚୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରି ଆସୁଛି । ନିଜର ଉପାର୍ଜିତ ଧନରୁ କିଛି ଅର୍ଥ ଭବିଷ୍ୟତର ଆବଶ୍ୟକତା ପାଇଁ ସଞ୍ଚୟ କରି ରଖିବା ଆମ ସମସ୍ତଙ୍କ ପାଇଁ ଏକାନ୍ତ ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ । ଦୈନନ୍ଦିନ ଜୀବନରେ ମିତବ୍ୟୟିତା ଅବଲମ୍ବନ କଲେ ସଞ୍ଚୟ କରିବା ସହଜସାଧ ହୋଇଥାଏ ।

ଆର୍ଥିକ ବିକାଶ କ୍ଷେତ୍ରରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅନନ୍ୟ । ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ । ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନା ପ୍ରତ୍ୟେକଙ୍କୁ ଆକୃଷ୍ଟ କରିଥାଏ । ରାଜ୍ୟର ସମସ୍ତ ଡାକଘର ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରେ ଏହି ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ଉପଲବ୍ଧ । ତେଣୁ ଦୈନନ୍ଦିନ ଖର୍ଚ୍ଚରେ ମିତବ୍ୟୟିତା ଅବଲମ୍ବନ କରି ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ଆଜି ଆମ ସମସ୍ତଙ୍କର ସଂକଳ୍ପ ହେଉ । ଏହି ଅଭ୍ୟାସ ବ୍ୟକ୍ତିର ଭବିଷ୍ୟତ ଜୀବନକୁ ସୁଗମ ତଥା ସୁଖମୟ କରିବାରେ ବିଶେଷ ସହାୟକ ହୋଇଥାଏ । ରାଜ୍ୟର ସମସ୍ତ ଜନସାଧାରଣଙ୍କ ପାଖରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧମରେ ଡାକଘର ଓ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ସେବାଗୁଡ଼ିକୁ ପହଞ୍ଚାଇବା ସରକାରଙ୍କର ଏକ ପ୍ରମୁଖ ଆଭିମୁଖ୍ୟ ।

ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରିଛନ୍ତି । ଏଥିରେ ବର୍ଷକୁ ୨୪୨୮ ଗୋଟି ଆକର୍ଷଣୀୟ ନଗଦ ପୁରସ୍କାରର ବ୍ୟବସ୍ଥା କରାଯାଇଅଛି । ପ୍ରଥମ ପୁରସ୍କାରର ମୂଲ୍ୟ ୫ଲକ୍ଷ ଟଙ୍କା ରହିଥିବାବେଳେ, ସର୍ବନିମ୍ନ ପୁରସ୍କାର ମୂଲ୍ୟ ୨୦୦୦ ଟଙ୍କା ରହିଅଛି ।

ଏଣୁ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ଅନୁରୋଧ, ସେମାନେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶଗ୍ରହଣ କରି ନିଜର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବା ସଂଗେ ସଂଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ମୁଁ ଏହାର ସଫଳତା କାମନା କରୁଅଛି ।

(ନିରଞ୍ଜନ ପୂଜାରୀ)

OIPR-05001/13/0006/2122



ଅଧିକାରୀ ଓ ମଧ୍ୟସ୍ଥମାନଙ୍କ ଅସାଧୁ ମେଣ୍ଟ ଯୋଗୁ ଦେଶର ଚାଷୀମାନେ ନିର୍ଦ୍ଧାରିତ ଦରଠାରୁ କମ୍ ମୂଲ୍ୟରେ ଶସ୍ୟ ବିକ୍ରି କରିବାକୁ ବାଧ ହେଉଛନ୍ତି। କୃଷକଙ୍କୁ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପ୍ରଦାନ ନେଇ ଆଇନଗତ ଗ୍ୟାରେଣ୍ଟି ଦିଆ ନ ଯିବା ପର୍ଯ୍ୟନ୍ତ ମଣ୍ଡିରେ ଶୋଷଣ ଚାଲିଥିବ।

- ବରୁଣ ଗାନ୍ଧୀ, ପିଲିଭିତ୍‌ର ଭାଜପା ଏମ୍‌ପି



## ସଂକ୍ଷେପରେ

### ରଜନୀକାନ୍ତଙ୍କ ଅସ୍ତ୍ରୋପଚାର



**ଚେନ୍ନାଇ, ୨୯।୧୦:** ସୁପରଷ୍ଟାର ରଜନୀକାନ୍ତଙ୍କର ଶୁକ୍ରବାର ଚେନ୍ନାଇସ୍ଥିତ କାବେରୀ ହସ୍ପିଟାଲରେ କାରୋଟିଡ୍ ଆର୍ଟେରି ରିଭାସ୍କୁଲାରାଇଜେଶନ ଅସ୍ତ୍ରୋପଚାର କରାଯାଇଛି। ସେ କିଛିଦିନ ମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଅସୁସ୍ଥ ଅନୁଭବ କରିବାରୁ ରଜନୀକାନ୍ତ ଗୁରୁବାର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହେଲ୍‌ଥ ଚେକ୍‌ଅପ୍ ପାଇଁ ସେ ହସ୍ପିଟାଲ ଆସିଥିବା ତାଙ୍କ ଡାକ୍ତର ରିଆଜ କେ. ଅହମଦ କହିଥିଲେ। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ କାରୋଟିଡ୍ ଆର୍ଟେରି ରିଭାସ୍କୁଲାରାଇଜେଶନ ପାଇଁ ପରାମର୍ଶ ଦେଇଥିଲେ। ଏହି ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଛି ଓ ସେ ସୁସ୍ଥ ହେଉଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଏହି ୭୦ ବର୍ଷୀୟ ଅଭିନେତା ୪ ଦିନ ପୂର୍ବରୁ ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁଙ୍କଠାରୁ ଦାଦା ସାହେବ ଫାଲ୍‌କେ ପୁରସ୍କାର ଗ୍ରହଣ କରିଥିଲେ।

### ଭୋଟ ପାଇଁ ନୋଟ୍ ଦାବିରେ ତେଲଙ୍ଗାନାରେ ଆନ୍ଦୋଳନ

**ହାଇଦ୍ରାବାଦ, ୨୯।୧୦:** ତେଲଙ୍ଗାନାର ହୁଜୁରାବାଦ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶନିବାର ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ଅନ୍ତର୍ଗତ ବିଭିନ୍ନ ଗ୍ରାମର ଭୋଟରମାନେ ଖୋଲାଖୋଲି ଭାବେ ଭୋଟ ପାଇଁ ନୋଟ୍ ଦାବି କରିବା ସହ ଧାରଣାରେ ବସିଛନ୍ତି। ରାଜନେତାମାନଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ଟଙ୍କା ପାଇବା ସେମାନଙ୍କର ଅଧିକାର ବୋଲି ଭୋଟରମାନେ ଦାବି କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ଟଙ୍କା ଦେଇ ଅଧିକରୁ ଅଧିକ ଭୋଟ କିଣିବାକୁ ଉଦ୍ୟମ ଚଳାଇଥିବା ଉକ୍ତ ଆନ୍ଦୋଳନରୁ ସ୍ପଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ହୁଜୁରାବାଦର ବିଧାୟକ ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଇଆଟଲା ରାଜେନ୍ଦ୍ର ଉକ୍ତ ଆସନ ଏବଂ ଟିଆର୍‌ଏସ୍‌ରୁ ଇସ୍ତଫା ଦେବାରୁ ସେଠାରେ ଉପନିର୍ବାଚନ ଘୋଷଣା କରାଯାଇଥିଲା।

### ‘ପ୍ରଧାନମନ୍ତ୍ରୀ କ୍ଷମା ମାଗନ୍ତୁ’

**ନୂଆଦିଲ୍ଲୀ, ୨୯।୧୦:** କେନ୍ଦ୍ରର କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ ଆନ୍ଦୋଳନରତ କୃଷକମାନଙ୍କୁ ହଟାଇବା ପାଇଁ କଣ୍ଟକିତ ତାରବାଡ଼ ଦେଇ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଲୋକଙ୍କ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୂର୍ଯ୍ୟେୱାଲା ଦାବି କରିଛନ୍ତି।

### ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ଓଲଟା ଝୁଲାଇଲେ ପ୍ରଧାନ ଶିକ୍ଷକ

**ମିର୍ଜାପୁର(ୟୁପି), ୨୯।୧୦:** ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କୁ ଦଣ୍ଡ ଦେବାକୁ ଯାଇ ପ୍ରଧାନ ଶିକ୍ଷକ ତାଙ୍କୁ ସ୍କୁଲ୍ କୋଠାର ପ୍ରଥମ ମହଲାରୁ ମୁଣ୍ଡ ତଳକୁ କରି ଝୁଲାଇ ଦେଇଥିଲେ। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଧାନ ଶିକ୍ଷକ ଅଡୁଆରେ ପଡ଼ିଛନ୍ତି। ଜିଲାପାଳ ପ୍ରବୀଣ କୁମାର ଲକ୍ଷ୍ୱକର ଏହାକୁ ଗୁରୁତ୍ୱର ସହ ନେଇ ମୌଳିକ ଶିକ୍ଷା ଅଧିକାରୀଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଅନୁଯାୟୀ ଅହରୌରାର ସଦ୍‌ଭାବନା ଶିକ୍ଷଣ ସଂସ୍ଥାନ ଜୁନିୟର ହାଇସ୍କୁଲରେ ଗୁରୁବାର ଏଭଳି ଘଟଣା ଘଟିଛି। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ସୋନୁ ଯାଦବ ଖାଇବା ସମୟରେ ଦୁଷ୍ଟ ହେବାରୁ ସ୍କୁଲ ପ୍ରଧାନଶିକ୍ଷକ ମନୋଜ ବିଶ୍ୱକର୍ମା ରାଗିଯାଇଥିଲେ। ସେ ଉକ୍ତ ପିଲାର ଗୋଡ଼କୁ ଧରି ଅନ୍ୟ ପିଲାମାନଙ୍କ ଆଗରେ ସ୍କୁଲ ବାଲକୋନିରୁ ଝୁଲାଇ ଦେଇଥିଲେ। ଶିକ୍ଷକ ଏଭଳି ଦଣ୍ଡ ଦେଇ ପିଲାର ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ତାଙ୍କ ବାପା ରଞ୍ଜିତ ଯାଦବ ଅଭିଯୋଗ କରିଛନ୍ତି।

# ଲିଭ୍-ଇନ୍ ସମ୍ପର୍କ ବ୍ୟକ୍ତିଗତ ସ୍ୱାଧୀନତା

**ଆଲ୍ଲାହାବାଦ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

**ପ୍ରୟାଗରାଜ, ୨୯।୧୦(ଆଇଏଏନ୍ଏସ୍)**

ଲିଭ୍-ଇନ ରିଲେଶନଶିପ୍ ବା ବିବାହ ନ କରି ପୁରୁଷ ଓ ମହିଳା ଏକତ୍ର ରହିବା ଏବେ ଜୀବନଶୈଳୀର ଅଂଶବିଶେଷ ହୋଇଗଲାଣି। ତେଣୁ ସାମାଜିକ ନୈତିକତା ପରିବର୍ତ୍ତେ ଏହାକୁ ବ୍ୟକ୍ତିଗତ ସ୍ୱାଧୀନତାର ଚଷମାରେ ଦେଖିବା ଆବଶ୍ୟକ ବୋଲି ଆଲ୍ଲାହାବାଦ ହାଇକୋର୍ଟ ଶୁକ୍ରବାର କହିଛନ୍ତି। ଏକତ୍ର ରହୁଥିବା ଭିନ୍ନ ଧର୍ମର ଯୋଡ଼ିଙ୍କ ପକ୍ଷରୁ ଦାଏର ଦୁଇଟି ଅଲଗା ପିଟିଶନକୁ ଜଷ୍ଟିସ୍ ପ୍ରୀତିଙ୍କର ଦିୱାକର ଏବଂ ଆଶୁତୋଷ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି। ଲିଭ୍-ଇନ୍ ରିଲେଶନଶିପ୍‌କୁ ସର୍ବୋଚ୍ଚ ଅଦାଲତ ଅନୁମୋଦନ କରିଥିବାରୁ ଏହାକୁ ସମ୍ବିଧାନର ଅନୁଚ୍ଛେଦ ୨୧ରେ ଦିଆଯାଇଥିବା ଜୀବନଧାରଣ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଭାବେ ଦେଖିବା ଉଚିତ ବୋଲି ଖଣ୍ଡପୀଠ କହିଥିଲେ।

ସେମାନଙ୍କ ଦୈନନ୍ଦିନ ଜୀବନରେ ମହିଳାଙ୍କ ପରିବାର ହସ୍ତକ୍ଷେପ କରିବା ସହ ଧମକ ଦେଉଥିବା ଅଭିଯୋଗ କରି ଦୁଇ ଯୋଡ଼ି ଅଲଗା ଅଲଗା ପିଟିଶନ ଦାଏର କରିଥିଲେ। କୁଶିନଗରର ଶାଇରା ଖାତୁନ୍ ଓ ତାଙ୍କ ପୁରୁଷ ଯୋଡ଼ି ଦୁଇବର୍ଷ ହେଲା ଲିଭ୍-ଇନ୍ ରିଲେଶନରେ ରହିଛନ୍ତି। ସେହିପରି ମିରଟର ଜିନତ ପର୍‌ଭିନ ଓ ତାଙ୍କ ପୁରୁଷ ଯୋଡ଼ି ମଧ୍ୟ କିଛିଦିନ ହେଲା ଏକତ୍ର ବାସରେ ରହୁଛନ୍ତି। ଉଭୟ ଯୋଡ଼ି ସାବାଳକ ହୋଇଥିବାବେଳେ ମହିଳାଙ୍କ ପରିବାର ସେମାନଙ୍କ ଜୀବନରେ ହସ୍ତକ୍ଷେପ କରୁଥିବା ନେଇ ସେମାନେ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ସହାୟତା କରିବାକୁ ମନା କରିବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୧ରେ ପ୍ରତିଷ୍ଠାପିତ ଜୀବନଧାରଣ ଅଧିକାରକୁ ଯେକୌଣସି ମୂଲ୍ୟ ଦେଇ ସୁରକ୍ଷା ଦେବାକୁ ହେବ। ଆବେଦନକାରୀଙ୍କ ଅଧିକାରର ସୁରକ୍ଷା ପୋଲିସ୍‌ର କର୍ତ୍ତବ୍ୟ। ଆବେଦନକାରୀଙ୍କ ଜୀବନ ଓ ସ୍ୱାଧୀନତା ପ୍ରତି ବିପଦ ରହିଥିବା ସେମାନେ ପୋଲିସ ନିକଟରେ ଅଭିଯୋଗ କରିଥିବାରୁ ଆଇନ ଅନୁଯାୟୀ କର୍ତ୍ତବ୍ୟ ସମ୍ପାଦନ କରୁଥିବା ପୋଲିସ ସେମାନଙ୍କୁ ସୁରକ୍ଷା ଦେବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



## ଇୟୁ ନେତାଙ୍କ ସହ ମୋଦିଙ୍କ ଆଲୋଚନା

**ରୋମ୍, ୨୯।୧୦(ପି.ଟି.)**

ଜି-୨୦ ସମିଟ୍‌ରେ ଯୋଗଦେବା ପାଇଁ ଦୁଇଦିନିଆ ଇଟାଲୀ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୟୁରୋପୀୟ ୟୁନିୟନ (ଇୟୁ)ର ଶୀର୍ଷ ନେତାମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବାଣିଜ୍ୟ, ସଂସ୍କୃତି ଓ ପରିବେଶ ଆଦି ବିଭିନ୍ନ କ୍ଷେତ୍ରରେ ଭାରତ ଏବଂ ଇୟୁ ମଧ୍ୟରେ ସମ୍ପର୍କ ବଢ଼ାଇବା ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଏହା ବ୍ୟତୀତ କୋଭିଡ୍-୧୯ ଓ ଅନ୍ୟାନ୍ୟ ବିଶ୍ୱ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା। ପ୍ରଧାନମନ୍ତ୍ରୀ ରୋମ୍‌ରେ ପହଞ୍ଚିବା ପରେ ସେଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ସେ ୟୁରୋପୀୟ କାଉନସିଲ୍ ଅଧ୍ୟକ୍ଷ ଚାର୍ଲସ୍ ମିଚେଲ ଏବଂ ୟୁରୋପୀୟ କମିଶନ୍ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନଙ୍କୁ ଭେଟି ଆଲୋଚନା କରିଥିଲେ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ଓ ମହାମାରୀ ମୁକାବିଲା, ଆଫଗାନିସ୍ତାନ ସ୍ଥିତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସମ୍ପର୍କରେ ଭାରତ ଏବଂ ଇୟୁ ମଧ୍ୟରେ ଆଲୋଚନା ହୋଇଥିବା ୟୁରୋପୀୟ ପରିଷଦ ଅଧ୍ୟକ୍ଷ ମିଚେଲ କହିଛନ୍ତି।



ରୋମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାର୍ଲସ୍ ମିଚେଲ ଏବଂ ଉର୍ସୁଲା ଭନ୍ ଡେର୍ ଲେୟେନ।



ଦିଲ୍ଲୀ ସଂଲଗ୍ନ ଗାଜିପୁର ସୀମାର କୃଷକଙ୍କ ଆନ୍ଦୋଳନସ୍ଥଳରୁ କଣ୍ଟକିତ ତାର ଓ ବ୍ୟାରିକେଡ୍ ହଟାଯାଉଥିବାବେଳେ ଜଣେ ଚାଷୀ ଦେଖୁଛନ୍ତି।

## ଗାଜିପୁର ସୀମାରୁ ବ୍ୟାରିକେଡ୍ ହଟାଇଲା ପୋଲିସ

**ନୂଆଦିଲ୍ଲୀ, ୨୯।୧୦**

କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ସୀମାରେ ଚାଷୀମାନେ ୧୧ ମାସ ହେଲା ଆନ୍ଦୋଳନ ଚଳାଇଥିବାବେଳେ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ସୁପ୍ରିମକୋର୍ଟରେ ଅଭିଯୋଗ ହୋଇଥିଲା। ପିଟିଶନର ଶୁଣାଣି କରିବା ଅବସରରେ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ପ୍ରକାଶ କରିବ ସହ ଆନ୍ଦୋଳନ ଆଳରେ ସର୍ବସାଧାରଣ ରାସ୍ତାକୁ ସବୁଦିନ ପାଇଁ ବନ୍ଦ ରଖାଯାଇପାରିବ ନାହିଁ ବୋଲି କହିଥିଲେ। ତେବେ ଆନ୍ଦୋଳନକାରୀ ଚାଷୀ ନୁହନ୍ତି, ବରଂ ପୋଲିସ ରାସ୍ତାକୁ ଅବରୋଧ କରି ରଖିଥିବା ଜଣାଇବା ପରେ ଏବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଟିକ୍ରି ସୀମାରୁ ଦିଲ୍ଲୀ ପୋଲିସ ଅବରୋଧ ହଟାଇବା ପରେ ଶୁକ୍ରବାର ନୂଆଦିଲ୍ଲୀ-ଉତ୍ତରପ୍ରଦେଶର ଗାଜିପୁର ସୀମାରୁ ବ୍ୟାରିକେଡ୍ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ସୀମାକୁ ସମ୍ପୂର୍ଣ୍ଣ ଅବରୋଧମୁକ୍ତ କରାଯିବ କି ଆଂଶିକ ଖୋଲାଯିବ ତାହା ଜଣାପଡ଼ିନାହିଁ। ଗତବର୍ଷ ନଭେମ୍ବରରୁ ଟିକ୍ରି, ସିଂଘୁ ଏବଂ ଗାଜିପୁର ସୀମାରେ ହଜାର ହଜାର ଚାଷୀ ଆନ୍ଦୋଳନରେ ବସିରହିଛନ୍ତି। ଗତ ସାଧାରଣତନ୍ତ୍ର ଦିବସରେ ଚାଷୀଙ୍କ ଆନ୍ଦୋଳନ ହିଂସାତ୍ମକ ରୂପ ନେବାରୁ ପୋଲିସ ଉକ୍ତ ସୀମାରେ କଂକ୍ରିଟ୍ ବ୍ଲକ୍ ଓ ବ୍ୟାରିକେଡ ଲଗାଇ ଅବରୋଧ କରିଥିଲା।

## ସୁରଟ କୋର୍ଟରେ ରାହୁଲ ହାଜର



**ସୁରଟ, ୨୯।୧୦**

୨୦୧୯ ସାଧାରଣ ନିର୍ବାଚନ ବେଳେ ‘ମୋଦି ସାଙ୍ଗିଆ’କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେବା ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଗୁଜରାଟର ସୁରଟ କୋର୍ଟରେ ହାଜର ହୋଇଛନ୍ତି। ମାଜିଷ୍ଟ୍ରେଟ୍ କୋର୍ଟରେ ରାହୁଲଙ୍କ ବୟାନ ରେକର୍ଡ କରାଯାଇଛି। ଏହା ପୂର୍ବରୁ ସେ ଉକ୍ତ କୋର୍ଟରେ ଦୁଇଥର ହାଜର ହୋଇସାରିଛନ୍ତି। ଶୁଣାଣି ବେଳେ ରାହୁଲ କହିଥିଲେ, କୋର୍ଟ ପଚାରୁଥିବା ଅଧିକାଂଶ ପ୍ରଶ୍ନର ଉତ୍ତର ସେ ଜାଣିନାହାନ୍ତି। ପ୍ରକାଶ ଯେ, ୨୦୧୯ ଲୋକ ସଭା ନିର୍ବାଚନ ବେଳେ ରାହୁଲ କର୍ନାଟକର କୋଲାର ଆସନରେ ପ୍ରଚାର ସମୟରେ ‘ସବୁ ମୋଦି ଚୋର’ କହିଥିବା ଅଭିଯୋଗ ହୋଇଥିଲା। ଏନେଇ ସୁରଟର ଭାଜପା ବିଧାୟକ ତଥା ବର୍ତ୍ତମାନର ମନ୍ତ୍ରୀ ପୂର୍ଣ୍ଣେଶ ମୋଦି ୨୦୧୯ ଅକ୍ଟୋବରରେ ରାହୁଲଙ୍କ ବିରୋଧରେ ମାନହାନି ମକଦ୍ଦମା କରିଥିଲେ।

## ଆଫଗାନିସ୍ତାନ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ନ ହେଉ

**ତାଲିବାନ୍‌କୁ ଭାରତ ଓ ଆମେରିକାର ଆହ୍ୱାନ**

**ୱାଶିଂଟନ, ୨୯।୧୦(ପି.ଟି.)**

ଆଫଗାନିସ୍ତାନ ଯେପରି ଆତଙ୍କବାଦୀମାନଙ୍କ ଭୂସ୍ୱର୍ଗ ନ ପାଲଟେ ତାହା ସୁନିଶ୍ଚିତ କରିବାକୁ ଭାରତ ଓ ଆମେରିକା ତାଲିବାନ୍‌କୁ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦର ମୁକାବିଲା ଦିଗରେ ଦୁଇ ଦେଶ ମଧ୍ୟରେ ସହଯୋଗ ବଢ଼ାଇବା ଉପରେ ଆୟୋଜିତ ଅଫିସର ସ୍ତରୀୟ ମିଳିତ ଆଲୋଚନା ଶେଷରେ ଉପରୋକ୍ତ ଆହ୍ୱାନ ଦିଆଯାଇଛି। ଜାତିସଂଘ ସୁରକ୍ଷା ପରିଷଦ ତାଲିକାରେ ଥିବା ଅଲ୍-କାଏଦା, ଆଇଏସ୍‌ଆଇଏସ୍/ଡାଏସ୍, ଲଶ୍କର-ଇ-ତୋଇବା, ଜୈଶ-ଇ-ମହମ୍ମଦ ସମେତ ସମସ୍ତ ଆତଙ୍କବାଦୀ ସଂଗଠନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଉଭୟ ଦେଶ ମିଳିତ ବିବୃତିରେ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦ ମୁକାବିଲା ସହଯୋଗ ଭାରତ-ଆମେରିକା ବିସ୍ତୃତ ସାମରିକ ସହଯୋଗିତାର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଉଭୟ ପକ୍ଷ ଆଇନ କାର୍ଯ୍ୟକାରିତା, ସୂଚନା ଆଦାନପ୍ରଦାନ ଆଦି ଉପରେ ସହଯୋଗ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ୨୬-୨୭ ଦୁଇଦିନ ଧରି ଚାଲିଥିବା ଆଲୋଚନାରେ ଆମେରିକା ଆତଙ୍କବାଦ ମୁକାବିଲାରେ ଭାରତ ସରକାର ଓ ଜନସାଧାରଣଙ୍କ ସହ ଛିଡ଼ା ହେବା ପାଇଁ ପ୍ରତିଶ୍ରୁତିକୁ ଦୋହରାଇଥିଲା।

### ଆମେରିକା ଦେଲା ୧୪୪ ନିୟୁତ ଡଲାର ସହାୟତା

**ୱାଶିଂଟନ, ୨୯।୧୦**

ଆଫଗାନିସ୍ତାନ ପାଇଁ ଆମେରିକା ୧୪୪ ନିୟୁତ ଡଲାର ମାନବୀୟ ସହାୟତା ଘୋଷଣା କରିଛି। ଏହାକୁ ମିଶାଇ ଚଳିତ ବର୍ଷ ଆଫଗାନିସ୍ତାନକୁ ମୋଟ ୪୭୪ ନିୟୁତ ଡଲାର ସହାୟତା ଯୋଗାଇ ଦିଆଯିବ। ଆଫଗାନ ଜନସାଧାରଣ ଓ ଉକ୍ତ ଅଞ୍ଚଳରେ ରହୁଥିବା ଆଫଗାନ ଶରଣାର୍ଥୀଙ୍କ ପାଇଁ ଏହି ସହାୟତା ଉଦ୍ଦିଷ୍ଟ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଏହି ସହାୟତା ସିଧାସଳଖ ଭାବେ ଜାତିସଂଘ ଶରଣାର୍ଥୀ ସଂସ୍ଥା (ୟୁଏନ୍-ଏଚ୍‌ସିଆର୍), ୟୁନିସେଫ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଅନ୍ତର୍ଜାତୀୟ ଦେଶାନ୍ତର ସଂଗଠନ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ତଥା ସ୍ୱେଚ୍ଛାସେବୀ ସଂଗଠନକୁ ଯୋଗାଇ ଦିଆଯିବ।

## ୧୬ ଆଞ୍ଚଳିକ ଦଳକୁ ମିଳିଛି ୨୪.୭୭୯ କୋଟି ଚାନ୍ଦା

**ନୂଆଦିଲ୍ଲୀ, ୨୯।୧୦(ପି.ଟି.)**

୨୦୧୯-୨୦ ଆର୍ଥିକ ବର୍ଷରେ ଦେଶର ୧୬ଟି ଆଞ୍ଚଳିକ ରାଜନୈତିକ ଦଳଙ୍କୁ ୧,୦୨୬ ଦାନ ସୂତ୍ରରୁ ବିନା ପ୍ୟାନ୍ ବିବରଣୀରେ ମୋଟ ୨୪.୭୭୯ କୋଟି ଟଙ୍କା ଚାନ୍ଦା ମିଳିଛି। ଉକ୍ତ ଦଳଗୁଡ଼ିକ ପକ୍ଷରୁ ଭାରତର ନିର୍ବାଚନ ଆୟୋଗ (ଇସି)ଙ୍କ ନିକଟରେ ଦାଖଲ ବିବରଣୀରେ ଏହା ଦର୍ଶାଯାଇଛି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍), ଲୋକ ଜନଶକ୍ତି ପାର୍ଟି, ସମାଜବାଦୀ ପାର୍ଟି ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ପୂର୍ବ ବର୍ଷ ତୁଳନାରେ ଅଧିକ ଚାନ୍ଦା ମିଳିଛି। ସର୍ବାଧିକ ଚାନ୍ଦା ପାଇଥିବା ୫ ଅଞ୍ଚଳିକ ଦଳ ମଧ୍ୟରେ ଅଛନ୍ତି ଶିବସେନା, ଏଆଇଏଡିଏମ୍‌କେ, ଏଏପି, ବିଜେଡି ଏବଂ ୱାଇଏସ୍ଆର୍ କଂଗ୍ରେସ। ତେବେ ପୂର୍ବ ବର୍ଷ ତୁଳନାରେ ବିଜେଡି, ଏସ୍ଏଚ୍ଏସ୍ ଏବଂ ୱାଇଏସ୍ଆର୍ କଂଗ୍ରେସର ଆୟ କମିଥିବା ଘୋଷଣା କରିଛନ୍ତି। ନଗଦ ଆକାରରେ ଇଣ୍ଡିଆନ ମୁସ୍‌ଲିମ୍ ଲିଗ୍ ସର୍ବାଧିକ ୪.୬୩ କୋଟି ଟଙ୍କା ପାଇଥିବାବେଳେ ତାମିଲନାଡୁର ପଟ୍ଟଲି ମକ୍କଲ କାଟ୍‌ଚି ୫୨.୨୦ ଲକ୍ଷ, ଏଲ୍‌ଜେପି ୬ ଲକ୍ଷ, ନାଗାଲାଣ୍ଡ ଓ ମଣିପୁରର ନାଗା ପିପୁଲ୍ସ ଫ୍ରଣ୍ଟ ୩.୯୨ ଲକ୍ଷ ଏବଂ ଡିଏମ୍‌କେ ୨୯,୦୦୦ ଟଙ୍କା ପାଇଛି। ବିଭିନ୍ନ ଦଳର ମୋଟ ଆୟକୁ ଦେଖିଲେ ଶିବସେନା ୪୩୬ ଡୋନେଶନରୁ ୬୨.୮୫୯ କୋଟି ଟଙ୍କା ପାଇ ପ୍ରଥମ ସ୍ଥାନରେ ଥିବାବେଳେ ଏଆଇଏଡିଏମ୍‌କେ ୫୨.୧୭ କୋଟି, ଏଏପି ୩୭.୩୭ କୋଟି ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବିଜେଡିକୁ ୨୮.୨୦ କୋଟି ଟଙ୍କା ମିଳିଥିବାବେଳେ ୱାଇଏସ୍ଆର୍-ସିକୁ ୮.୯୨୪ କୋଟି ଟଙ୍କା ମିଳିଥିବା ଦଳ ପକ୍ଷରୁ ଘୋଷଣା କରାଯାଇଛି।

## ମନ୍ଦିର ଯିବାରୁ ଦଳିତ ପରିବାରକୁ ଆକ୍ରମଣ

**ଅହମଦାବାଦ, ୨୯।୧୦**

ଗୁଜରାଟର କଚ୍ଛ ଜିଲାସ୍ଥିତ ନେର୍ ଗ୍ରାମରେ ଏକ ମନ୍ଦିରକୁ ଯିବାରୁ ଦଳିତ ପରିବାରକୁ ଟାର୍ଗେଟ କରାଯାଇଛି। ୨୦ ଜଣଙ୍କ ସଂଘବଦ୍ଧ ଆକ୍ରମଣରେ ପରିବାରର ୬ ସଦସ୍ୟ ଆହତ ହୋଇଛନ୍ତି। ଗତ ୨୬ ତାରିଖରେ ଏହି ଘଟଣା ଘଟିଥିଲେ ହେଁ ଅଦ୍ୟାବଧି ପୋଲିସ କାହାକୁ ଗିରଫ କରିନାହିଁ।

# ଦୀର୍ଘକାଳ ବୁଡ଼ିଥିଲେ, ଏବେ ଉଠିଲେ

**ୱାଶିଂଟନ, ୨୯।୧୦**

ପ୍ରଶାନ୍ତ ମହାସାଗରରେ ଅତଳ ଜଳରାଶି ମଧ୍ୟରୁ ଉପରକୁ ଉଠିଛି ୨ ଡଜନ ଘୋଷ୍ଟ ଶିପ୍। ଆଗ୍ନେୟଗିରି ଉଦ୍‌ଗିରଣ ଯୋଗୁ ଏହି ଜାହାଜଗୁଡ଼ିକ ଉଠିଆସିଥିବା ଜଣାପଡ଼ିଛି। ଏସବୁର ଫଟୋ ଓ ଭିଡିଓ ଫୁଟେଜ୍ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଅଶାନ୍ତ ସମୁଦ୍ରରେ ବୁଡ଼ିଯାଇଥିବା ଯୁଦ୍ଧଜାହାଜଗୁଡ଼ିକୁ ଏବେ ଟୋକିଓ ଉପକୂଳରୁ ୮୦୦ ମାଇଲ ଦୂରରେ ଦେଖିବାକୁ ମିଳିଛି। ୧୯୪୫ରେ ଇୱୋ ଜିମା ଯୁଦ୍ଧ ସମୟରେ ଏହି ଜାପାନୀ ଜାହାଜଗୁଡ଼ିକୁ ଆମେରିକା ନୌସେନା ନିଜ କବ୍‌ଜାକୁ ନେଇଥିଲା ବୋଲି କୁହାଯାଉଛି। ସମୁଦ୍ର ତଳେ ଫୁକୁଟୋକୁ-ଓକାନୋବା ନାମକ ଆଗ୍ନେୟଗିରିର ଭୂକମ୍ପ ସମ୍ପର୍କିତ ଗତିବିଧି ଏକ ନୂଆ ‘ସି’ ଆକୃତିର ଦ୍ୱୀପ ସୃଷ୍ଟି କରିଛି। ଏହି ପ୍ରଥମେ ଛୋଟ ଦ୍ୱୀପର ଆୟତନ ପ୍ରାୟ ୧ କି.ମି. ଥିଲା। ତେବେ ଦ୍ୱୀପଟି ସାମ୍ନାକୁ ଆସିବା ପରେ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ମୂଳ ଆକାରରୁ ଏବେ ଏହା ଏକ-ତୃତୀୟାଂଶ ଛୋଟ ହୋଇଯାଇଛି। ଜାପାନୀ ତଟରକ୍ଷୀଙ୍କ ମତରେ ଏହି କ୍ଷୁଦ୍ର ଦ୍ୱୀପ ଆଗ୍ନେୟଗିରିରୁ ଉଦ୍‌ଗିରଣ ହୋଇଥିବା ଲାଭା ଓ ପାଉଁଶ ଯୋଗୁ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ଉଦ୍‌ଗିରଣ ଫଳରେ ୨୪ଟି ଜାହାଜ ପାଣି ଉପରକୁ ଉଠିଛି, ଯାହାକି ୧୯୪୯ ଇୱୋ ଜିମା ଯୁଦ୍ଧ ବେଳେ ବୁଡ଼ିଯାଇଥିଲା। ଯୁଦ୍ଧ ଚାଲିଥିବାବେଳେ ୭୦,୦୦୦ ଆମେରିକୀୟ ମରିନ୍ ଦ୍ୱୀପର ବଙ୍କରଗୁଡ଼ିକରେ ଆତ୍ମଗୋପନ କରିଥିବା ୨୦,୦୦୦ ଜାପାନୀ ସୈନ୍ୟଙ୍କ ବିରୋଧରେ ଲଢ଼େଇ କରିଥିଲେ। ଯୁଦ୍ଧ ଶେଷ ହେବାବେଳକୁ ପ୍ରାୟ ୭,୦୦୦ ମରିନଙ୍କ ଜୀବନ ଯାଇଥିବାବେଳେ ୨୦,୦୦୦ ଆହତ ହୋଇଥିଲେ। ଆମେରିକୀୟଙ୍କ ଆକ୍ରମଣରେ ଜାପାନର ପ୍ରାୟ ସମସ୍ତ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ଆମେରିକା ନୌସେନା ଉକ୍ତ ଜାହାଜଗୁଡ଼ିକୁ ଦଖଲ କରିଥିଲେ। ଇୱୋ ଜିମାରେ କୌଣସି ବନ୍ଦର ନ ଥିବାରୁ ସେଗୁଡ଼ିକ ସମୁଦ୍ରରେ ବୁଡ଼ିଯାଇଥିଲା ବୋଲି ଆମେରିକାର ନ୍ୟାଶନାଲ ଆର୍କାଇଭ୍ସ ପକ୍ଷରୁ କୁହାଯାଇଛି। ସମୁଦ୍ରରେ ଭୂତ ଜାହାଜ ଦୃଶ୍ୟମାନ ହେବାର ଏହା ପ୍ରଥମ ଘଟଣା ନୁହେଁ। ୩୫ ବର୍ଷ ପୂର୍ବେ ମଧ୍ୟ ସମୁଦ୍ର ଭିତରେ ସେସ୍‌ମିକ୍ ଗତିବିଧି ଯୋଗୁ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା।



## ଜାଇକା ସଂକ୍ରମଣ: ୧୭୫ ବାୟୁସେନା କର୍ମଚାରୀଙ୍କ ନମୁନା ସଂଗୃହୀତ

**କାନପୁର, ୨୯।୧୦**

ଉତ୍ତରପ୍ରଦେଶର ପୋଖରପୁରରେ ଜାଇକା ଭୂତାଣୁ ଚିହ୍ନଟ ହେବା ପରେ ଦିଲ୍ଲୀ ଓ ଲକ୍ଷ୍ନୌରୁ ଡାକ୍ତରୀ ଟିମ୍ ଯାଇ ଉକ୍ତ ଅଞ୍ଚଳର ୩ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଲୋକମାନଙ୍କ ରକ୍ତ ଓ ମୂତ୍ର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଏହି କ୍ରମରେ ସେଠାରେ ଥିବା ୧୭୫ ଜଣ ବାୟୁସେନା କର୍ମଚାରୀଙ୍କ ସମେତ ୭୬ ଜଣ ସ୍ଥାନୀୟ ନାଗରିକଙ୍କ ନମୁନା ପରୀକ୍ଷା ପାଇଁ ଲକ୍ଷ୍ନୌର କେଜିଏମ୍‌ୟୁକୁ ପଠାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ଜାଇକା ଭୂତାଣୁର ମୂଳ ଉତ୍ସ ଖୋଜି ବାହାର କରିବା ଲାଗି ସ୍ୱାସ୍ଥ୍ୟ ବିଭାଗର ୭୦ ଟିମ୍ କାମ କରୁଛନ୍ତି। ସେମାନେ ୫୫ ହଜାର ପରିବାର ମଧ୍ୟରୁ ୧୬ ହଜାର ପରିବାରରେ ସର୍ଭେ କାର୍ଯ୍ୟ ସାରିଲେଣି। ସଂଗୃହୀତ ୨୯୨ ନମୁନା ମଧ୍ୟରୁ ୪୦ଟି ନେଗେଟିଭ୍ ଆସିଥିବାବେଳେ ଅନ୍ୟ ୨୫୨ଟିର ରିପୋର୍ଟକୁ ଅପେକ୍ଷା କରାଯାଇଛି।

ଧରିତ୍ରୀ
DHARITRI
ଶନିବାର, ୩୦ ଅକ୍ଟୋବର ୨୦୨୧



# ମା'ଲକ୍ଷ୍ମୀଙ୍କୁ ଭବ୍ୟ ମେଲାଣି

**ଢେଙ୍କାନାଳ ଅଫିସ, ୨୯।୧୦**

■ପୂଜା ଇତିହାସରେ ଯୋଡ଼ିହେଲା ନୂଆ ପରମ୍ପରା
■ମେଢ଼ ଆଗରେ ନୂଆ ଲୁଗା ବିଛାଇ ମା'ଙ୍କୁ ବିଦାୟ
■ପାରମ୍ପରିକ ବାଦ୍ୟ, ହୁଳହୁଳିରେ ପ୍ରକମ୍ପିତ ହେଲା ପରିବେଶ

ଘଣ୍ଟଘଣ୍ଟା, ଶଙ୍ଖଧ୍ୱନି, ହୁଳହୁଳିରେ କମ୍ପୁଥିଲା ପରିବେଶ। ଲୁହଭରା ଆଖି, କୋହଭରା ମନରେ ମେଢ଼ ଆଗରେ ନୂଆ ଲୁଗା ବିଛାଇ ମା'ଲକ୍ଷ୍ମୀଙ୍କୁ ମେଲାଣି ଦେଉଥିଲେ ମହିଳା। ଆସ୍ଥାନଠୁ ଜଳାଶୟ ଯାଏ ରାସ୍ତାରେ ଅଟକୁଥିଲା ମେଢ଼। ବିଦାୟ ବେଳାରେ ମା'ଙ୍କୁ ଅର୍ପଣ କରାଯାଉଥିଲା ଭଳିକି ଭଳି ସୁସ୍ୱାଦୁ ପିଠା। ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜାର ଗୁରୁବାର ଅନ୍ତିମ ଦିବସରେ ଶାନ୍ତିଶୃଙ୍ଖଳାର ସହିତ ବିସର୍ଜନ ଶେଷ ହୋଇଥିବାବେଳେ ପୂଜା ଇତିହାସରେ ଯୋଡ଼ି ହୋଇଛି ଏଭଳି ନୂଆ ପରମ୍ପରା।

ପ୍ରଶାସନ ଏବଂ ମିଳିତ ବଜାର ପୂଜା କମିଟିର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ, ପୂର୍ବାହ୍ନ ୮ଟାରୁ ଆରମ୍ଭ ହୋଇଥିଲା ଭସାଣି। ପୂର୍ବାହ୍ନ ୯ଟାରେ ମିନାବଜାର ପୂଜା ପ୍ରତିଷ୍ଠାନ ପ୍ରାଙ୍ଗଣରୁ ଜିଲାପାଳ ସରୋଜ କୁମାର ସେଠୀ ଏହାର ଶୁଭାରମ୍ଭ କରିଥିଲେ। ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ଶାନ୍ତି କମିଟି ସଭାପତି ନବକିଶୋର ଗୁରୁ, ମିନାବଜାର ପୂଜା କମିଟି ସଭାପତି ରବିନାରାୟଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ସମ୍ପାଦକ ପୀତବାସ ସାହୁଙ୍କ ସମେତ ବିଭିନ୍ନ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହାପରେ ଅନ୍ୟ ସମସ୍ତ ମଣ୍ଡପର ମେଢ଼ ପୂର୍ବରୁ ସ୍ଥିରୀକୃତ ଜଳାଶୟ ଅଭିମୁଖେ ବାହାରିଥିଲେ। ଅପରାହ୍ନ ୨ଟା ସୁଦ୍ଧା ଭସାଣି ସମ୍ପନ୍ନ ହୋଇଛି।

କେତେକ ପ୍ରତିଷ୍ଠାନ ଭସାଣିରେ ଶୋଭାଯାତ୍ରାରେ ଟାଙ୍ଗୁ ବାଦ୍ୟ ବ୍ୟବହାର କରିଥିଲେ। ତେବେ ଗାଇଡ୍‌ଲାଇନ୍ ବିରୋଧୀ ହୋଇଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲା। ପାରମ୍ପରିକ ବାଦ୍ୟ, ହୁଳହୁଳି, ନାମ ସଂକୀର୍ତ୍ତନର ତାଳେତାଳେ ମା'ଙ୍କ ମେଲାଣି ଦିଆଯାଇଥିଲା। ଲକ୍ଷ୍ମୀବଜାର ମେଢ଼ ଜଗନ୍ନାଥ ରୋଡ୍ ଦେଇ ଯିବାବେଳେ ସ୍ଥାନୀୟ ମହିଳା ଶ୍ରଦ୍ଧାଳୁ ରାସ୍ତାରେ ନୂଆ ଶାଢ଼ି ବିଛାଇବା ସହିତ ପିଠାପଣା ଭୋଗ କରିଥିଲେ। ଧନଦାତ୍ରୀଙ୍କ ଶେଷଦର୍ଶନ ଲାଗି ରାସ୍ତା ପାର୍ଶ୍ୱ, ଘର ଛାତ ଲୋକାରଣ୍ୟ ହୋଇଯାଇଥିଲା। କୋଭିଡ୍ କଟକଣା ଅନୁଯାୟୀ ଭସାଣି ସମ୍ପନ୍ନ ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲା।


ଲକ୍ଷ୍ମୀବଜାର ମେଢ ଆଗରେ ମହିଳା ଶ୍ରଦ୍ଧାଳୁମାନେ ନୂଆ ଶାଢ଼ି ପକାଇଛନ୍ତି।


ମିନାବଜାରଠାରେ ଜିଲାପାଳ ସରୋଜ କୁମାର ସେଠୀ ଭସାଣି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ଯୁବ କ୍ଲବ ସମ୍ପ୍ରସାରଣ କାର୍ଯ୍ୟକ୍ରମ

**ପବିତ୍ରନଗର,୨୯।୧୦(ଡି.ଏନ.ଏ.):** କଣିହାଁ ବ୍ଲକ ନେହେରୁ ଯୁବକେନ୍ଦ୍ର ତରଫରୁ ଯୁବ କ୍ଲବ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ୧୦ଦିନ ବ୍ୟାପୀ ବ୍ଲକର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷରେ ବିରୁ ଗ୍ରାମର ପଲ୍ଲୀଶ୍ରୀ ଯୁବକ ସଂଘ ସଦସ୍ୟଙ୍କ ଉପସ୍ଥିତିରେ ଏହା ସାମପନ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧମରେ ନୂତନ କ୍ଲବ ଗଠନ, ପୁରୁଣା କ୍ଲବ ପୁନରୁଦ୍ଧାର ନିମନ୍ତେ ପ୍ରୟାସ କରାଯାଇଥିଲା। କିପରି ଯୁବଗୋଷ୍ଠୀଙ୍କ ଶାରୀରିକ ଓ ମାନସିକ ବିକାଶ କରାଯାଇ ପାରିବ ସେ ନେଇ ବୁଝାଯାଇଥିଲା। ମୁଖ୍ୟଅତିଥି ଭାବେ ବିରୁ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ବିରୁପାକ୍ଷ ସେଠୀ, ଗ୍ରାମ ସଭାପତି ଗଗନ ଚନ୍ଦ୍ର ପ୍ରଧାନ, ନେହେରୁ ଯୁବକେନ୍ଦ୍ର ପୂର୍ବତନ ବ୍ଲକ ସଂଯୋଜକ ରିଙ୍କୁ ଚରଣ ସାହୁ, ସାମାଜିକ କର୍ମୀ ରାଜକିଶୋର ବିଶ୍ୱାଳ, ସିଦ୍ଧାର୍ଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିରୁ ପଲ୍ଲୀଶ୍ରୀ ଯୁବକ ସଂଘ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଗାନ୍ଧୀ ପାର୍କରେ ଶ୍ରଦ୍ଧାଞ୍ଜଳି ସଭା

**ଅନୁଗୋଳ ଅଫିସ, ୨୯।୧୦:** ଗାନ୍ଧିବାଦୀ ଡ. ଏସ୍. ଏନ୍. ସୁବାରାଓଙ୍କ ବିୟୋଗରେ ଶୁକ୍ରବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଗୋଳ ଗାନ୍ଧୀ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଧର ନାୟକ ଓ ଛୋଟରାଇ ମାଝି ଯୋଗଦେଇ ସ୍ୱର୍ଗତ ସୁବାରାଓଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ରାଓ ଶେଷଥର ପାଇଁ ୨୦୧୮ ନଭେମ୍ବର ୨୩ରେ ଅନୁଗୋଳ ଆସିଥିଲେ। ସ୍ଥାନୀୟ ବାଜି ରାଉତ ଛାତ୍ରାବାସ ଅନ୍ତେବାସୀଙ୍କ ସହିତ ସମୟ କାଟିଥିଲେ। ପ୍ରଧାପକ ବିଶ୍ୱରଞ୍ଜନ ପ୍ରଧାନ, କଲ୍ୟାଣ କିଶୋର ମହାନ୍ତି, ବିଶ୍ୱରଞ୍ଜନ ପଟ୍ଟନାୟକ, ଦେବବ୍ରତ ମହାନ୍ତି, ରଞ୍ଜିତ ଦେହୁରୀ, ସୂର୍ଯ୍ୟନାରାୟଣ ନାଥ, ଆଦିତ୍ୟ ପ୍ରସାଦ ମିଶ୍ର, ଅଦ୍ୟାଶ୍ଳୋକ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### 'ଋଣ ଅର୍ଥ ସଦୁପଯୋଗ କର'

**ଆଠମଲ୍ଲିକ,୨୯।୧୦(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଜୀବିକା ମିଶନ ଓ ମିଶନ ଶକ୍ତି ପକ୍ଷରୁ ଶୁକ୍ରବାର ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଋଣ ଅର୍ଥର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆଠମଲ୍ଲିକ ବ୍ଲକ ଅଞ୍ଚଳର ୩୧୮ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୬ କୋଟି ୪୫ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ସିଡିପିଓ ତରଙ୍ଗିନୀ ମିର୍ଦ୍ଧା, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଭିଳାଷ ସାହୁ, ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ଯତୀନ କୁମାର ବେହେରା, ସମବାୟ ବ୍ୟାଙ୍କ ପରିଚାଳକ ଜଗନ୍ନାଥ ବେହେରା, ଅଏଡା ଗ୍ରାମ୍ୟବ୍ୟାଙ୍କ ପରିଚାଳକ ଚନ୍ଦ୍ରଶେଖର ପଣ୍ଡା, ସୁଦୀପ୍ତ ରାଉଳ, ଭୋଳେଶ୍ୱର ମେହେର ପ୍ରମୁଖ ଯୋଗ ଦେଇଥିଲେ। କ୍ଷଣପ୍ରଭା ତ୍ରିପାଠୀ ପରିଚାଳନା କରିଥିଲେ। ଅମିତାରାଣୀ ପାତ୍ର ସଂଯୋଜନା କରିଥିଲେ। ସସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

### ସମର୍ପଣ ମନୋଭାବ ନେଇ କାର୍ଯ୍ୟ କର

**ଢେଙ୍କାନାଳ ଅଫିସ, ୨୯।୧୦** ଢେଙ୍କାନାଳ ସିଭିଲକୋର୍ଟ ଏବଂ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ଅଧକ୍ଷତା କରି ସମର୍ପଣ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରାଧିକରଣ ଏବଂ ସିଭିଲ କୋର୍ଟ କର୍ମଚାରୀଙ୍କୁ ସାଧୁତା, ସଚ୍ଚୋଟତା ବଜାୟ ରଖିବାକୁ ଜିଲା ଦୌରାଜଜ୍ ଶପଥ ପାଠ କରାଇଥିଲେ। ବିଚାରପତି ସୂର୍ଯ୍ୟମଣି ମହାପାତ୍ର, ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ରଶ୍ମିମୋହନ ଆଚାର୍ଯ୍ୟ, ରାଜକିଶୋର ମହାପାତ୍ର, ସୁବାସ ଚନ୍ଦ୍ର ଧଳ, ଲୋପାମୁଦ୍ରା ପଣ୍ଡା, ସୁଶୀଳ ସାହୁ, ସାବିତ୍ରୀ ନାୟକ, ସନ୍ଧ୍ୟା ରଥ, ଶ୍ରୀମୟୀ ନନ୍ଦ, ଗାର୍ଗୀ ରାୟ, ଚନ୍ଦନ ଦେହୁରୀ, ରେଜିଷ୍ଟ୍ରାର ଚିନ୍ମୟ ମିଶ୍ର, ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ପ୍ରମୁଖ କୋର୍ଟର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ଆଗୁଆ ପ୍ରସ୍ତୁତି ସୁରକ୍ଷା ଦେବ

**ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ**

**ଢେଙ୍କାନାଳ ଅଫିସ, ୨୯।୧୦**

ଢେଙ୍କାନାଳ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଆପାତକାଳୀନ ବିଭାଗର ମିଳିତ ସହଯୋଗରେ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ-୨୦୨୧ ଉପଲକ୍ଷେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ୧୯୯୯ ମହାବାତ୍ୟା ଏବଂ ଏହାର ପରବର୍ତ୍ତୀ ସମୟରେ ଓଡ଼ିଶାରେ ମାଡ଼ ହୋଇଥିବା ବାତ୍ୟା ଅନୁଭୂତିରୁ ଅନେକ ଶିକ୍ଷା ମିଳିଛି। ବିପର୍ଯ୍ୟୟର ମୁକାବିଲା କରିବାରେ ଓଡ଼ିଶାବାସୀ ସକ୍ଷମ ହୋଇପାରିଛନ୍ତି। ବନ୍ୟା, ବାତ୍ୟା, ଭୂକମ୍ପ ଭଳି ଦାରୁଣ ବିପତ୍ତି କେବେ ବି ଆସିପାରେ। ଆଗୁଆ ପ୍ରସ୍ତୁତି ଏବଂ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କଲେ ଧନଜୀବନ ହାନିକୁ ଅନେକାଂଶରେ କମାଇ ଦିଆଯାଇପାରିବ। ତୃଣମୂଳସ୍ତରରୁ ଲୋକଙ୍କୁ ଅଧିକ ସଚେତନତ କରିବା ଦ୍ୱାରା ଏହା ସମ୍ଭବ। ଏଥିରେ ଏସ୍‌ଏଚ୍‌ଜି, ଆଶା, ଅଙ୍ଗନୱାଡ଼ି କର୍ମୀ ଏବଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଜିଲାପାଳ କହିଥିଲେ। ଜିଲାର ୨୧୨ ପଞ୍ଚାୟତରେ ଉନ୍ନୟନ ଯୋଜନା ମାଧ୍ୟମରେ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ବିହିତ ପଦକ୍ଷେପ ନିଆଯାଉଛି। ବିପର୍ଯ୍ୟୟ ପରିଚାଳନାରେ ପରାକାଷ୍ଠା ଦେଖାଇଥିବା ବ୍ୟକ୍ତି ଏବଂ ଅନୁଷ୍ଠାନକୁ ପ୍ରତିବର୍ଷ ଅକ୍ଟୋବର ୨୯ରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ଜିଲାପାଳ ସମସ୍ତଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥପାଠ କରାଇଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ଜ୍ୟୋତିଶଙ୍କର ସାହୁ, ଉଦୟ ମହାପାତ୍ର, ଜିଲା ରେଡ୍‌କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି, ଓସ୍‌ଡମା ଡିପିଓ ନିମାଇଁ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

**ପରଜଙ୍ଗ, ୨୯।୧୦(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି ବିଜେଡି। ଏହି ପରିପ୍ରେକ୍ଷୀରେ ଗୁରୁବାର ପରଜଙ୍ଗ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ। ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ, ସୁଧୀର କୁମାର ସାମଲ, ପର୍ଯ୍ୟବେକ୍ଷକ ବିଜୟ ନାୟକ, ଯୁବ ପର୍ଯ୍ୟବେକ୍ଷକ ଶିବାଶିଷ ସିଠ, ନାରୀନେତ୍ରୀ ସାଗରିକା ମିଶ୍ର, ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ଉପାଧକ୍ଷା ବିଳାସିନୀ ସେଠୀ, ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ। ଯୁବନେତା ଅସିତ୍ କୁମାର ରାୟଚୌଧୁରୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# କଣ୍ଟାମାଳିଆ ସ୍କୁଲରେ ୧୫ଦିନ ହେଲା ତାଲା



**ଗଁଦିଆ, ୨୯।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ କଣ୍ଟାମାଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୫ଦିନ ହେଲା ତାଲାପଡ଼ିଛି। ବିନା ଯୋଜନାରେ ଏଠାରେ ଥିବା ଏକମାତ୍ର ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇ ଦିଆଯାଇଛି। ଫଳରେ ବିଦ୍ୟାଳୟ ଏବେ ଶିକ୍ଷକ ଶୂନ୍ୟ ହୋଇଯାଇଥିବାବେଳେ ଅନ୍‌ଲାଇନ୍‌ରେ ଶିକ୍ଷାଦାନ ମଧ ବନ୍ଦ ରହଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୧୯୮୦ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ୫୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ ଲାଗି ୨ ଜଣ ଶିକ୍ଷକ ନିୟୋଜିତ ହୋଇଥିଲେ। ଇତିମଧରେ କିଛି ମାସ ହେଲା ଜଣେ ଶିକ୍ଷକ ଅବସର ନେଇଛନ୍ତି। ଅନ୍ୟ ଜଣଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଇ ଦିଆଯାଇଛି। ଫଳରେ ପୂଜା ଛୁଟି ପୂର୍ବରୁ ବିଦ୍ୟାଳୟରେ ତାଲା ଝୁଲୁଛି। ଶିକ୍ଷାବିଭାଗ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ଅଭିଭାବକ ଦାଶରଥୀ ସାହୁ, ଶ୍ରୀବସ୍ତ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସିଆର୍‌ସିସି ବୈକୁଣ୍ଠ ଚରଣ ସେଠୀ କୁହନ୍ତି, ଶନିବାର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ହେବେ। ଏଥିସହିତ ସମସ୍ୟାର ସମାଧାନ ହେବ।

### ୪ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୨୯।୧୦**

ଢେଙ୍କାନାଳ ଜିଲାରୁ ଶୁକ୍ରବାର ୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରେ ହିନ୍ଦୋଳର ୧, ସଦର ବ୍ଲକର ୧, ଭୁବନର ୧ ଏବଂ କାମାକ୍ଷାନଗରର ଜଣେ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୮୬୪ରେ ପହଞ୍ଚିଛି। ଚିକିତ୍ସା ପରେ ୧୯ ହଜାର ୫୮୨ ସୁସ୍ଥ ହୋଇସାରିଲେଣି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୩୯ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୧୦ ଚୋରି ବାଇକ୍ ଜବତ, ୩ ଗିରଫ



**ଢେଙ୍କାନାଳ ଅଫିସ, ୨୯।୧୦**

ଢେଙ୍କାନାଳ ପୋଲିସ ହାତରେ ଧରାପଡ଼ିଛନ୍ତି ଏକ ଆନ୍ତଃଜିଲା ବାଇକ୍ ଚୋରି ଗ୍ୟାଙ୍ଗ୍। ଏହି ଘଟଣାରେ ଡୁମୁସିଙ୍ଗା ଥାନା ଅଞ୍ଚଳର ୨ ଏବଂ କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧୦ ଚୋରି ବାଇକ୍ ଜବତ ହୋଇଛି। ଶୁକ୍ରବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନାମରେ କାମାକ୍ଷାନଗର, ଡୁମୁସିଙ୍ଗା ଏବଂ ଟାଉନ ଥାନାରେ ମୋଟ ୭ ମାମଲା ରହିଛି। ସେମାନଙ୍କ ସୂଚନା ଆଧାରରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ କାମାକ୍ଷାନଗର, ଡୁମୁସିଙ୍ଗା, ଢେଙ୍କାନାଳ ଟାଉନ ଥାନା ଅଞ୍ଚଳରେ ଚଢାଉ କରି ୧୦ ଚୋରି ବାଇକ ଜବତ କରିଥିବା ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ବିପର୍ଯ୍ୟୟ ପରିଚାଳନା ଦିବସ

**ପାଲଲହଡ଼ା,୨୯।୧୦(ଡି.ଏନ.ଏ.)**

ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ଦିବସ ପାଳିତ ହୋଇଛି। ଏହି ଅବସରରେ ଅଗ୍ନିଶମ ସେବା ଅଧିକାରୀ ଲକ୍ଷ୍ମୀକାନ୍ତ ଥାପ୍ପାଙ୍କ ନେତୃତ୍ୱରେ କର୍ମଚାରୀମାନେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରିଥିଲେ। ଉପଜିଲାପାଳ ଏବଂ ବିଡିଓ ସୁମନ ମିଞ୍ଜ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ପାଠ କରାଇଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଗ୍ନିଶମ ବିଭାଗର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମହାପୁରୁଷଙ୍କୁ ସମ୍ମାନ ମିଳୁନି


ବୁଦ୍ଧିଜୀବୀମାନେ ପାର୍କରେ ସଫେଇ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୯।୧୦**

■ପ୍ରତିମୂର୍ତ୍ତି ସ୍ଥଳ ଆବର୍ଜନାମୟ
■ସଫେଇ କଲେ ବୁଦ୍ଧିଜୀବୀ

ଢେଙ୍କାନାଳ ପୌରାଞ୍ଚଳରେ ମହାପୁରୁଷଙ୍କୁ ମିଳୁନି ଉପଯୁକ୍ତ ସମ୍ମାନ। ନିୟମିତ ସଫେଇ ହେଉ ନ ଥିବାରୁ ବିଭିନ୍ନ ସ୍ଥାନରେ ସ୍ଥାପିତ ହୋଇଥିବା ଯୋଗଜନ୍ମାଙ୍କ ପ୍ରତିମୂର୍ତ୍ତି ପରିସର ଆବର୍ଜନାମୟ ହୋଇପଡ଼ିଛି। ଏହାକୁ ନେଇ ସହରର ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ପୌର ପ୍ରଶାସନର ଏଭଳି ଅବହେଳା ପ୍ରତିବାଦରେ ଜିଲା ବୁଦ୍ଧିଜୀବୀ ସଙ୍ଗଠନ, ଗାନ୍ଧୀ ସ୍ମାରକୀ ଏବଂ ଉତ୍କଳ ପକ୍ଷରୁ ଗାନ୍ଧୀ ପାର୍କରେ ପ୍ରତୀକାତ୍ମକ ଭାବେ ସତ୍ୟାଗ୍ରହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଣିକି ପ୍ରତି ଶୁକ୍ରବାର ଗାନ୍ଧୀ ପାର୍କରେ ସଫେଇ କାର୍ଯ୍ୟ ହେବ। ଏଥିସହ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ଶୁକ୍ରବାର ସନ୍ଧ୍ୟାରେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ବାଜିବା ସହିତ ସ୍କୁଲ ପିଲାଙ୍କ ଦ୍ୱାରା ପରିବେଷଣ କରାଯିବ। ଏହାକୁ ବାଦ୍‌ଦେଲେ ବାପୁଜୀଙ୍କ ଜୀବନାଦର୍ଶକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଯୋଜନା ରଖାଯାଇଛି। ବୁଦ୍ଧିଜୀବୀ ସଙ୍ଗଠନ ସଦସ୍ୟ ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ଗାନ୍ଧୀ ସ୍ମାରକୀର ସରୋଜ ଶତପଥୀ, ଉତ୍କଳ ଅଧକ୍ଷ ମନୋରଞ୍ଜନ ପଟ୍ଟନାୟକ, ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପରିଚାଳକ ପୀତବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଲିଙ୍ଗଗତ ତାରତମ୍ୟ ଭବିଷ୍ୟତକୁ ବିପଦ

**ଢେଙ୍କାନାଳ ଅଫିସ, ୨୯।୧୦**

**କ୍ଲିନିକ୍‌ରେ ଯାଞ୍ଚ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶୁକ୍ରବାର ଗର୍ଭସ୍ଥ ସନ୍ତାନର ଲିଙ୍ଗ ନିରୂପଣ ଏବଂ ଭ୍ରୂଣହତ୍ୟା ନିରାକରଣ ସମ୍ପର୍କିତ ପିସିପିଏନ୍‌ଡିଟି ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି କହିଲେ, ଗର୍ଭସ୍ଥ ସନ୍ତାନର ଲିଙ୍ଗ ଚିହ୍ନଟ ଦଣ୍ଡନୀୟ ଅପରାଧ। ଲିଙ୍ଗଗତ ତାରତମ୍ୟ ବୃଦ୍ଧି ଆଗାମୀ ଭବିଷ୍ୟତରେ ଭୟଙ୍କର ବିପଦ ଆଣିବ। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟନେଇ କାର୍ଯ୍ୟକଲେ କନ୍ୟାଭ୍ରୂଣ ହତ୍ୟାକୁ ରୋକାଯାଇପାରିବ। ଏଥିଲାଗି ସମସ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ନିୟମିତ କଡ଼ାକଡ଼ି ଯାଞ୍ଚ କରିବାକୁ ପଡ଼ିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଜିଲା ଚିକିତ୍ସାଳୟ ତରଫରୁ ପ୍ରଦତ୍ତ କ୍ଲିନିକ୍ ନବୀକରଣ ପ୍ରସ୍ତାବ ଗୃହୀତ ହୋଇଥିଲା। ପିସିପିଏନ୍‌ଡିଟି ସହ ପରିଚାଳକ ନିରୋଜ କୁମାର ପ୍ରଧାନ ପାୱାର ପଏଣ୍ଟ ମାଧ୍ୟମରେ ଜିଲାରେ କନ୍ୟା ସନ୍ତାନଙ୍କ ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଡା. ଜୟକୃଷ୍ଣ ନାୟକ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାରଦା ପ୍ରସାଦ ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସହକାରୀ ଜିଲାପାଳ ସୌଦାମିନୀ ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ଅନୁଗୋଳ ବଜାରରେ ଡୋମିନାର-୪୦୦

**ଅନୁଗୋଳ ଅଫିସ, ୨୯।୧୦**

ଅନୁଗୋଳ ବଜାରରେ ପ୍ରବେଶ କରିଛି ବଜାଜ୍ ଡୋମିନାର-୪୦୦। ପୂର୍ବରୁ ଥିବା ଡୋମିନାରକୁ ଅତ୍ୟାଧୁନିକ କରାଯାଇ ଏବେ ବଜାରକୁ ଛଡ଼ାଯାଇଛି। ଗାଡ଼ିରେ ଟଲ ଭାଇଜର ସହ କ୍ୟାରିୟର, ବାସ୍‌ପ୍ଲେଟ, ହ୍ୟାଣ୍ଡଗାର୍ଡ, ୟୁଏସ୍‌ବି ପୋର୍ଟ, ନାଭିଗେଶନ୍ ଷ୍ଟାଣ୍ଡ ଓ ସ୍ୟାଡେଲ ଟ୍ରେ ଆଦି ଫ୍ୟାକ୍ଟ୍ରି ଫିଟେଡ ଆସୋସରିଜ ଭାବେ ଦିଆଯାଇଛି। ଏହା ଦୂର ଦୂରାନ୍ତକୁ ବାଇକ୍‌ରେ ଗସ୍ତ କରୁଥିବା ଯୁବଗୋଷ୍ଠୀଙ୍କ ପାଇଁ ଆକର୍ଷଣ ବୋଲି ଅନୁଗୋଳସ୍ଥିତ ଯମୁନା ଅଟୋ ପାର୍ଟନର ଗିରିଜା ଶଙ୍କର ଅଗ୍ରୱାଲ ସୂଚନା ଦେଇଛନ୍ତି। ଡୋମିନାର-୪୦୦ କଳା ଓ ନୀଳ ରଙ୍ଗରେ ବଜାରରେ ଉପଲବ୍ଧ ହେଉଛି। ଏହାର ଏକ୍ସ ଶୋ' ରୁମ୍ ମୂଲ୍ୟ ୨ଲକ୍ଷ ୧୭ ହଜାର ଟଙ୍କା ରହିଥିବା ସେ କହିଛନ୍ତି। ଏହି ବଜାର ପ୍ରବେଶ ସମୟରେ ନିଖିଲ ଅଗ୍ରୱାଲ, ଅନୁଗୋଳ ବାଇକ୍‌ର କ୍ଲବ ସଦସ୍ୟ, ଡୋମିନାରର ପୁରୁଣା ଗ୍ରାହକମାନେ ଉପସ୍ଥିତ ଥିଲେ।


ଡୋମିନାର-୪୦୦ର ବଜାର ପ୍ରବେଶ କରାଯାଉଛି।

# 'ସକାରାତ୍ମକ ମନୋଭାବ ରଖ'

**କଂଗ୍ରେସର ନିର୍ବାଚନ ପ୍ରସ୍ତୁତି**

**ଢେଙ୍କାନାଳ ଅଫିସ, ୨୯।୧୦**

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଢେଙ୍କାନାଳ ଜିଲା କଂଗ୍ରେସ। ଜିଲାରେ କ୍ରମାଗତ ନୈରାଶ୍ୟଜନକ ପ୍ରଦର୍ଶନ ଧାରାକୁ ରୋକିବା ଲାଗି ଗୁରୁତ୍ୱ ଦିଆଯାଉଥିବା ବେଳେ ସକାରାତ୍ମକ ମନୋଭାବ ରଖି ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଛନ୍ତି ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ. ଚେଲ୍ଲା କୁମାର। ଶୁକ୍ରବାର ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍ ପରିସରରେ ଆଗାମୀ ନିର୍ବାଚନକୁ ନେଇ ମାନସମନ୍ଥନ କରାଯାଇଥିଲା। ଆଲୋଚନାରେ ଭାଗନେଇ ଚେଲ୍ଲାକୁମାର କହିଲେ, ଅତୀତରେ ଢେଙ୍କାନାଳ ଜିଲାର ଏମ୍‌ପି ଏବଂ ସମସ୍ତ ବିଧାୟକ ପଦବୀରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ। ୨୦୨୪ରେ ଏହାର ପୁନରାବୃତ୍ତି ଲାଗି ଏବେଠାରୁ ଉଦ୍ୟମ କରିବା ଜରୁରୀ। ତୃଣମୂଳ ସ୍ତରରୁ ସଙ୍ଗଠନ ସୁଦୃଢ଼ ହେଲେ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବହୁ ଦଳୀୟ ପ୍ରାର୍ଥୀ ବିଜୟୀ ହେବେ। ଏଆଇସିସି ସମ୍ପାଦକ ଆର୍. ରୁଦ୍ରରାଜୁ, ପିସିସି ମୁଖପାତ୍ର ଗଣେଶ୍ୱର ବେହେରା, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପିସିସି ଓବିସି ସେଲ୍ ସଂଯୋଜକ ଜ୍ଞାନଦେବ ବେଉରା ପ୍ରମୁଖ ଉପସ୍ଥିତ ରହି କର୍ମୀଙ୍କ ମାର୍ଗଦର୍ଶନ କରାଇଥିଲେ।

ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପିସିସି ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୂର୍ବତନ ଜିଲା ସଭାପତି ସମରେନ୍ଦ୍ର ନନ୍ଦ, ଜିଲା ଉପସଭାପତି ପ୍ରକାଶ ଚନ୍ଦ୍ର କୁଅଁର, ପ୍ରେମଶଙ୍କର ମିଶ୍ର, ଜିଲା ମହିଳା କଂଗ୍ରେସ ସଭାପତି ମମତାଞ୍ଜଳି ବେହେରା, ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାଶ, ଯୁବ କଂଗ୍ରେସ ସଭାପତି ଜ୍ୟୋତିର୍ମୟୀ ପାଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏଥିପୂର୍ବରୁ ଚେଲ୍ଲାକୁମାର ଏକ ଶୋଭାଯାତ୍ରାରେ ବାଜିଚୌକସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ସନ୍ଧ୍ୟାରେ ସଦର ବ୍ଲକ ତାଳବରକୋଟ ମୁସଲିମ୍ ବସ୍ତିକୁ ଯାଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜିଲାରେ ହୋଇଥିବା ଜବ୍‌କାର୍ଡ ଦୁର୍ନୀତି ସମ୍ପର୍କରେ ରିପୋର୍ଟ ସଂଗ୍ରହ କରି ୩ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ସେ ଜିଲା ସଭାପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବୈଠକରେ କଂଗ୍ରେସ ନେତୃମଣ୍ଡଳୀ।

## ସଂକ୍ଷେପରେ

### ସରକାରୀ କ୍ୱାର୍ଟର୍ସ ଛାଡ଼ିନାହାନ୍ତି ୧୬ ବିଧାୟକ, ପୂର୍ବତନ ବିଧାୟକ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ): ବିଧାୟକମାନଙ୍କ ପାଇଁ ପ୍ରସ୍ତାବିତ ବହୁତଳ ବିଶିଷ୍ଟ ଆବାସିକ ଗୃହ ନିର୍ମାଣ ଲାଗି ଏକ ଉଚ୍ଚସ୍ତରୀୟ ବୈଠକ ଶୁକ୍ରବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ତାଙ୍କ ବିଧାନସଭା ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବହୁତଳ ବିଶିଷ୍ଟ ଆବାସିକ ଗୃହ ନିର୍ମାଣ ନେଇ ସବିଶେଷ ଆଲୋଚନା ହୋଇଥିଲା। ୨୭୫ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ ଦ୍ୱାରା ନିର୍ମାଣ ହେବାକୁଥିବା ଉକ୍ତ ଗୃହଗୁଡିକ ସହ ସଂଲଗ୍ନ କରି ଯୋଜନାବଦ୍ଧ ଭାବେ କମ୍ୟୁନିଟି ହଲ୍, ଟେନିସ କୋର୍ଟ, ଜିମ୍, ମାର୍କେଟ କମ୍ପ୍ଲେକ୍ସ ଓ ଅନ୍ୟ ଆନୁଷଙ୍ଗିକ ସୁବିଧା କରିବା ଲାଗି ବାଚସ୍ପତି ପାତ୍ର ପରାମର୍ଶ ଦେଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ୧୬ ଜଣ ବିଧାୟକ ଏବଂ ପୂର୍ବତନ ବିଧାୟକ ଗୃହ ଛାଡ଼ି ନ ଥିବାରୁ ସେମାନଙ୍କୁ ତୁରନ୍ତ ଉଚ୍ଛେଦ ପାଇଁ ବାଚସ୍ପତି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ସଚିବ ଏସ୍.କୁମାର, ବିଧାନସଭା ସଚିବ ଦାଶରଥୀ ଶତପଥୀ. ଅର୍ଥ ବିଭାଗ ଅତିରିକ୍ତ ଶାସନ ସଚିବ ନୃସିଂହ ଚନ୍ଦ୍ର ସ୍ୱାଇଁ, ନିର୍ଦ୍ଦେଶକ ଇଷ୍ଟେଟ ଏସ୍.କେ. ମହାନ୍ତି ଏବଂ ଓଡ଼ିଶା ବ୍ରିଜ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ ମୁଖ୍ୟଯନ୍ତ୍ରୀ ଦୁଃଖବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ୨ କେଜି ଗଞ୍ଜେଇ, ୨ ବାଇକ୍ ଜବତ: ୪ ଗିରଫ

ପିପିଲି,୨୯।୧୦(ସ୍ୱ.ପ୍ର.): ପୁରୀ ଜିଲା ମୋବାଇଲ ସ୍କ୍ୱାଡ ଓ ପିପିଲି ଅବକାରୀ ବିଭାଗ ମିଳିତ ଭାବେ ପିପିଲି ସମେତ ଆଖପାଖ ଅଞ୍ଚଳରେ ଚଢାଉ କରି ୨ଟି ବାଇକ୍ ସହ ୬ ପେଟି ଦେଶୀମଦ ଓ ୨ କେଜି ଗଞ୍ଜେଇ ଜବତ କରିଛନ୍ତି। ଏଥିସହ ଏଥିରେ ସମ୍ପୃକ୍ତ ୪ ଜଣ ବେପାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଜଟଣୀ ନିକଟସ୍ଥ ନିରଞ୍ଜନପୁର ଗ୍ରାମର ହରେକୃଷ୍ଣ ସୁନ୍ଦରାୟ୍, ପିପିଲି ନିକଟସ୍ଥ କଣ୍ଟି ଗ୍ରାମର ଦୀପକ ସୁବୁଦ୍ଧି, ପିପିଲି ଅଞ୍ଚଳର ବଟକୃଷ୍ଣ ପାତ୍ର ଏବଂ ପିପିଲି ଆରୁଆ ଗ୍ରାମର ସୋମନାଥ ମହାପାତ୍ର। ଏ ନେଇ ବିଭାଗ ପକ୍ଷରୁ ପୃଥକ ଭାବେ ୪ଟି ମାମଲା(ନଂ. ୪୧, ୪୨, ୧୧୯,୧୨୦/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ଦେଶୀମଦ, ଗଞ୍ଜେଇ ପିପିଲି ଓ ତା'ର ଆଖପାଖ ଅଞ୍ଚଳକୁ ଚାଲାଣ ହେଉଥିବା ଅବକାରୀ ବିଭାଗରେ ଅଭିଯୋଗ ହୋଇଥିଲା। ତେବେ ବିଶେଷ ସୂତ୍ରରୁ ଖବରପାଇ ଶୁକ୍ରବାର ଭୋରରୁ ପୁରୀ ଜିଲା ମୋବାଇଲ ସ୍କ୍ୱାଡର ଏକ ଟିମ୍ ଭୁବନେଶ୍ୱରରୁ ପିପିଲି ଅଭିମୁଖେ ଆସୁଥିବା ଦୁଇଟି ବାଇକ୍‌କୁ ପିପିଲି ଟୋଲ୍‌ଗେଟ ନିକଟରେ ଧରିଥିଲେ। ଯାଞ୍ଚବେଳେ ଗଞ୍ଜେଇ, ମଦ ରଖିଥିବାରୁ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୬ଟି ପେଟିର ୩୫ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ ଓ ୨ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଥିବା ପିପିଲି ଅବକାରୀ ବିଭାଗ ଅଧିକାରୀ ସଞ୍ଜୟ କୁମାର ପଣ୍ଡା କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପିପିଲି,୨୯।୧୦(ସ୍ୱ.ପ୍ର.): ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥକଡ ପିପିଲି ଦାଣ୍ଡମୁକୁନ୍ଦପୁର ବରାଗଡ ଛକରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପିପିଲି ଥାନା ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ ବରାଗଡ଼ ଗ୍ରାମର ଉମାକାନ୍ତ ପରିଡ଼ା। ଏ ନେଇ ପୋଲିସ ଏକ ମାମଲା(ନଂ.୧୮/୨୧) ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଏଥିସହ ଗଛ ନିକଟରୁ ଏକ ବାଇକ୍ ଜବତ କରି ତଦନ୍ତ ଚଳାଇଛି। ଶୁକ୍ରବାର ସକାଳୁ ବରାଗଡ ଛକରେ ଥିବା ଏକ ଗଛରେ ଯୁବକ ଜଣକ ବେକରେ ଗାମୁଛା ବାନ୍ଧି ଝୁଲିଥିବା ଗ୍ରାମବାସୀ ଦେଖିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଗଛ ନିକଟରେ ବାଇକ୍ ଥିବାବେଳେ ସେଠାରେ ନିଜ ମୃତ୍ୟୁ ପାଇଁ କେହି ଦାୟୀ ନ ଥିବା ମଧ୍ୟ ଏକ ଗୋଡିରେ ଲେଖା ହୋଇଥିଲା। ପରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ମୃତ୍ୟୁର କାରଣ ଜଣାପଡି ନାହିଁ। ଏ ନେଇ ଉମାକାନ୍ତଙ୍କ ବାପା ଉପେନ୍ଦ୍ର ପରିଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

# ସାମୁଦ୍ରିକ ନିଷିଦ୍ଧାଞ୍ଚଳ ନେଇ ସତର୍କ କରିବ ସ୍ୱତନ୍ତ୍ର ଆପ୍

**ଅଲିଭ ରିଡ୍‌ଲେ ସଂରକ୍ଷଣ ଚିନ୍ତା**
- ‘ଫିଶର ଫ୍ରେଣ୍ଡ୍ ମୋବାଇଲ୍ ଆପ୍ଲିକେଶନ’ ଲୋକାର୍ପିତ
- ବିନା ଇଣ୍ଟରନେଟ୍‌ରେ ମିଳିବ ସୂଚନା
- ଉପକୃତ ହେବେ ୧.୫୦ ଲକ୍ଷ ସାମୁଦ୍ରିକ ମତ୍ସ୍ୟଜୀବୀ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ସମୁଦ୍ରରେ ମତ୍ସ୍ୟଜୀବୀଙ୍କୁ ନିଷିଦ୍ଧାଞ୍ଚଳ ସମ୍ପର୍କରେ ସୂଚନା ଦେବା ସହ ସତର୍କ କରାଇବ ‘ଫିଶର ଫ୍ରେଣ୍ଡ୍ ମୋବାଇଲ୍ ଆପ୍ଲିକେଶନ’। ଏମ୍‌ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ସହଯୋଗରେ ଓଡ଼ିଶା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ଆପ୍‌କୁ ଶୁକ୍ରବାର ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ କୃଷି ଭବନରେ ଲୋକାର୍ପଣ କରିଛନ୍ତି। ମନ୍ତ୍ରୀ ସାହୁ କହିଛନ୍ତି, ସଭ୍ୟତାର ଦୁର୍ଲଭ ପ୍ରାଣୀଜାତିକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ୍। ବିରଳ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ପ୍ରତିବଦ୍ଧ ଅଛନ୍ତି। ଏହି ମୋବାଇଲ୍ ଆପ୍ ରାଜ୍ୟ ସରକାରଙ୍କ ଜନମୁଖୀ ଯୋଜନାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ଓଡ଼ିଶା ଉପକୂଳରେ କଇଁଛମାନଙ୍କ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟା ନିମନ୍ତେ ଉଦ୍ଦିଷ୍ଟ ମାଛଧରା ନିଷିଦ୍ଧାଞ୍ଚଳଠାରୁ ଦୂରେଇ ରହିବା ପାଇଁ ମତ୍ସ୍ୟଜୀବୀଙ୍କୁ ଏହି ଆପ୍ ସତର୍କ କରାଇବ। ଅଜାଣତରେ ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ଦଣ୍ଡବିଧାନଜନିତ ଅପ୍ରୀତିକର ପରିସ୍ଥିତିରୁ ମତ୍ସ୍ୟଜୀବୀ ବର୍ତ୍ତିପାରିବେ। ତେବେ ଏଥିନିମନ୍ତେ ଇଣ୍ଟରନେଟ୍‌ର ଆବଶ୍ୟକତା ପଡ଼ିବ ନାହିଁ ଏବଂ ସମୁଦ୍ର ମଧ୍ୟରେ ଅଫ୍‌ଲାଇନ୍‌ରେ ଏହା କାର୍ଯ୍ୟ କରିବ। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ପ୍ରବେଶଜନିତ ସତର୍କ ସୂଚନା ପ୍ରଦାନ କରିବା ସହିତ ପାଣିପାଗ ସମ୍ପର୍କିତ ଆଗୁଆ ସୂଚନା, ସମ୍ଭାବ୍ୟ ମାଛ ମିଳିବା ସ୍ଥାନ, ସାମୁଦ୍ରିକ ସ୍ଥିତିର ପୂର୍ବାନୁମାନ, ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେଖା ସତର୍କତା ଓ ଅନ୍ୟ ବିପର୍ଯ୍ୟୟ ସୂଚନା ଆଦି ପ୍ରଦାନ କରୁଥିବାରୁ ମନ୍ତ୍ରୀ ଏହି ଆପ୍‌କୁ ନାଭିଗେଟର ସହ ତୁଳନା କରିଛନ୍ତି। ଏହାଦ୍ୱାରା ୧.୫ ଲକ୍ଷ ସକ୍ରିୟ ସାମୁଦ୍ରିକ ମତ୍ସ୍ୟଜୀବୀ ଉପକୃତ ହେବେ। ମତ୍ସ୍ୟଜୀବୀଙ୍କ ବ୍ୟତୀତ ସମ୍ପୃକ୍ତ ବନ ବିଭାଗ କର୍ମଚାରୀମାନେ ମଧ୍ୟ ଏହି ଆପ୍‌କୁ ବ୍ୟବହାର କରିବା ପାଇଁ ମନ୍ତ୍ରୀ କହିଛନ୍ତି।

ବିଭାଗୀୟ କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ କହିଲେ, ସାମୁଦ୍ରିକ ମାଛ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଗତ ୨୦ ବର୍ଷରେ ସାମୁଦ୍ରିକ ଖାଦ୍ୟ ରପ୍ତାନୀ ୯ ଗୁଣ ବୃଦ୍ଧି ପାଇଥିବା ସେ ପ୍ରକାଶ କରିଥିଲେ। ପିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ କହିଲେ, ପ୍ରତିବର୍ଷ ପ୍ରାୟ ୮ରୁ ୧୦ ଲକ୍ଷ ବିରଳ ପ୍ରଜାତିର ଅଲିଭ୍ ରିଡ୍‌ଲେ କଇଁଛ ଆମ ରାଜ୍ୟକୁ ଅଣ୍ଡାଦାନ ନିମନ୍ତେ ଆସିଥାନ୍ତି। ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଏହି ମୋବାଇଲ୍ ଆପ୍ଲିକେଶନର ବ୍ୟବହାର ପ୍ରଣାଳୀ ଉପରେ ଏକ କଥାଚିତ୍ର ପ୍ରଦର୍ଶିତ ହୋଇଥିଲା। ମତ୍ସ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ବୈଷୟିକ) ଦେବାନନ୍ଦ ଭଞ୍ଜ ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବିଭାଗର ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସିଂରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଧାମରା, ଦେବୀନଦୀ, ଋଷିକୁଲ୍ୟା ନଦୀମୁହାଣ ଏବଂ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳକୁ ଆସି ସାମୂହିକ ଅଣ୍ଡାଦାନ ନିମନ୍ତେ ଏକତ୍ର ହୋଇଥାନ୍ତି।



ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟମାନେ ମୋବାଇଲ୍ ଆପ୍‌କୁ ଲୋକାର୍ପଣ କରୁଛନ୍ତି।

## ପୁଅ ଠେଙ୍ଗାମାଡ଼ରେ ବାପା ମୃତ

ଉମରକୋଟ, ୨୯।୧୦(ସ୍ୱ.ପ୍ର.)

ପୁଅ ଭୁଲିଗଲେ ସ୍ନେହ ଶ୍ରଦ୍ଧା। ସାମାନ୍ୟ କଥାରେ ରାଗର ବଶବର୍ତ୍ତୀ ହୋଇ ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିବାକୁ ମଧ୍ୟ ପଛାଇଲେ ନାହିଁ ପୁଅ। ଏପରି ଏକ ଅଭାବନୀୟ ଘଟଣା ଶୁକ୍ରବାର ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଯୋଗୀ ଡଙ୍ଗରୀରେ ଘଟିଛି। ମୃତକ ହେଲେ ଗୋପୀ ସାନ୍ତା(୫୦)।

ଘରୋଇ କଥାକୁ ନେଇ ଗୋପୀ ଓ ତାଙ୍କ ପୁଅ ଚକ୍ରଙ୍କ ମଧ୍ୟରେ ବଚସା ହୋଇଥିଲା। ବାପା, ପୁଅ ଦୁହେଁ ନିଶାରେ ଥିଲେ। ଚକ୍ର ଉତ୍ତ୍ୟକ୍ତ ହୋଇ ଗୋପୀଙ୍କୁ ଠେଙ୍ଗାରେ ପିଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ଗୋପୀଙ୍କର ମୃତ୍ୟୁ ହୋଇଯାଇଥିଲା। ଗ୍ରାମବାସୀ ଘଟଣା ସମ୍ପର୍କରେ ଜାଣିପାରି ଚକ୍ରଙ୍କୁ ଅଟକ ରଖି ଉମରକୋଟ ପୋଲିସକୁ ଖବର ଦେଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା। ପୋଲିସ ଘଟଣାସ୍ଥଳ ଅଭିମୁଖେ ଯାଉଥିବା ସୂଚନା ମିଳିଛି।



୧୯୭୧ ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରି ବିଜୟୀ ହୋଇଥିଲା ଭାରତ। ଏହାର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ପରିକ୍ରମା କରୁଥିବା ‘ସ୍ୱର୍ଣ୍ଣିମ ବିଜୟ ମଶାଲ’ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବା ପରେ ୧୨୦ ବାଟାଲିୟନଠାରେ ସ୍ୱତନ୍ତ୍ର ସମ୍ମାନ ଦିଆଯାଉଛି। ମଶାଲ ଆସିବାବେଳେ ବିଭିନ୍ନ ସ୍ଥାନରେ ମଧ୍ୟ ଛାତ୍ରୀଛାତ୍ର, ସାଧାରଣ ଜନତା ସ୍ୱାଗତ କରିବା ସହ ସମ୍ମାନ ଦେଉଥିବା ଦେଖାଯାଇଥିଲା।

## ଓଡ଼ିଶା, ଝାଡ଼ଖଣ୍ଡରେ ହେବ ୪୧ ମେଗାୱାଟ୍ ସୋଲାର୍ ପ୍ରକଳ୍ପ

ଯାଜପୁର ଅଫିସ,୨୯।୧୦

ଓଡ଼ିଶା ଓ ଝାଡ଼ଖଣ୍ଡରେ ଗ୍ରୀଡ୍ ସଂଯୋଗ ଭିତ୍ତିକ ୪୧ ମେଗାୱାଟ କ୍ଷମତା ବିଶିଷ୍ଟ ସୋଲାର୍ ପ୍ରକଳ୍ପ ସ୍ଥାପନ କରିବାକୁ ଟାଟା ଷ୍ଟିଲ୍ ଓ ଟାଟା ପାୱାର ମଧ୍ୟରେ ଏକ ୨୫ ବର୍ଷିଆ ଶକ୍ତି କିଣା ବୁଝାମଣା (ପିପିଏ)ରେ ଚୁକ୍ତି ହୋଇଛି। ମିଳିଥିବା ସୂଚନା ଅନୁସାରେ ଏହି ଯୋଜନାରେ ରୁଫ୍‌ଟପ୍, ଭାସମାନ ଓ ଭୂମି ସଲଗ୍ନ ସୋଲାର୍ ପ୍ୟାନେଲ୍ ଆଦି ପ୍ରକଳ୍ପ ରହିବ। ଟାଟା ପାୱାର ପକ୍ଷରୁ ଟାଟା ଷ୍ଟିଲ୍‌ର ଜାମସେଦ୍‌ପୁରରେ ୨୧.୯୭ ମେଗାୱାଟ୍ ଓ କଳିଙ୍ଗନଗରରେ ୧୯.୨୨ ମେଗାୱାଟ୍‌ର ଫଟୋଭୋଲ୍‌ଟାଇକ୍(ପିଭି) କ୍ଷମତା ବିକଶିତ କରାଯିବ। ଏହାସହ ଜାମସେଦ୍‌ପୁରରେ ଟାଟା ପାୱାର ପକ୍ଷରୁ ୭.୫୭ ମେଗାୱାଟ୍‌ର ରୁଫ୍‌ଟପ୍, ୧୦.୮୦ ମେଗାୱାଟ୍‌ର ଭାସମାନ ଓ ୩.୬ ମେଗାୱାଟ୍‌ର ଭୂମି ସଲଗ୍ନ କ୍ଷମତା ବିକଶିତ କରାଯିବ। ଜାମସେଦ୍‌ପୁରର ସୋନାରି ବିମାନ ବନ୍ଦରରେ ଭୂମି ସଲଗ୍ନ ପିଭି ସ୍ଥାପନ କରାଯିବ। କଳିଙ୍ଗନଗରରେ ୯.୧୨ ମେଗାୱାଟ୍‌ର ରୁଫ୍‌ଟପ୍ କ୍ଷମତା ଓ ୧୦.୧୦ ମେଗାୱାଟ୍ (ଏମ୍‌ଡବ୍ଲ୍ୟୁପି)ର ଭାସମାନ ପିଭି କ୍ଷମତା ରହିବ। ଏହି ୪୧.୧୯ ମେଗାୱାଟ୍ ସୋଲାର୍ ପ୍ରକଳ୍ପରୁ ପ୍ରଥମ ବର୍ଷ ୬ କୋଟି ୨ ଲକ୍ଷ ୮୦ ହଜାର ୯୫ କିଲୋୱାଟ୍ ଆୱାର୍ (କେଡବ୍ଲ୍ୟୁଏଚ୍) ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେବ। ୨୫ ବର୍ଷର ଜୀବନ କାଳରେ ଏହି ପ୍ରକଳ୍ପରୁ ୧୪୦ କୋଟି ୯୩ ଲକ୍ଷ ୬୧ ହଜାର ୪୮୮ କିଲୋୱାଟ୍ ଆୱାର୍‌ର ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେବ। ଏହି ପ୍ରକଳ୍ପ ବର୍ଷକୁ ୪୫,୨୧୦ ଟନ୍ ଓ ୨୫ ବର୍ଷର ଜୀବନ କାଳ ଭିତରେ ୧୦୫୭୦୨୧ ଟନ୍ ଅଙ୍ଗାରକାମ୍ଳ ସଞ୍ଚୟ କରିବ। ଜାମସେଦ୍‌ପୁରରେ ଏକ ୧୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ସ୍ଥାପନ କରିବା ଲାଗି ଚଳିତ ବର୍ଷ ମାର୍ଚ୍ଚରେ ଉଭୟ କମ୍ପାନୀ ଘୋଷଣା କରିଥିଲେ। ଏହି ପ୍ରକଳ୍ପରୁ ବର୍ଷକୁ ୩୨ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେବ।

## ରମା ରମଣ ମହାନ୍ତି ନୂଆ ଡିଏମ୍‌ଇଟି

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)



ଡାଇରେକ୍ଟର ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ(ଡିଏମ୍‌ଇଟି) ଭାବେ ଡା. ରମାରମଣ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଆସନ୍ତା ୩୧ ତାରିଖରେ ଡିଏମ୍‌ଇଟି ଡା. ସିବିକେ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହାପରେ ନୂଆ ଡିଏମ୍‌ଇଟି ଦାୟିତ୍ୱ ନେବେ। ଡା. ମହାନ୍ତି ବର୍ତ୍ତମାନ ବାରିପଦାସ୍ଥିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଡିନ୍ ଓ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ନଭେମ୍ବରରୁ ଡିଏମ୍‌ଇଟି ଡା. ସିବିକେ ମହାନ୍ତି କାର୍ଯ୍ୟ କରୁଛନ୍ତି। କରୋନା ମାହାମାରୀକୁ ମୁକାବିଲା କରିବା ପାଇଁ ସରକାରଙ୍କ ମାର୍ଗଦର୍ଶନ କରିବା ସହ କୋଭିଡ୍ ପରିଚାଳନା କ୍ଷେତ୍ରରେ ଉପାଦେୟ ପରାମର୍ଶ ଦେଉଛନ୍ତି। ଏପରିକି ଓଡ଼ିଶାବାସୀଙ୍କୁ ମହାମାରୀ ବାବଦରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବାରେ ପ୍ରମୁଖ ଭୂମିକା ତୁଲାଉଛନ୍ତି। ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ତାଙ୍କର ଦୀର୍ଘ ଅନୁଭୂତିକୁ ଆଧାର କରି ସରକାର ମଧ୍ୟ କୋଭିଡ୍ ମୁକାବିଲା ରଣନୀତି ପ୍ରସ୍ତୁତ କରିଛନ୍ତି। ଗତ ଏପ୍ରିଲ ୩୦ରେ ତାଙ୍କର କାର୍ଯ୍ୟକାଳ ଶେଷ ହେବାର ଥିଲା। କିନ୍ତୁ କରୋନା ସ୍ଥିତିକୁ ଦେଖି ସରକାର ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିଥିଲେ।

## ମନ୍ତ୍ରୀ ଗିରଫ ନ ହେଲେ କଳାହାଣ୍ଡିରେ ବ୍ୟାପକ ଆନ୍ଦୋଳନ କରିବ କଂଗ୍ରେସ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

କଳାହାଣ୍ଡି ମହାଲିଙ୍ଗସ୍ଥିତ ସନ୍‌ସାଇନ୍ ସ୍କୁଲ୍ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ ସାରା ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ଏଥିରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ସମ୍ପୃକ୍ତି ଥିବା ଅଭିଯୋଗ ଉଠାଇ ଆନ୍ଦୋଳନକାରୀମାନେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି। ଏହାକୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ ମନ୍ତ୍ରୀଙ୍କୁ ତୁରନ୍ତ ଗିରଫ ଦାବି କରିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସର ବରିଷ୍ଠ ନେତା ଭକ୍ତ ଦାସ କହିଛନ୍ତି, ମୌନେ ସମ୍ମତି ଲକ୍ଷଣ। ମମିତାଙ୍କ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ଏ ପର୍ଯ୍ୟନ୍ତ ମୁହଁ ଖୋଲିନାହାନ୍ତି। ଯେହେତୁ ଘଟଣାରେ ତାଙ୍କ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି, ତେଣୁ ଏତେ ଦିନଧରି ଚୁପ୍ ଅଛନ୍ତି। ୩୦ ତାରିଖ ଶନିବାର ସୁଦ୍ଧା ଆଇନ ଅନୁଯାୟୀ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ଗିରଫ ନ କରାଯାଏ, କଳାହାଣ୍ଡିରେ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ ବୋଲି ଭକ୍ତ ଚେତାବନୀ ଦେଇଛନ୍ତି।

## ହାତୀ ଆକ୍ରମଣରେ ଚାଷୀ ମୃତ, ଉତ୍ତେଜନା

ଛେଣ୍ଡିପଦା,୨୯।୧୦(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ରେଞ୍ଜ ଲେମ୍ବୁଡଇଲା ବିଟ୍ ଅନ୍ତର୍ଗତ ପଣସତଇଲାଠାରେ ଶୁକ୍ରବାର ହାତୀ ଆକ୍ରମଣରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ଜଣକ ହେଲେ ପରା ଗ୍ରାମର ସୋମନାଥ ସାହୁ (୩୭)। ଘଟଣା ଜଣାପଡ଼ିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ମୁଣ୍ଡାସାହି–ଅନ୍ତୁଳିଆ ପୂର୍ତ୍ତ ବିଭାଗ ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।

ବନ ବିଭାଗର ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭ଟା ବେଳେ ସୋମନାଥ ପଣସତଇଲା ନିକଟରେ ଥିବା ବାଇଗଣ ବଗିଚାରୁ ଘରକୁ ଫେରୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ଦନ୍ତା ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ହିଁ ସୋମନାଥଙ୍କ ମୃତ୍ୟୁ ଘଟିଥିଲା। ତୁରନ୍ତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବା ଦାବିରେ ଗ୍ରାମବାସୀ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଜରପଡା ରେଞ୍ଜ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ଏସିଏଫ୍ ରଞ୍ଜନ ବେହେରା, ଜରପଡା ଥାନା ଅଧିକାରୀ ସରୋଜକାନ୍ତ ସାମଲ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ସରକାରୀ ନିୟମାନୁଯାୟୀ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି।



ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ୨ କେନ୍ଦ୍ରମନ୍ତ୍ରୀ



ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏବଂ ରାଓସାହେବ ଦାଦାରାଓ ଧାନ୍‌ଭେ ଫେରୁଛନ୍ତି।

ପୁରୀ ଅଫିସ, ୨୯।୧୦

କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏବଂ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରାଓସାହେବ ଦାଦାରାଓ ଧାନ୍‌ଭେ ଶୁକ୍ରବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଦ୍ୱୟ ଏକ ହେଲିକପ୍ଟରରେ ଆସି ଅପରାହ୍ନ ୧ଟା ୩୦ରେ ପୁରୀ ତାଳବଣିଆସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରୁ ଉଭୟେ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିରକୁ ଆସିଥିଲେ। ସିଂହଦ୍ୱାର ସମ୍ମୁଖରେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ସେମାନଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ଦ୍ୱୟ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ଦାରୁଦିଅଁ ଏବଂ ଭିତର ବେଢାରେ ଥିବା ଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇବା ପରେ ସିଂହଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦ୍ୱୟ ଗଣମାଧ୍ୟମକୁ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ବହୁତ ଖୁସି ଲାଗୁଛି। ମହାପ୍ରଭୁଙ୍କୁ ଆଶିଷ ମାଗିବା ସହ ସଂସାରର ମଙ୍ଗଳ କାମନା କରିଛୁ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଗୁଣ୍ଡିଚା ମନ୍ଦିରକୁ ବାଇକ୍‌ରେ ପଶିଲେ ଜେଟିପି

- କାରଣ ଦର୍ଶାଅ ନୋଟିସ ଜାରି
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଶ୍ରୀମନ୍ଦିର ପ୍ରଶାସନ

ପୁରୀ ଅଫିସ,୨୯।୧୦

ଶ୍ରୀଗୁଣ୍ଡିଚା ମନ୍ଦିର ଭିତରକୁ ଗୁରୁବାର ରାତିରେ ଜଣେ ଖାକି ପୋଷାକଧାରୀ ବ୍ୟକ୍ତି ବାଇକ୍ ଚଳାଇ ପ୍ରବେଶ କରିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଫଳରେ ଏହି ଘଟଣା ସାମ୍ନାକୁ ଆସିଛି। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର ଧରିଛି।

ଭିଡିଓ ଫୁଟେଜ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ଖାକି ପୋଷାକଧାରୀ ବ୍ୟକ୍ତି ଜଣକ ଜଗନ୍ନାଥ ଟେମ୍ପଲ ପୋଲିସ (ଜେଟିପି) କର୍ମଚାରୀ ବୋଲି ଜଣାପଡ଼ିଛି। ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷରେ ଯେଉଁ ଦ୍ୱାର ଦେଇ ମହାପ୍ରଭୁ ଆଡ଼ପମଣ୍ଡପକୁ ପ୍ରବେଶ କରନ୍ତି ସେହି ବାଟ ଦେଇ ଗାଡ଼ି ଧରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିବାର ଅନୁମତି ସମ୍ପୃକ୍ତ ଜେଟିପିଙ୍କୁ କିଏ ଦେଲା ଏବଂ ଏଭଳି ଅନୁପ୍ରବେଶ ପ୍ରଥମ ଥର ନା ନିତିଦିନିଆ ଘଟଣା ତାହାର ତଦନ୍ତ କରିବାକୁ ଜଗନ୍ନାଥପ୍ରେମୀ ଦିଲୀପ ବରାଳ ଦାବି କରିଛନ୍ତି। ସମ୍ପୃକ୍ତ ଖାକି ପୋଷାକଧାରୀ ଜଣକ ପୁରୀ ପୋଲିସର ନୁହେଁ ବୋଲି ଏସ୍‌ପି କନ୍‌ୱର ବିଶାଳ ସିଂ ସ୍ପଷ୍ଟ କରିଛନ୍ତି।



ଭାଇରାଲ୍ ହୋଇଥିବା ଭିଡିଓ ଫୁଟେଜ୍।

## ଆଜି କ'ଣ କେଉଁଠି

ଅନୁଗୋଳ
- ବିଶ୍ୱ ସଞ୍ଚୟ ଦିବସ। ସ୍ଥାନ- ଜିଲା କାର୍ଯ୍ୟାଳୟ। ସମୟ- ପୂର୍ବାହ୍ନ ୧୦ଟା ୩୦ ।

## ଜଣେ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୨୯।୧୦- ଅନୁଗୋଳ ଜିଲାରୁ ଶୁକ୍ରବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୪୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତ ଜଣକ ହେଲେ ଅନୁଗୋଳ ବ୍ଲକ ଅଞ୍ଚଳର। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବାବେଳେ ପୁଣି ଜଣଙ୍କର ଜୀବନ ଯାଇଛି। ଏହାକୁ ମିଶାଇ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୩୯୩ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଶିବ ମନ୍ଦିର ହୁଣ୍ଡିରୁ ଚୋରି

ଛେଣ୍ଡିପଦା,୨୯।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଜରପଡା ଥାନା ତୁକୁଡାସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ହୁଣ୍ଡି ଭାଙ୍ଗି ପ୍ରାୟ ୨ ଲକ୍ଷ ଟଙ୍କା ଚୋରି କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ଭିତରେ ଥିବା ହୁଣ୍ଡିରୁ ସମସ୍ତ ଟଙ୍କା ଚୋରି କରିନେଇଛନ୍ତି। ଗ୍ରାମ କମିଟି ସଭାପତି ଅରୁଣ କୁମାର ସାହୁ ଚୋରି ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୮୬/୨୧ରେ ଏକ ମାମଲା ରୁଜୁ କରିବା ସହିତ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ପୂର୍ବରୁ ଜରପଡାସ୍ଥିତ ଧବଳେସ୍ୱର ମନ୍ଦିର, କୋଶଳା ଶିବ ମନ୍ଦିର, ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମେତ ୧୦ରୁ ଊର୍ଦ୍ଧ୍ୱ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ହୋଇଥିଲେ ମଧ୍ୟ ଏଯାଏ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିପାରି ନାହିଁ।

## ଅବକାରୀ ଚଢ଼ାଉ, ୫ ଗିରଫ

ବଇଣ୍ଡା/ ପବିତ୍ରନଗର, ୨୯।୧୦(ଡି.ଏନ.ଏ.)- ଆଠମଲିକ ବ୍ଲକ ଠାକୁରଗଡ ଥାନାର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୯୦ ଲିଟର ଦେଶୀ ଚୋରା ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଲମଲିହା ଗ୍ରାମର ସୁମନ୍ତ ପ୍ରଧାନ, ଅଞ୍ଜଳି ପ୍ରଧାନ, କେଞ୍ଚୁଆନାଳି ଗ୍ରାମର ଭାଗ୍ୟ ଦେହୁରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୯୦ ଲିଟର ଦେଶୀ ଚୋରା ମଦ ଜବତ କରାଯାଇଛି। ଅବକାରୀ ନିରୀକ୍ଷକ କୌଶଲ୍ୟା ଜେନା, ସୁନୀଲ କୁମାର ଶର୍ମା ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ସେହିପରି କଣିହାଁ ବ୍ଲକ ସମଲ ଥାନା ଗଙ୍ଗାଧରପୁର ଗ୍ରାମର ବୀରେନ୍ଦ୍ର ବେହେରା ଓ ତାଙ୍କ ପୁଅ ବିକ୍ରମ ବେହେରାଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ଗୁରୁବାର ରାତିରେ ଦେଶୀ ମଦ ଜବତ କରାଯାଇଛି।

## ମହିଳାଙ୍କୁ ଆକ୍ରମଣ, ୨ ଗିରଫ

ବଇଣ୍ଡା,୨୯।୧୦(ଡି.ଏନ.ଏ.)- ଠାକୁରଗଡ ଥାନା ଟାପଢୋଲ ଗ୍ରାମର ମିନତୀ ବିଶ୍ୱାଳଙ୍କୁ ତାଙ୍କ ଝିଆରୀ ସବିତା ବିଶ୍ୱାଳ, ଯା କାମିନୀ ବିଶ୍ୱାଳ ଏକ ଛୁରୀରେ ଗୁରୁବାର ଆକ୍ରମଣ କରିଥିବା ଶୁକ୍ରବାର ଟାପଢୋଲ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୭୨୯/୨୧ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତା କାମିନୀ ଓ ସବିତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ବେହେରା କହିଛନ୍ତି, ମିନତୀ ତାଙ୍କ ଶାଶୁଙ୍କୁ ଖାଇବାକୁ ଦେଉଥିବା ବେଳେ କାମିନୀ ଓ ସବିତା ବିଳମ୍ବରେ ଖାଇବାକୁ ଦେବା କଥା କହି ମାଡ଼ ମାରିବା ସହ ଛୁରୀରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

## ୨ ଚନ୍ଦନ ଗଛ ଚୋରି

ଛେଣ୍ଡିପଦା,୨୯।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ବନାଞ୍ଚଳ ଶିମିଳିପାଳ ପଞ୍ଚାୟତର ସାପୋଇନାଳୀସ୍ଥିତ ପ୍ରାଣୀ ସ୍ୱାସ୍ଥ୍ୟ ସହାୟକ କେନ୍ଦ୍ର ପରସରରୁ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ୨ଟି ଚନ୍ଦନ ଗଛ କାଟି ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଡାକ୍ତର ସୁନିତା ପ୍ରଧାନ ବନ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଖବରପାଇ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳ, ଫରେଷ୍ଟର ମହେଶ୍ୱର ପ୍ରଧାନ, ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରୀ ରଖିଛନ୍ତି।

# ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିଲା ଭାଜପା


ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଅନୁଗୋଳ ଅଫିସ, ୨୯।୧୦**

କଳାହାଣ୍ଡି ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି କରିଛି ଅନୁଗୋଳ ଭାଜପା ଯୁବମୋର୍ଚ୍ଚା। ଏ ନେଇ ଶୁକ୍ରବାର ଜିଲା ମୋର୍ଚ୍ଚା ସଭାପତି ସୁଦୀପ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ପିଙ୍କ ଅଫିସ ଘେରାଉ କରାଯାଇଥିଲା। ଦଳର କର୍ମକର୍ତ୍ତାମାନଙ୍କ ସହ ଶତାଧିକ ସଦସ୍ୟ ଶୋଭାଯାତ୍ରାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଯୋଗଦେଇ ତୁରନ୍ତ ମନ୍ତ୍ରୀଙ୍କୁ ବହିଷ୍କାର ସହ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟ ମଧ୍ୟକୁ ଧସେଇ ପଶିବା ବେଳେ ପୋଲିସ ସହ କର୍ମୀମାନଙ୍କ ଧସ୍ତାଧସ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା ଓ ପ୍ରତିମା ମିଶ୍ର, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ପୁରୁଷୋତ୍ତମ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଭ୍ରାମ୍ୟମାଣ ଶିକ୍ଷାଦାନ ଗାଡ଼ି ଉଦ୍‌ଘାଟିତ

**ପାଲଲହଡ଼ା,୨୯।୧୦(ଡି.ଏନ.ଏ.)**

କରୋନା ପାଇଁ ପ୍ରାଥମିକ ବିଦ୍ୟାଳୟଗୁଡିକ ବନ୍ଦ ଥିବାରୁ ପ୍ରାୟ ଦୁଇବର୍ଷ ହେଲା ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରେ ଶିକ୍ଷାଦାନରୁ ବଞ୍ଚିତ ରହିଛନ୍ତି। ଏପରି କି ଉପାନ୍ତ ତଥା ପଛୁଆ ଅଞ୍ଚଳର ପିଲାଙ୍କ ନିକଟରେ ଅନ୍‌ଲାଇନ୍ ଶିକ୍ଷା ପହଞ୍ଚିପାରୁ ନାହିଁ। ତେଣୁ ସେହି ପିଲାଙ୍କୁ ଶିକ୍ଷାଦାନ କରିବାକୁ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ଶିକ୍ଷାଦାନ ଗାଡ଼ିକୁ ଶୁକ୍ରବାର ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଗାଡ଼ି ପାଲଲହଡ଼ା ଉପଖଣ୍ଡ ପିବିଡିଏ ଅଧୀନସ୍ଥ ୮ ପଞ୍ଚାୟତର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବ। ଜିଲା ସଂଯୋଜକ ଚିତ୍ତରଞ୍ଜନ ସାମଲଙ୍କ ସମେତ ଲିଙ୍ଗରାଜ ନାଏକ, ରାମଚନ୍ଦ୍ର କମାଲ ଓ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେଇଛନ୍ତି। ବିଡିଓ ସୁମନ ମିଞ୍ଜଙ୍କ ସମେତ ପିବିଡିଏ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୩୭୮ ଏସ୍‌ଏଚ୍‌ଜିକୁ ୭ କୋଟି ଋଣ


ଅତିଥିମାନେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ କରୁଛନ୍ତି।

**ଛେଣ୍ଡିପଦା,୨୯।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ଏହି ମେଳାରେ ବ୍ଲକ ଜୀବିକା ମିଶନ ସଂଯୋଜକ ପ୍ରମୋଦ ବେହେରା ପୌରୋହିତ୍ୟ କରିଥିଲେ। ବ୍ଲକ ଉପାଧକ୍ଷା ସୁଷମା ରାଉଳ, ସମ୍ବଲପୁର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଯଶୋବନ୍ତ ପ୍ରସାଦ ବେହେରା, ବିଧାୟକଙ୍କ ବ୍ଲକ ପ୍ରତିନିଧି ପ୍ରଦୀପ କୁମାର ସାହୁ ଏବଂ ମିଶନ ଶକ୍ତି ସଂଯୋଜକ ତପନ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମେଳାରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, କାନାରା ବ୍ୟାଙ୍କ, ଅନୁଗୋଳ କେନ୍ଦ୍ର ସଂଯୁକ୍ତ ସମବାୟ ବ୍ୟାଙ୍କ ମାଧ୍ୟମରେ ବ୍ଲକର ୩୭୮ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ୭କୋଟି ୨୪ ଲକ୍ଷ ୭ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଜୀବିକା ମିଶନ ବିସିସି ସଞ୍ଜୟ କୁମାର ସାହୁ, ବିଏଲ୍‌ସି ପଞ୍ଚାନନ ସାହୁ ଏବଂ ହିରଣ୍ମୟୀ ପ୍ରଧାନ ସହେଯାଗ କରିଥିଲେ।

# 'ଭିନ୍ନକ୍ଷମଙ୍କୁ ଠିକ୍ ଭାବେ ସହଯୋଗ କର'



ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୨୯।୧୦**

ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ସୁଲୋଚନା ଦାସଙ୍କ ଅନୁଗୋଳ ଜିଲା ଗସ୍ତ ଅବସରରେ ଭିନ୍ନକ୍ଷମମାନଙ୍କ ଅଧିକାର ଓ ଅଧିନିୟମ ୨୦୧୬ ସହ ବିଭିନ୍ନ ଯୋଜନା ସମ୍ବନ୍ଧରେ ଏକ ସଚେତନତା ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୁକ୍ତ ଦାସ ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ ଥିବା ସମସ୍ତ ସରକାରୀ ସୁବିଧା ତଥା ସହାୟକ ଉପକରଣ, ମଧୁବାବୁ ଭତ୍ତା, ଛାତ୍ର ବୃତ୍ତି, ବିବାହ ପ୍ରୋତ୍ସାହନ, ଚିକିତ୍ସା, ଦକ୍ଷତା ବିକାଶ, ଚାକିରି, ବସ୍‌ରେ ଯାତାୟାତ ସୁବିଧା ଆଦି ଉପରେ ଆଲୋଚନା କରିଥିଲେ। ତେବେ ଜିଲାରେ ଭିନ୍ନକ୍ଷମମାନଙ୍କୁ ଠିକ୍ ଭାବେ ସଚେତନ କରାଯାଉ ନ ଥିବାରୁ ସମସ୍ତ ଅଧିକାରୀ ସହାୟତାର ହାତ ବଢ଼ାଇବା ପାଇଁ ଆୟୁକ୍ତ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଜିଲା ପ୍ରଶାସନ ନିରନ୍ତର ଚେଷ୍ଟା ଚଳାଇଥିବା କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କୋଭିଡ୍-୧୯ ଟିକାକରଣ ସମ୍ପର୍କରେ ଅବଗତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୩ ଦମ୍ପତିକୁ ବିବାହ ପ୍ରୋତ୍ସାହନ ରାଶି ବାବଦରେ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉପଜିଲାପାଳ ବାସୁଦେବ ଶତପଥୀ, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଉପଖଣ୍ଡ ଓ ବ୍ଲକ୍‌ସ୍ତରୀୟ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ପ୍ରସ୍ତୁତି ଶପଥପାଠ

**ଅନୁଗୋଳ ଅଫିସ, ୨୯।୧୦**

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଶୁକ୍ରବାର ଅନୁଗୋଳଠାରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ(ତାଳଚେର) ରଜନୀକାନ୍ତ ସ୍ୱାଇଁଙ୍କ ଉପସ୍ଥିତିରେ କର୍ମଚାରୀମାନଙ୍କୁ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ ପାୱାର ପଏଣ୍ଟ ଉପସ୍ଥାପନା କରିଥିଲେ। ଜରୁରିକାଳୀନ ଅଧିକାରୀ ବୈଦୁରା ଦୀପ୍, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ କୁମାର ଶତପଥୀଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ବ୍ୟାଙ୍କ ଅଫ୍ ଇଣ୍ଡିଆ
Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ରାଣୀହାଟ ଶାଖା / ଋଣଗ୍ରହୀତା: ଶ୍ରୀ ଗଣେଶ ଚନ୍ଦ୍ର ମଲ୍ଲିକ,** ପିତା: ବନ୍ଧୁ ମଲ୍ଲିକ, ଗ୍ରାମ: ପାଟସୁନ୍ଦରପୁର, ବ୍ରାହ୍ମଣ ସାଇଲୋ, ଗୋବିନ୍ଦପୁର, ଜିଲ୍ଲା: କଟକ-୭୫୩୦୧୩ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ଦାସ,** ସ୍ୱାମୀ: ଶ୍ରୀ ପ୍ରବୋଧ କୁମାର ଦାସ, ସା: ଡିଭାଇନ୍ ନଗର, ଚାଉଳିଆଗଞ୍ଜ, କଟକ-୭୫୩୦୦୧ | ଟ.୨୧,୮୮,୩୫୯.୪୨ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୮.୦୪.୨୦୨୧ / ୨୮.୧୦.୨୦୨୧ | ଶ୍ରୀମତୀ **ସ୍ୱର୍ଣ୍ଣପ୍ରଭା ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୨, ପ୍ଲଟ୍ ନଂ.: ୨୯୩, କ୍ଷେତ୍ର: ଏକର୦.୮୦ଡିସିମିଲିରୁ ଏକର୦.୪୦୦ଡିସିମିଲି, କିସମ: ଘରବାରୀ, ୱାର୍ଡ ନଂ.: ୨୯, ହୋଲ୍ଡିଂ ନଂ.: ୧୦୨୨, କଟକ ମ୍ୟୁନିସିପାଲିଟି କର୍ପୋରେସନ୍, ଅନୁରୂପ ସାବକ ମୌଜା: ଗଣ୍ଡରପୁର, ଥାନା ନଂ.: ୨୧୩, ସାବକ ଖାତା ନଂ.: ୧୫୪, ପ୍ଲଟ୍ ନଂ.: ୭୯୧, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: କଟକ ଟାଉନ, ଥାନା: ଚାଉଳିଆଗଞ୍ଜ, ଏସ୍‌ଆରଓ: କଟକ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଜଗନ୍ନାଥ ପଟ୍ଟନାଏକ, ପୂର୍ବ: ଦୀପ୍ତିମୟୀ ମହାନ୍ତି, ପଶ୍ଚିମ: ରାସ୍ତା |
| **ପାରାଦୀପ ଶାଖା / ଋଣଗ୍ରହୀତା: ଶ୍ରୀମତୀ ଝିଲି ଗୋଛାୟତ,** ସ୍ୱାମୀ: ଶ୍ରୀ ସତ୍ୟଜିତ୍ ସେନାପତି, ସା: ତାଳପଡା, ପୋ.: ରାହାମା, ଜଗତ୍‌ସିଂହପୁର-୭୫୪୧୪୦ | ଟ.୪୫,୭୮,୨୭୦.୩୮ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୧.୦୮.୨୦୨୧ / ୨୯.୧୦.୨୦୨୧ | "ସାରଦା ହେରିଟେଜ୍"ର ପ୍ରଥମ ମହଲାରେ ଥିବା ବାସୋପଯୋଗୀ ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ନଂ.: ୧୦୧, ଖାତା ନଂ.: ୪୫୩/୮୪୦, ପ୍ଲଟ୍ ନଂ.: ୧୨୩/୩୪୦୨/୪୬୮୦, ସୁପର ବିଲ୍ଟ ଅପ୍ ଏରିଆ: ୧୫୫୦ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୧୬, ଜୟଦେବ ବିହାର, ତହସିଲ: ଭୁବନେଶ୍ୱର, ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: କରିଡର, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଖୋଲା ସ୍ଥାନ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୧୦.୨୦୨୧ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

ପୌର ପରିଷଦ, ହିଞ୍ଜିଳିକାଟୁ
**HINJILICUT MUNICIPAL COUNCIL**
ହିଞ୍ଜିଳିକାଟୁ, ଜିଲ୍ଲା: ଗଞ୍ଜାମ, ପିନ୍: ୭୬୧୧୦୨, ଦୂରଭାଷ: ୦୬୮୧୧-୨୮୦୦୨୫, ଟୋଲ୍ ଫ୍ରି: ୧୪୪୨୦
At: Hinjilicut, Dist.- Ganjam, PIN - 761102, Contact: 06811-280025, Toll Free No. 14420
E-mail: hinjilicutmunicipality@gmail.com, hinjilimunicipality@gmail.com
facebook: Hinjilicut Municipality, Tweeter: Hinjilicutmunicipality
Letter No.3488/2021 Date: 27.10.2021
**Bid Identification No. HIN-MUN-03/2021-22**
No. C-1172: Bid document consisting of work, estimated cost, cost of tender paper, E.M.D., time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. **www.tendersorissa.gov.in**.

| | |
|---|---|
| Total Number of Civil Works (SURE) | 03 Nos. |
| Estimated Cost for Civil works | Approximately Rs.115.00 lakh to Rs.129.00 lakhs |
| Period of availability of tenders online | From 11.00 hrs. of Dt.01.11.2021 to 18.00 hrs. of Dt.16.11.2021 |
| Last date & time of seeking clarification | From 12.00 hrs. of Dt.01.11.2021 to 17.00 hrs. of Dt.05.11.2021 |
| Pre-Bid Meeting | At 11.30 A.M. of Dt.06.11.2021 |
| Uploading of Pre Bid Meeting Proceeding | At 11.30 A.M. of Dt.08.11.2021 |
| Last date & time of bidding Online | 18.00 hrs. of Dt.16.11.2021 |
| Date & time of Opening of Technical Bids | From 11.00 hrs. of Dt.17.11.2021 |
| Opening of Financial Bids | Sahll be intimated to the respective bidders after evaluation of Technical Bid(s) |

OIPR-13105/11/0017/2122 Sd./- Executive Officer, Hinjilicut Municipality

**OFFICE OF THE NOTIFIED AREA COUNCIL, BOUDHGARH** No. C-1170
**"e" Procurement Notice**
**Tender Call Notice No. 4651/NAC/3/2021-22 Date: 28.10.2021**
1. Name of Work : Civil works as mentioned in website.
2. No. of Wroks : 22 Nos. of Civil Works
3. Bid Value : Rs.234471/- to Rs.1783399/-
4. Date and time of availability, received of the bid documents in the portal : From 10.00 A.M. of Dt.30.10.2021 to Dt.07.11.2021 upto 5.00 P.M. only.
5. Bids received online shall be Opened on : Dt.09.11.2021 at 11.00 A.M.
6. Submission of Original documents : On or before 10.00 A.M. of Dt.09.11.2021
7. Name & address of the Officer Inviting Bid : Executive Officer, Boudhgarh NAC

For further details can be seen from the procurement portal: **www.tendersorissa.gov.in.**
OIPR-13155/11/0010/2122 Sd./- Executive Officer, Boudhgarh NAC

GOVERNMENT OF ODISHA No. O-877
**OFFICE OF THE SUPERINTENDING ENGINEER, RWS&S DIVISION, RAYAGADA**
E-mail: eerwssrgd@gmail.com, Phone- 8280408061
**NATIONAL COMPETITIVE BIDDING THROUGH E-Procurement**
**Tender Identification No.04/RWSS/RGD/2021-22**
1) Name of Works : 1) Supplying & Laying of rising main and distribution system pipe line of UPVC/DI/GI, construction of Compound wall RCC OGR/ ESR, SV/NRV Chamber, Air Valve Pillar stand post etc. for different PWS projects & Spring Based Water Supply Projects in Rayagada District.
2) Total Number of Works : 2 Nos. (Detailed list available in the website)
3) Estimated Cost : Rs.52.52 Lakhs to 304.28 Lakhs
4) Class of Contractor : B, A & Special Class
5) Period of completion : 8 months & 11 months respectively

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Water Supply & Sanitation Division, Rayagada | Online Tender/04/RWSS/RGD/2021-22 | 06.11.2021 at 12.00 hours | 29.11.2021 upto 17.00 hours |

N.B.: Further details can be seen from the website: **www.tendersodisha.gov.in**.
OIPR-25007/11/0007/2122 Superintending Engineer, RWS&S Division, Rayagada

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
Bid Identification No.S.E.E.C (R&B) 07/2021-22
**No. 2224 Date: 28.10.2021**
No. B-533: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 01.11.2021 to 5.00 P.M. of 15.11.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11.30 A.M. of 16.11.2021 in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum / Corrigendum, if required, will be available only in the website.
Superintending Engineer
Electrical Circle (R&B), Odisha, BBSR
OIPR-34006/11/0007/2122

**OFFICE OF THE EXECUTIVE ENGINEER, JHARSUGUDA (R&B) DIVISION**
E-mail ID: eepwdjsg2014@gmail.com, Telephone: 06645-271242
Kalimandir Road, Jharsuguda - 768202
No. 4990 Dt.26.10.21
**1st Corrigendum to e-Procurement Notice BID No. EE R&B-JSG-09 of 2021-22**
No. B-530: The e-Procurement Notice BID No. EE R&B-JSG-09 of 2021-22 invited by the Executive Engineer, Jharsuguda (R&B) Division is hereby modified as follows due to some unavoidable circumstances the tender could not be uploaded and the same is hereby extended from **10.00 A.M., 30.10.2021 to 17.00 hours 09.011.2021** and ciritical date hereby modified as **10.00 A.M. 26.10.2021 to 17.00 hours 05.11.2021**.
The Online bid will be opened by the assigned officer in the Office of the Executive Engineer, Jharsuguda (R&B) Division **at 11.30 A.M. on Dt.10.11.2021** in place of **Dt.06.11.2021**.
The bid documents will be available in the website **https://tendersodisha.gov.in**.
All other terms and conditions in DTCN remain unchanged.
Sd./- Executive Engineer
Jharsuguda (R&B) Division
OIPR-34094/11/0013/2122

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
SIDAC
No. PP-65
**TENDER CALL NOTICE**
State Institute for Development of Arts & Crafts (SIDAC) on behalf of Handlooms, Textiless & Handicrafts Department, Govt. of Odisha is going to organise 16th Toshali National Crafts Mela from 15th to 27th December 2021 at Janata Maidan, Bhubaneswar. Sealed Tenders in two bids- "Technical Bid" & "Financial Bid" are invited from reputed firms/decorators having past experiences and expertise to execute similar nature of works like construction of Stalls, Gates, P.H. Works, Electrification works & other services in accordance with detailed design, layout & specifications laid down in the Tender Schedule for package I & package II separately. For details of tender documents, terms & conditions etc. Please visit the websites: **www.sidacodisha.org.in, www.crafts.odisha.gov.in & www.odisha.gov.in/textiles.** For further details contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.
**The authority reserves the right to accept or reject any or all tender without asigning any reason thereof.**
Sd/-
OIPR-03017/11/0005/2122 Member Secretary,SIDAC

**ODISHA LIFT IRRIGATION CORPORATION LTD., BHUBANESWAR**
(A Govt. of Odisha undertaking)
**OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK**
E-Mail: eelidbdk@gmail.com, Phone No. – 06784-240601
**QUOTATION CALL NOTICE NO: 3649/Dt. 27.10.2021**
No. CAD-1648: The Executive Engineer, Lift Irrigation Division, Bhadrak invites Sealed Tenders from reputed registered Service Providers/ Agencies to provide two (02) numbers of Unarmed Security Guards to be engaged at Lift Irrigation Division, Bhadrak as per **Letter No. XEA (Admn) – 25/2019/6274/OLIC dt. 03.09.2021 of E.D (Tech.), OLIC Ltd., Bhubaneswar for a period of 24 months w.e.f dt. 01.11.2021 on outsourcing basis**.
The detailed information for outsourcing the service of aforesaid posts have been given in the tender document which may be obtained in person from the Office of the Executive Engineer, Lift Irrigation Division, Bhadrak on any working days between **11 A.M to 03.00 P.M from 03.11.2021 to dt. 08.11.2021**. The last date and time for submission of tender on the same day i.e., **08.11.2021 by 05.00 P.M**. The bidder will have to pay **Rs.4000/-towards the cost of the bid document as mentioned above in shape of D.D in favour of E.E, L.I Division, Bhadrak** from any Nationalized bank payable at Bhadrak. GST on bid document **@ 5% of tender cost** to be paid by bidder on reverse charge basis in favour of **GSTIN No. 21AAACO5986G1ZF** of OLIC which is mandatory failing which offer of the farm shall liable for rejection.
**The authority reserves the right to accept or reject any or all tenders without assigning any reason thereof.**
Sd./- EXECUTIVE ENGINEER
L.I Division, Bhadrak
OIPR-32239/11/0001/2122

**DIRECTORATE OF TECHNICAL EDUCATION & TRAINING ODISHA, CUTTACK - 753001**
**DIPLOMA ADMISSION - 2021**
**NOTICE FOR DIPLOMA SPOT ADMISSION - 2021**
No. KK-1: Consequent upon the decision of Government in SD & TE Department, Odisha communicated vide Letter No. 4589 Dtd.16.10.2021, the Diploma Spot Admission - 2021 shall be held as per the date line/procedure enumerated in the Standard Operating Procedure (SOP) available in the website **www.samsodisha.gov.in**.
Sd./- Director of Technical Education & Training, Odisha
OIPR-14004/11/0021/2122

ଆ ଇ ନା


ପ୍ରଯୁକ୍ତା
୭ବର୍ଷ

## କହିଲ ଦେଖି

୧)
କି ସୁନ୍ଦର ଆହା ରୂପଟି ତା'ର
ଘିଅ ଓ ତେଲ କରେ ଆହାର
କରିବା ପାଇଁକି ପ୍ରଭୁଙ୍କୁ ପୂଜା
ସେ ପରା ନିଶ୍ଚୟ ହୁଅଇ ଖୋଜା
ତା'ତଳ ସର୍ବଦା ରୁହେ ଅନ୍ଧାର
ଆଲୋକିତ କରେ ଘର ମନ୍ଦିର
ପୂଜା କରୁଥାନ୍ତି ପାଖରେ ରଖି
ନାମଟି ତାହାର କିଏ କହିଲ ଦେଖି।
ଉ- **ଦୀପ**





୨) ବଡ଼ରା ପତରେ ତିଆରି ହୁଏ
ମଝିରେ ତାହାର ବାରୁଦ ଥାଏ
ଗୋଟାଏ କୋଣରେ ସୁତୁଲିଟିଏ
ନିଆଁ ଲଗେଇଲେ ସେ ଫୁଟୁଥାଏ
ବାଣଟିଏ ପରା ଅଟଇ ସେହି
ନାମଟି ତାହାର କିଏ ପାରିବ କହି।
ଉ- **ଡାଲଫୋଟକା**

୩) ନିଜେ ଢାଳୁଥାଏ ଆଖିରୁ ଲୁହ
କହୁଥାଏ ସମସ୍ତେ ଆଲୋକେ ରୁହ
ନିଜ ଲୁହ ପରା ନିଜେ ସେ ପିଏ
ହେଲେ ଦୁନିଆକୁ ଆଲୋକ ଦିଏ।
ଉ- **ମହମବତି**



୪)ସମସ୍ତଙ୍କ ପାଇଁ ଅଟଇ ଗର୍ବ
ନାମଟି ତାହାର ଆଲୋକ ପର୍ବ
ଅମାବାସ୍ୟା ରାତି ଅଟଇ ସିନା
ଆଲୋକିତ ହୁଏ ଜହ୍ନର ବିନା
ତା'ନାମ ଯିଏ ସେ ପାରିବ କହି
ସୁନାପିଲା ନିଶ୍ଚେ ହୋଇବ ସେହି।
ଉ- **ଦୀପାବଳି**



*-ପ୍ରଶାନ୍ତ କୁମାର ନାଥ*
*ସୁନ୍ଦରପୁର, ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର*
*ମୋ-୦୮୮୯୨୩୦୧୧୪୩*


ଦିବ୍ୟଜ୍ୟୋତି
ଶ୍ରୀୟାଶ୍ରୀ

# କେମିତି ପାଳିବେ ଦୀପାବଳି

**ଆଲୋକ ଆଉ ଆନନ୍ଦର ପର୍ବ ଦୀପାବଳି। ହେଲେ ଗତବର୍ଷ ଭଳି ଏବର୍ଷ ମଧ୍ୟ କରୋନା ପାଇଁ କଟକଣା ମଧ୍ୟରେ ପାଳିବାକୁ ହେବ ଏହି ଉତ୍ସବ। ସେଥିଲାଗି ପିଲାମାନେ ଆରମ୍ଭ କରିଛନ୍ତି ପ୍ରସ୍ତୁତି। ମହାମାରୀ ଭୟ ମନରୁ ଲିଭି ନ ଥିବାବେଳେ ଏଥର ଏହି ପର୍ବକୁ କେମିତି ପାଳିବେ ତାକୁ ନେଇ ଉପସ୍ଥାପନା...**

**ଘରେ ପାଳିବୁ:** ଏବର୍ଷ ଦୀପାବଳିରେ ଆମେ ସମସ୍ତେ ଏକାଠି ଘରେ ଦୀପ ଜାଳିବୁ। ଆମ ଘରକୁ ଏଥର ଦୀପାବଳି ପାଇଁ ମୋ ମାମୁଙ୍କ ପୁଅ ସିକୁନ ଭାଇ ଆସିଛି। ଆମେ ସମସ୍ତେ ମିଶି ସକାଳେ ଘର ପାଖ ମନ୍ଦିରକୁ ଯିବୁ। ମାମା ଘରେ ଆରିସା ପିଠା ଆଉ ମିଠା ତିଆରି କରିବେ ବୋଲି କହିଛନ୍ତି। ଘର ଛାତ ଉପରେ ସିକୁନ ଭାଇ ସାଙ୍ଗେ ମୁଁ ଏଥର ଦୀପାବଳି ପାଳନ କରିବି।

*-ଆୟୁଷ ଆରମ୍ଭ ପଟ୍ଟନାୟକ*
*କ୍ଲାସ-୬, ଡିଏଭି ସ୍କୁଲ, ନିରାକାରପୁର, ଖୋର୍ଦ୍ଧା*

**ସାଙ୍ଗମାନଙ୍କ ସହ ମନ୍ଦିର ଯିବି:** ଦୀପାବଳିରେ ଏଥର ସୁନ୍ଦର ଭାବେ ଦୀପ ସବୁ ସଜେଇବି ବୋଲି ମାମାକୁ କହିଚି। ଦୀପ, ସଳିତା ଆଉ ତେଲ କିଣା ସରିଚି। ଆମ ଘର ଚାରିପାଖରେ ଲିଚୁ ଲାଇଟ୍ ବି ଲଗାଯାଇଛି। ଏବେଠୁ ଲାଇଟ୍ ଲଗାସରିଛି। ଦୀପାବଳି ଦିନ ସନ୍ଧ୍ୟାବେଳେ ମାମାଙ୍କ ସହ ମିଶି ରଙ୍ଗୋଲୀ କରିବି। ଆଉ ମୋର ଦି'ଜଣ ସାଙ୍ଗ ଆମ ଘରକୁ ଆସିବେ।

*-ପୁଣ୍ୟାସା ପଟ୍ଟନାୟକ*
*କ୍ଲାସ ୭, ଡିଏଭି ସ୍କୁଲ, ନିରାକାରପୁର, ଖୋର୍ଦ୍ଧା*

**ଏକାଠି ଦୀପ ଲଗାଇବୁ:** ଦୀପାବଳି ଦିନ ଘରେ ପିଠା ହୁଏ ଆଉ ବାବା ସବୁଥର ବଢିଆ ମିଠା ଆଉ ଚକୋଲେଟ୍ ଆଣନ୍ତି। କରୋନା ପାଇଁ ଏବେ ତ ଆଉ କିଛି ବାଣ ଆମ ଘରକୁ ଆସୁନି, କିନ୍ତୁ ଦୀପ ଆଉ ମହମବତି ବହୁତ ସୁନ୍ଦରଭାବେ ସଜାହୋଇ ଲଗାହେବ। ଆମ ଘର ପାଖରେ ମୋର ତିନିଜଣ ସ୍କୁଲ ସାଙ୍ଗ ଅଛନ୍ତି। ସମସ୍ତେ ଆମ ଘରକୁ ଆସିବେ ବୋଲି କହିଛନ୍ତି। ଆମେ ମିଶିକି ଦୀପ ଲଗାଇବୁ। *-ଦିବ୍ୟଜ୍ୟୋତି ପରିଡ଼ା*, କ୍ଲାସ-୨, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରସୁଲଗଡ଼, ଭୁବନେଶ୍ୱର

**ଗାଁକୁ ଯାଇହେବନି:** ଦୀପାବଳିରେ ଏଥର ଗାଁକୁ ଯାଇହେବନି ବୋଲି ମୋର ମନ ଦୁଃଖ। ତା' ଛଡ଼ା ଏଠି ମୋର ସବୁ ସାଙ୍ଗ ବି ଗାଁକୁ ଯାଇଛନ୍ତି। ମୋ ସାନଭାଇ ବି ବହୁତ ଛୋଟ। ହେଲେ ମୋ ପିଇସି ନାନୀ ଓ ତାଙ୍କ ଝିଅ ଆମ ଘରକୁ ଆସିବେ ବୋଲି କହିଛନ୍ତି। ତା' ଛଡା ମୋ ଆଈ ବି ଦୀପାବଳିରେ ଆମ ଘରକୁ ଆସିବ। ସେ ମୋ ପାଇଁ ବହୁତ ଗିଫ୍ଟ ଆଣନ୍ତି। ତେଣୁ ସେମାନଙ୍କ ସହ ମୁଁ ଏଥର ଦୀପାବଳି ପାଳନ କରିବି।

*-ଶ୍ରୀୟାଶ୍ରୀ ମିଶ୍ର,*
କ୍ଲାସ-୩, ବାଙ୍ଗୁରବା ସ୍କୁଲ, ସାକ୍ଷୀଗୋପାଳ, ପୁରୀ

**ଦୀପ ଲଗାଇବୁ:** କରୋନା ପାଇଁ କଟକଣା ଥିବାରୁ ଆମେ ପ୍ରତିବର୍ଷ ପରି ସନ୍ଧ୍ୟା ସମୟରେ ମାଟି ଦୀପରେ ତେଲ ଢାଳି ଘରକୁ ଆଲୋକିତ କରିବୁ। ହେଲେ ଏଥର ବି ଗତବର୍ଷ ଭଳି ବାଣ ଫୁଟା ହେବ ନାହିଁ ତେଣୁ କାଉଁରିଆ କାଠି ଜାଳି ବଡ ବଡୁଆଙ୍କୁ ଡାକିବୁ ଏବଂ ପରିବାର ସହ ମିଶି ଏକାଠି ପିଠା ଓ ମିଠା ଖାଇବୁ। ମାମା ଘରେ ପିଠା ତିଆରି କରିବେ। ଆମେ ଘରେ ସମସ୍ତେ ଏକାଠି ହୋଇ ଖିଆପିଆ କରି ଦୀପ ଜଳାଇ ମଜା ନେବୁ। *-ରୁପାଲୀ ସାହୁ*
*କ୍ଲାସ-୮, ଆଦର୍ଶ ବିଦ୍ୟାଳୟ, ଯୋକିଡୋଳା, ଭାପୁର, ନୟାଗଡ଼*

**ବୃକ୍ଷରୋପଣ କରିବୁ:** କରୋନା କଟକଣା ସବୁ ପୂଜା ପାର୍ବଣକୁ ଫିକା କରିଦେଇଛି। ପରିବେଶ ପ୍ରଦୂଷଣ କମ୍ କରିବା ପାଇଁ ଏଥର ବାଣ ନ ଫୁଟାଇ ସାଙ୍ଗ ହୋଇ ଘରେ ଦୀପ ଜାଳିବାକୁ ସ୍ଥିର କରିଛୁ। ଏହା ସହିତ ଆମେ କେତେଜଣ ସାଙ୍ଗ ମିଶି ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଛୁ। ଏହି କାର୍ଯ୍ୟକ୍ରମରେ ଆମ ମା' ବାପାଙ୍କୁ ମଧ୍ୟ ସାମିଲ କରିବୁ। *-ଇଶାଶ୍ରୀ ସାହୁ*
*କ୍ଲାସ- ୯, ରାୟନ ଇଣ୍ଟର ନ୍ୟାଶନାଲ ସ୍କୁଲ, ଭଟିମୁଣ୍ଡା, କଟକ*

**ନିଃସହାୟଙ୍କୁ ଖାଦ୍ୟ ଦେବୁ:** ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି ଆମେ ଏଥର ଦୀପାବଳି ପାଳନ କରିବୁ। ଆମ ସମସ୍ତଙ୍କର ଖୁସି ଓ ସୁରକ୍ଷାର ସଙ୍କଳ୍ପ ନେଇ ଦୀପଟିଏ ଜାଳିବୁ। ଏହି ଦିନରେ ଗୋଟିଏ ଗୋଟିଏ ଗଛ ଲଗାଇ ଦୀପାବଳି ପାଳନ କରିବୁ। ବାଣ ଓ ଆଲୋକ ସାଜସଜ୍ଜାରେ ଟଙ୍କା ଅପବ୍ୟୟ ନ କରି ସେଦିନ ଆମ ଆଖପାଖରେ ରହୁଥିବା ଗରିବ, ନିଃସହାୟ ବ୍ୟକ୍ତିମାନଙ୍କୁ ସେହି ଅର୍ଥରେ କିଛି ଖାଦ୍ୟ ଜିନିଷ ଦେବା ପାଇଁ ସ୍ଥିର କରିଛି। ବାପା ଓ ମାମା ବି ଏଥିପାଇଁ ମତେ ଅନୁମତି ଦେଇଛନ୍ତି।
*-ବୈଶାଖୀ ସାହୁ*, *କ୍ଲାସ- ୧୦, ଜାଭିୟର ସ୍କୁଲ, ବ୍ରହ୍ମପୁର, ଗଞ୍ଜାମ*


ରୁପାଲୀ | ଆୟୁଷ | ବୈଶାଖୀ -ପିଙ୍କି | ପୁଣ୍ୟାସା | ଇଶାଶ୍ରୀ




### କାର୍ତ୍ତିକ ମାସରେ

ହେମନ୍ତ କାଳରେ ମରତ କୋଳରେ
ରତୁ ଚକ୍ର ତାଳେତାଳେ
କାର୍ତ୍ତିକ ମାସରେ ପଡ଼େ ଦିପାବଳୀ
ନାନା ରଙ୍ଗେ ଦୀପ ଜଳେ।
ଦାମୀ ଦାମୀ ବାଣ ଫୁଟେ ଘନ ଘନ
ଛାତିକି ଥରେଇ ଦିଏ
ଘରେ ଘରେ ପିଠା ପଣାର ଆସର
ମହ ମହ ବାସୁଥାଏ।
ଦୀପାବଳି ନିଶି ଏ ଭାବେ ଆକର୍ଷି
ହସ ଖୁସି ଦିଏ ବାଣ୍ଟି
ପିତୃ, ପୁରୁଷଙ୍କୁ ଡାକିଥାନ୍ତି ଜନେ
ଜାଳି କାଉଁରିଆ କାଠି।

*-ବସନ୍ତ କୁମାର ଦାସ*
*ରମ୍ଭା, ବରି, ଯାଜପୁର*

### ଆଜି ପରା ଦୀପାବଳି

ବେଳ ବୁଡ଼ିଗଲା ଅନ୍ଧାର ଘୋଟିଲା
ଆଈ ମୋ ଛାଡ଼ିଲା ହୁରି
ଦୀପ ଆଲୋକରେ ଦୁଆର ସଜାରେ
ଆଜି ପରା ଦୀପାବଳି।
ପିତୃପୁରୁଷଙ୍କ ଆସିବାର ଦିନ
ପୟାଶ୍ରାଦ୍ଧ ତାଙ୍କୁ ଦିଅ
କାଉଁରିଆ ଜାଳି ଆନ୍ଧାରରେ ଆସି
ଆଲୁଅରେ ଯାଅ କୁହ।
ଦୁଃଖ ଦୁର୍ଦ୍ଦଶାକୁ ନାଶିବା ପାଇଁକି
ମଣ୍ଡପେ ମା' କାଳୀ ଠିଆ
ଭକତି ଭାବନା ଅନ୍ତରରେ ଥୋଇ
ତାଙ୍କ ପାଦେ ନମୁଥା।

*-ରମାକାନ୍ତ ବେହେରା*
*ଭଣ୍ଡାରିପୋଖରୀ, ଭଦ୍ରକ*

### ଆସିଗଲା କାଳୀପୂଜା

ଆସିଗଲା କାଳୀପୂଜା ପଡ଼ିଗଲା ଚହଳ
ଚାହୁଁ ଚାହୁଁ ପୁର ପଲ୍ଲୀ ହେଲା ଭାରି ଗହଳ।
ବରଷକ ପରେ ଆସିଛି ଏ ପରବ
ସବୁରି ଘରେ ଆଜି ପିଠା ପଣା ଦରବ।
ବଡ଼ବଡୁଆଙ୍କୁ ପିଣ୍ଡ ଦେବେ ବାପା ଯତନେ
ଗୋସେଇଁଙ୍କମନ୍ତ୍ର ଶୁଣୁଥିବା ଭାବ ମଗନେ।
ୟୁଆଡ଼େ ଚାହିଁବ ଖାଲି ଦୀପାଳିର ଝଲକ
ଦେଖି ଆଖି ଲାଖି ରହେ ପଡ଼େ ନାହିଁ ପଲକ।
କାଉଁରିଆ ଜାଳିଦେବା ଡାକି ବଡ଼ବଡୁଆ
ଢାଳିଦେବେ ଶୁଭାଶିଷ ତୁଟିଯିବ ଅଡୁଆ।

*-ଚିତ୍ତରଞ୍ଜନ ପଟ୍ଟନାୟକ*
*ନିଗମନିବାସ, ଘୁଟୁକେଶରୀ, ନରଣପୁର, କେନ୍ଦୁଝର*

### ଆଲୋକର ପରବ

ଆସ କୁନାକୁନି ମୋ' ଭଉଣୀଭାଇ
ଜାଳିବା ଆମେ ସଭିଏଁ ମିଳି ଦୀପାଳି
ବରଷକେ ଥରେ ଆସିଛି ଆଜି
ଆଲୋକର ପରବ ଦୀପାବଳି।
କେତେ ରକମର ମିଠା ଯେ ଆଣିବେ
ମୋ' ବାପା ବଜାର ଯାଇ
ମା' ପୁଣି ଗଢ଼ିବେ ଆରିସା, କାକରା
କାଜୁ ବରଫି ଆଉ ଖିରି
ହିନ୍ଦୁ, ମୁସଲିମ୍, ଶିଖ୍, ଇସାଇ
ଆମେ ଯେତେ ଭଉଣୀ ଭାଇ।
ଏକାଠି ମିଶି ଖାଇବା ଭୋଜି
ସବୁ ଭେଦଭାବ ଯିବା ଭୁଲି
ପରିବେଶକୁ କରିବା ସରସ ସୁନ୍ଦର
ଦେବାନି ବେଶି ବାଣ ଫୁଟାଇ
ଘର ଅଗଣାରେ ଦୀପାଳି ଜାଳି
ମୁରୁଜରେ ଦେବା ଘର ସଜାଇ।

*-ମୀରା ବେଉରା*
*ଦେଉଳ ସାହି, ତୁଳସୀପୁର, କଟକ*

### ଖିଲିଖିଲି ହସ

(ବାପା ଆଉ ଭୀମୁ ଭିତରେ କଥାବାର୍ତ୍ତା...)
ବାପା-ଆରେ, ଆଜି ବ୍ରସ୍ ନ କରି କ'ଣ ଖାଇଦେଲୁ।
ଭୀମୁ- ଇଏ କ'ଣ ବାପା! ହାତୀ କ'ଣ କେବେ ବ୍ରସ୍ କରେ। ସିଏ ତ ପୁଣି ବଂଚିଛି କି ନାଇଁ।
କିଛି ସମୟ ପରେ...
ଭୀମୁ-ବାପା! ଫୋନ୍‌ଟା ଦେଲ....ଟିକେ ଗେମ୍ ଖେଳିଦେବା, ଭାରି ବୋରିଂ ଲାଗିଲାଣି।
ବାପା-କାହିଁ! ହାତୀ କ'ଣ କେବେ ବୋରିଂ ହୁଏ ନା ଫୋନ୍‌ରେ ଗେମ୍ ଖେଳେ। ସିଏ ତ ପୁଣି ବଂଚିଛି କି ନାଇଁ। ତୁ ସେମିତି ରହ...

(ବାପା ଓ ପୁଅ ମଧ୍ୟରେ କଥାବାର୍ତ୍ତା...)
ବାପା-ଆଜି ପରା ତୋର ରେଜଲ୍ଟ ବାହାରିଲା। କ'ଣ ହେଇଛି?
ପୁଅ(ହସି ହସି)-କ'ଣ ଆଉ ହେବ? ଯାହା ସବୁବେଳେ ହୁଏ। ଏଥର ପୁଣି ଫେଲ୍ ହୋଇଯାଇଛି।
ବାପା-ଫେଲ୍ ହୋଇଛୁ, ସେଥିରେ ପୁଣି ହସୁଛୁ। ଲାଜ ଲାଗୁନି।
ପୁଅ-ମୁଁ ମୋ ଫେଲ୍ ପାଇଁ ହସୁନି ବାପା। ମୁଁ ତ ଭାବୁଚି ମୋ ପାଖ ପିଲା କଥା। ବିଚରା ତା ଅବସ୍ଥା କ'ଣ ହେଇଥିବ?

### ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ଛୋଟ ଏବଂ ବେଶ୍ ଆକର୍ଷଣୀୟ ହୋଇଥିଲା।
*-ରବିନ୍ଦ୍ର କୁମାର ମଲ୍ଲିକ, ଯାଜପୁର*
➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି।
*-ଶ୍ୱେତପଦ୍ମା ମହାନ୍ତି, ପୁରୀ*
➤ତୁମ ତୂଳୀ ସ୍ତମ୍ଭରେ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା।
*-ଇତିଶ୍ରୀ ପଣ୍ଡା, କୋରାପୁଟ*

### ଟଗଲା ଭୀମୁ





ଦେବାଂଶୁ ଆଚାର୍ଯ୍ୟ
କ୍ଲାସ-୨, ବିବିଆଇଟି ପବ୍ଲିକ ସ୍କୁଲ, ବୁଗିବୁଗି, କୋଲକାତା







ଶ୍ରୀଜିତ୍ ଶ୍ରୀରାଜ ମିଶ୍ର
କ୍ଲାସ-୩, ମଡେଲ ସ୍କୁଲ, ଆବୁଧାବି, ୟୁଏଇ


ଆଦିତି ପୃଷ୍ଟି
କ୍ଲାସ-୮, କେନ୍ଦ୍ରୀୟ ବିଦ୍ୟାଳୟ, ନୀଳାଦ୍ରି ବିହାର, ଭୁବନେଶ୍ୱର






ଖ୍ରୀସା ମହାନ୍ତି
କ୍ଲାସ-୫, ଡିଏଭି ପବ୍ଲିକ ସ୍କୁଲ, ନିମାପଡା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଅକ୍ଟୋବର ୩୦/୨୦୨୧ Dhenkanal, Saturday, October 30/ 2021

# ‘ଓଡ଼ିଶାକୁ ଗର୍ବିତ କରିବା ସ୍ୱପ୍ନ ସାକାର’

**ଟୋକିଓ ପାରାଲିମ୍ପିକ୍ସର ବ୍ୟାଡ୍‌ମିଣ୍ଟନ ଏସ୍‌ଏଲ୩ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିଥିବା ଓଡ଼ିଶାର ପ୍ରମୋଦ ଭଗତଙ୍କ ନାମ ଦେଶର ସର୍ବୋଚ୍ଚ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ ହୋଇଛି। ଜାତୀୟ ଚୟନ କମିଟିର ସୁପାରିସ ଉପରେ କ୍ରୀଡ଼ା ମନ୍ତ୍ରଣାଳୟର ଆନୁଷ୍ଠାନିକ ମୋହର ବାଜିଲେ ରାଜ୍ୟର ପ୍ରଥମ ଖେଳାଳିଭାବେ ଖେଳରତ୍ନ ପୁରସ୍କାରରେ ସମ୍ମାନିତ ହେବେ ପ୍ରମୋଦ। ଓଡ଼ିଶାକୁ ଗର୍ବିତ କରିବାକୁ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହେବାକୁ ଯାଉଛି। ରାଜ୍ୟବାସୀଙ୍କ ଭଲପାଇବାକୁ ଭୁଲି ପାରୁ ନ ଥିବା ଏହି ପାରା ସ୍ପୋର୍ଟ୍ସ ତାରକା ଏବେ ମଧ୍ୟ ସଫଳତା ପାଇଁ ଭୋକିଲା ଅଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିବା ତାଙ୍କର ଲକ୍ଷ୍ୟ ବୋଲି ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି ପ୍ରମୋଦ।**



**● ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଖେଳରତ୍ନ ପାଇଁ ଆପଣଙ୍କ ନାମ ସୁପାରିସ ହୋଇଛି। ପ୍ରଥମ ଓଡ଼ିଆ ଭାବେ ଆପଣ ଏହି ପୁରସ୍କାର ପାଇବା ସମ୍ଭାବନା ସୃଷ୍ଟି ହୋଇଛି। କ’ଣ କହିବେ ?**

▶ମୁଁ ଏଥିରେ ବହୁତ ଖୁସି। ମୋ ପାଇଁ ଓଡ଼ିଶା ଗର୍ବିତ କଥା ଭାବିଲା ବେଳକୁ ଖୁସିରେ ଛାତି କୁଣ୍ଢେମୋଟ ହୋଇଯାଉଛି। ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମୋତେ ପ୍ରୋତ୍ସାହିତ କରିବ। ଅନ୍ୟ ଖେଳାଳିମାନେ ମଧ୍ୟ ପ୍ରେରିତ ହେବେ। ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟ ମୋର ସ୍ୱପ୍ନ ଥିଲା, ତାହା ସାକାର ହୋଇଛି। ଖେଳରତ୍ନ ପୁରସ୍କାର ନିଶ୍ଚିତ ଗର୍ବର କଥା। ତେବେ ମୋତେ ବହୁତ ଆଗକୁ ଯିବାର ଅଛି। ଶ୍ରେଷ୍ଠ ପ୍ରଦର୍ଶନ କରି ଓଡ଼ିଶାର ନାଁକୁ ଦେଶ ବିଦେଶରେ ବିକଶିତ କରିବା ମୋର ଲକ୍ଷ୍ୟ।

**● ଏତେବଡ଼ ସମ୍ମାନର ଶ୍ରେୟ ଆପଣ କାହାକୁ ଦେବାକୁ ଚାହିଁବେ।**

▶ମୋ ପରିବାର, କୋଚ୍, ଗାଁର ଲୋକମାନେ, ଓଡ଼ିଶା ଏବଂ ଭାରତ ସରକାରଙ୍କୁ ମୁଁ ଏହାର ଶ୍ରେୟ ଦେବାକୁ ଚାହିଁବି। ଓଡ଼ିଶାବାସୀଙ୍କ ଭଲ ପାଇବା ଯୋଗୁ ଏହା ସମ୍ଭବ ହୋଇ ପାରିଛି। ମୋ ଗାଁ ଲୋକମାନେ ମଧ୍ୟ ବହୁତ ସାହାଯ୍ୟ କରିଛନ୍ତି। ତାହା କେବେ ଭୁଲି ହେବନି।

**● ଆଗକୁ କ’ଣ ଟୁର୍ନାମେଣ୍ଟ ଅଛି ? ଏଥିପାଇଁ କିପରି ପ୍ରସ୍ତୁତି ଚାଲିଛି।**

▶୨୦୨୨ରେ ଏସିଆନ ଗେମ୍ସ ହେବ। ୨୦୧୮ ଏସିଆନ ପାରା ଗେମ୍ସରେ ମୁଁ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଥିଲି। ସେହି ପ୍ରଦର୍ଶନ ଦୋହରାଇ ମୁଁ ରାଜ୍ୟ ଓ ଦେଶକୁ ଗର୍ବିତ କରିବାକୁ ଚାହେଁ। ତା’ ପୂର୍ବରୁ କେତେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଅଛି। ନଭେମ୍ବର ୧୫ରୁ ଆରମ୍ଭ ହେବାକୁ ଯାଉଥିବା ଉଗାଣ୍ଡା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପାଇଁ ମୁଁ ଟ୍ରେନିଂ ଆରମ୍ଭ କରିଛି।

**● ୨୦୨୪ ପାରାଲିମ୍ପିକ୍ସ ପାଇଁ କ’ଣ ଟାର୍ଗେଟ ରହିବ ?**

▶ଟୋକିଓ ପରି ୨୦୨୪ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ମିକ୍ସଡ ଡବଲ୍ସ ଓ ପୁରୁଷ ଡବଲ୍ସରେ ପଦକ ଆସିପାରିଲେ ନିଶ୍ଚିତ ଅଧିକ ଖୁସି ହେବି। ଆଗାମୀ ଦିନରେ ବଡ଼ ଇଭେଣ୍ଟଗୁଡ଼ିକରେ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିବା ମୋର ମୁଖ୍ୟ ଲକ୍ଷ୍ୟ।

**● ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ପରେ ଦେଶ ଏବଂ ରାଜ୍ୟରେ ହୋଇଥିବା ସ୍ୱାଗତ କିପରି ଥିଲା?**

▶ଏହା ଅତ୍ୟନ୍ତ ସ୍ମରଣୀୟ। ରାଜ୍ୟବାସୀ ମୋତେ ଏତେ ଭଲପାଆନ୍ତି ବୋଲି ପ୍ରଥମଥର ପାଇଁ ଅନୁଭବ ହେଲା। ଲୋକଙ୍କ ସ୍ନେହ, ପ୍ରେମରେ ମୁଁ ଅତ୍ୟନ୍ତ ଅଭିଭୂତ। ଏହା ମୋତେ ଆଗାମୀ ପାରାଲିମ୍ପିକ୍ସରେ ଭଲ ପ୍ରଦର୍ଶନ ପାଇଁ ଅଧିକ ଉତ୍ସାହିତ କରିବ।

**● ଟୋକିଓରେ ସ୍ୱର୍ଣ୍ଣିମ ସଫଳତା ପରେ ଆପଣଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ, ସମ୍ମାନିତ କରାଯାଇଥିଲା। ଆଦର୍ଶ ଖେଳାଳି ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ସାକ୍ଷାତ ସୁଯୋଗ ପାଇଥିଲେ। ସବୁଠାରୁ ସ୍ମରଣୀୟ କ’ଣ ଥିଲା।**

▶ଆଇକନିକ୍ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ସହ ସାକ୍ଷାତ ମୋ ପାଇଁ ସବୁଠାରୁ ସ୍ମରଣୀୟ। ଏହାକୁ ଜୀବନରେ କେବେ ବି ଭୁଲିବି ନାହିଁ। ପିଲାଦିନରୁ ତାଙ୍କୁ ଆଦର୍ଶ କରି ଖେଳୁଥିଲି। କେବେ ଦେଖାପାଇବି ବୋଲି ମନରେ ଉତ୍କଣ୍ଠା ଥିଲା। ଆଗାମୀ ଦିନରେ କିପରି ଥଣ୍ଡା ମିଜାଜରେ ଖେଳିବାକୁ ହେବ ସେ ନେଇ ସଚିନଙ୍କ ପରାମର୍ଶ ମୋ ପାଇଁ ବହୁ ଉପାଦେୟ। ସେ ମୋତେ ଅନେକ କିଛି ଉପଦେଶ ଦେଇଛନ୍ତି, ଯାହାକି ଅଭୁଲା ରହିବ।

**● ସଫଳତାର ଶୀର୍ଷରେ ପହଞ୍ଚିଥିଲେ ବି କ୍ୟାରିୟର ଆରମ୍ଭ କଥା ମନେପଡ଼ିଲେ କିପରି ଲାଗେ।**

▶ସୁଖକୁ ଭୁଲିହୁଏ, ମାତ୍ର ଦୁଃଖକୁ କେବେ ଭୁଲି ହୁଏନି। କ୍ୟାରିୟର ଆରମ୍ଭରେ ମୁଁ ଅନେକ ସଂଘର୍ଷ କରିଥିଲି। ଅନେକ କଥା ଶୁଣିବାକୁ ମିଳିଥିଲେ ହେଁ ମୁଁ କଠିନ ପରିଶ୍ରମ କରି ଆଗକୁ ବଢ଼ିଥିଲି। ତା’ର ଫଳସ୍ୱରୂପ ଆଜି ଏଠାରେ ପହଞ୍ଚି ପାରିଛି। ଖେଳ ଜୀବନ ଆରମ୍ଭର କଥା ମୋର ସବୁବେଳେ ମନେପଡ଼େ। ଏହା ଜୀବନର ଏକ ଅଂଶବିଶେଷ ଏବଂ ଅଭୁଲା ସ୍ମୃତି।

**-ପ୍ରସ୍ତୁତି: ତପନ ସ୍ୱାଇଁ**

## ସଂକ୍ଷେପରେ..

**ନାମ:** ପ୍ରମୋଦ ଭଗତ
**ଜନ୍ମ:** ୧୯୮୮ ଏପ୍ରିଲ ୪
**ଜନ୍ମସ୍ଥାନ:** ଅତାବିରା, ବରଗଡ଼
**ପରିବାର:** ମା-କୁସୁମ ଦେବୀ, ଭାଇ-ଅମୋଦ ଭଗତ, ଶେଖର ଭଗତ, ୩ ଭଉଣୀ-ସାରିକା, ଚନ୍ଦନ ଓ ଗୌରୀ। (୨୦୦୬ରେ ବାପା କୈଳାସ ଭଗତଙ୍କ ପରଲୋକ ଘଟିଛି)।
**ଟାଇପ୍ ଅଫ୍ ପ୍ଲେୟର:** ଏସ୍‌ଏଲ୍(ଷ୍ଟାଣ୍ଡିଂ ଲୋୟର)-୩
**ଟାଇପ୍ ଅଫ୍ ଡିଜାବିଲିଟି:** ଅର୍ଥୋପେଡିକ୍ ପୋଲିଓ
**୨୦୦୨:** ବ୍ୟାଡ୍‌ମିଣ୍ଟନ କ୍ୟାରିୟର ଆରମ୍ଭ
**୨୦୦୬:** ଜାତୀୟ ପଦାର୍ପଣ(ଅଲ୍‌ଇଣ୍ଡିଆ ସୁପରସିକ୍ସ)
**୨୦୦୬:** ଅନ୍ତର୍ଜାତୀୟ ପଦାର୍ପଣ (ମାଲେସିଆ ପାରା ବ୍ୟାଡ୍‌ମିଣ୍ଟନ)
**ଡବଲ୍ସ ପାର୍ଟନର:** ମନୋଜ ସରକାର
**କୋଚ୍:** ଶିବପ୍ରସାଦ ଦାସ, ଗୌରବ ଖାନ୍ନା
**ବିଶ୍ୱ ର୍‍ୟାଙ୍କିଙ୍ଗ:** ପୁରୁଷ ଏସ୍‌ଏଲ୍-୩ କାଟେଗୋରିର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ନମ୍ବରଓ୍ୱାନ
**୨୦୧୯ ମାର୍ଚ୍ଚ:** ଟୋକିଓ ଅଲିମ୍ପିକ୍ସ ପାଇଁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍(ଟପ୍ସ)ରେ ସାମିଲ।
**ସମ୍ମାନ:** ଅର୍ଜୁନ ପୁରସ୍କାର, ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର(୨୦୧୯)

# ପ୍ରି-କ୍ୱାର୍ଟରରେ ଆକାଶ



ଜର୍ମାନୀର ଡାନିଲ କ୍ରୋଟରଙ୍କୁ ପଞ୍ଚ୍ ମାରୁଛନ୍ତି ଭାରତର ଆକାଶ ସାଙ୍ଗଓ୍ୱାନ (ଡାହାଣ)।

**ବେଲଗ୍ରେଡ୍, ୨୯।୧୦ (ପି.ଟି.):** ଭାରତୀୟ ବକ୍ସର ଆକାଶ କୁମାର (୫୪କେଜି) ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନ (ଆଇବା) ପୁରୁଷ ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଜର୍ମାନ ପ୍ରତିଦ୍ୱନ୍ଦ୍ୱୀ ଓମାର ସାଲା ଇବ୍ରାହିମ୍ ଅସୁସ୍ଥ ହୋପଡ଼ିବାରୁ ସେ ଓ୍ୱାକଓଭର ପାଇଥିଲେ। ପ୍ରି-କ୍ୱାର୍ଟରରେ ଆକାଶ ପୁର୍ତ୍ତୋରିକୋର ପାଗାନ କାଲେବଙ୍କ ସହ ମୁକାବିଲା କରିବେ। ଏସିଆନ ଚାମ୍ପିୟନ ସଞ୍ଜିତ୍ (୯୨କେଜି) ମଧ୍ୟ ପ୍ରି-କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ସେ ରୁଷିଆର ଆନ୍ଦ୍ରେଇ ସ୍ତୋଟ୍‌ସ୍କିଙ୍କୁ ହରାଇ ଦେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଆକାଶ ସାଙ୍ଗଓ୍ୱାନ (୬୭ କେଜି) ଜର୍ମାନୀର ଡାନିଲ କ୍ରୋଟରଙ୍କ ବିପକ୍ଷରେ ୪-୧ରେ ବିଜୟ ଲାଭ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ୨୧ବର୍ଷୀୟ ଏହି ବକ୍ସର କ୍ୟୁବା ବକ୍ସର କେଭିନ୍ ବ୍ରାଉନ୍‌ଙ୍କୁ ଭେଟିବେ। ଶନିବାର ୫ଥର ପଦକ ବିଜେତା ଶିବ ଥାପା (୬୩.୫କେଜି)ଙ୍କ ସହିତ ଅନ୍ୟ ୩ ଜଣଙ୍କର ଆକ୍ସନ ଦେଖିବାକୁ ମିଳିବ। ଥାପା ସିଆରାଲିଓନର ଜନ ବ୍ରାଉନ୍‌ଙ୍କୁ ଭେଟିବେ। ସୁମିତ (୭୫କେଜି) ତାଜିକିସ୍ତାନର ଅବ୍‌ଦୁମାଲିକ ବୋଲ୍‌ତେଭ୍‌ଙ୍କୁ, ସଚିନ(୮୦କେଜି) ଆମେରିକାର ରୋବି ଗୋଞ୍ଜେଲ୍ସଙ୍କୁ ଭେଟିବେ। ଅନ୍ୟପକ୍ଷରେ ଗୋବିନ୍ଦ ସାହାଣୀ (୪୮କେଜି) ପ୍ରି-କ୍ୱାର୍ଟରରେ ଜର୍ଜିଆର ସଖିଲ ଅଲଖଭରଦୋବୀଙ୍କୁ ଭେଟିବେ। ଚାମ୍ପିୟନଶିପ୍ ପାଇଁ ମୋଟ ପୁରସ୍କାର ରାଶି ୨.୬ ନିୟୁତ ଡଲାର ରଖାଯାଇଛି। ସ୍ୱର୍ଣ୍ଣ ବିଜେତାଙ୍କ ଲାଗି ୧,୦୦,୦୦୦ ଆମେରିକୀୟ ଡଲାର, ରୌପ୍ୟ ବିଜେତା ୫୦,୦୦୦ ଡଲାର ଏବଂ ବ୍ରୋଞ୍ଜ ବିଜେତାଙ୍କ ପାଇଁ ୨୫,୦୦୦ ଡଲାର ଆର୍ଥିକ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଭାରତର ବିଭିନ୍ନ ଓଜନ ବର୍ଗର ଜାତୀୟ ଚାମ୍ପିୟନ ଏହି ଚାମ୍ପିୟନଶିପ୍‌ରେ ଭାଗ ନେଇଛନ୍ତି।

# ଡିକକ୍‌ଙ୍କ ଉପରେ ନଜର

**ଶାରଜା,୨୯।୧୦**

ଟି୨୦ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାୟରେ ଗ୍ରୁପ୍-୧ର ଅନ୍ୟ ଏକ ମୁକାବିଲାରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ପରସ୍ପରକୁ ଶନିବାର ଭେଟିବେ। ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ୍ ଜିତି ୨ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ତେଣୁ ସେମିଫାଇନାଲ ଦୌଡ଼ରେ ରହିବାକୁ ହେଲେ ଉଭୟ ଦଳକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ନିହାତି ଜରୁରୀ ହୋଇପଡିଛି। ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ବର୍ଣ୍ଣବୈଷମ୍ୟ ବିରୋଧରେ ଆନ୍ଦୋଳନକୁ ସମର୍ଥନ ନ କରି ଆଣ୍ଠୁମାଡି ବସିବାକୁ ମନା କରିଥିବା ଦକ୍ଷିଣ ଆଫ୍ରିକା ଓପନର କ୍ୱିଣ୍ଟନ ଡିକକ୍ ବିବାଦ ସୃଷ୍ଟି କରିଥିଲେ। ତେବେ ସେ ବର୍ତ୍ତମାନ ନିଜର ଆଭିମୁଖ୍ୟ ବଦଳାଇଛନ୍ତି ଓ ଯଦି ଏହା ଅନ୍ୟମାନଙ୍କୁ ସଚେତନ କରିବ ତେବେ ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ରାଜି ଅଛି ବୋଲି ସେ କହିଛନ୍ତି। ତେଣୁ ସେ ଏହି ମ୍ୟାଚ୍ ଖେଳିବେ ଓ ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି।



ଅଭ୍ୟାସ ସେସନରେ କାଗିଶୋ ରାବାଡ଼ା।

ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ମ୍ୟାଚ୍‌ରେ ଓ୍ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ପରାସ୍ତ କରିଥିଲା। ତେବେ ପ୍ରଥମ ମୁକାବିଲାରେ ଅଷ୍ଟ୍ରେଲିଆଠାରୁ ୫ ଉଇକେଟରେ ପରାସ୍ତ ହୋଇଥିଲା। ଅନ୍ୟପଟେ ଶ୍ରୀଲଙ୍କା ତା’ର ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ୭ ଉଇକେଟରେ ପରାସ୍ତ ହୋଇଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ୫ ଉଇକେଟରେ ବାଂଲାଦେଶକୁ ହରାଇଥିଲା। ଟେମ୍ବା ବଭୁମା ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବାରେ ସଫଳ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଦଳରେ ରିଜା ହେଣ୍ଡ୍ରିକ୍ସ, ରାସି ଭାନ ଡେର ଡୁସେନ, ଏଡେନ ମାରକ୍ରାମ ଓ ଡେଭିଡ୍ ମିଲରଙ୍କ ଭଳି ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ ରହିଛନ୍ତି।

## ୭୬୩ ଦିନ ପରେ ଖେଳିବ ଅଷ୍ଟ୍ରେଲିଆ ଫୁଟ୍‌ବଲ ଦଳ

**ସିଡ୍‌ନୀ, ୨୯।୧୦ (ଏପି):** କୋଭିଡ୍ ଯୋଗୁ ପ୍ରାୟ ୨ ବର୍ଷ ପରେ ଅର୍ଥାତ ୭୬୩ ଦିନ ପରେ ଅଷ୍ଟ୍ରେଲିଆ ପୁରୁଷ ଫୁଟ୍‌ବଲ ଦଳ ନିଜ ଦେଶରେ ଏକ ମ୍ୟାଚ୍ ଖେଳିବ। ନଭେମ୍ବର ୧୧ରେ ସୌଦିଆରବ ବିପକ୍ଷରେ ଦଳ ଏକ ବିଶ୍ୱକପ୍ କ୍ୱାଲିଫାୟର ଖେଳିବ। ମ୍ୟାଚଟି ପାରାମାଟାସ୍ଥିତ ଓ୍ୱେଷ୍ଟର୍ନ ସିଡ୍‌ନୀ ଷ୍ଟାଡିୟମରେ ଏହି ମ୍ୟାଚ ଖେଳିବ। ଷ୍ଟାଡିୟମ କ୍ଷମତାର ୭୫% ଅର୍ଥାତ୍ ପ୍ରାୟ ୨୨,୦୦୦ ଦର୍ଶକଙ୍କୁ ମ୍ୟାଚ ଦେଖିବା ଲାଗି ଅନୁମତି ଦିଆଯାଇଛି। ଶୁକ୍ରବାର ଫୁଟ୍‌ବଲ ଅଷ୍ଟ୍ରେଲିଆ ପକ୍ଷରୁ ଏହା ସ୍ପଷ୍ଟ କରିଦିଆଯାଇଛି। ୨୦୧୯ ଅକ୍ଟୋବର ୧୦ କାନବେରାଠାରେ ନେପାଳ ବିପକ୍ଷ ମ୍ୟାଚ ପରେ ଅଷ୍ଟ୍ରେଲିଆର ନିଜ ଦେଶରେ ଏହା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ। ସେତେବେଳେ ଗ୍ରାହମ ଆର୍ନୋଲ୍ଡ ଅଷ୍ଟ୍ରେଲିଆ ଫୁଟ୍‌ବଲ ଦଳର କୋଚ ଥିଲେ। ଏହି ମ୍ୟାଚ ଖେଳାଯିବାର ୪ ମାସ ପରେ କୋଭିଡ୍ ମହାମାରୀ ଦେଖା ଦେଇଥିଲା। ଅଷ୍ଟ୍ରେଲିଆ ବର୍ତ୍ତମାନ ପଏଣ୍ଟ ଟେବୁଲରେ ଗ୍ରୁପ୍ ବି’ରେ ସୌଦି ଆରବ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି।

# ଇଂଲଣ୍ଡ-ଅଷ୍ଟ୍ରେଲିଆ ଲଢ଼େଇ ଆଜି

**ଦୁବାଇ,୨୯।୧୦**

ଚଳିତ ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଶନିବାର ପରସ୍ପରକୁ ଭେଟିବେ। ସୁପର ୧୨ ପର୍ଯ୍ୟାୟରେ ଗ୍ରୁପ୍-୧ର ଏହି ମୁକାବିଲାରେ ଟାଇଟଲ ଫେଭରାଇଟ୍ ପ୍ରଥମଥର ପାଇଁ ବଡ଼ ପରୀକ୍ଷାର ସମ୍ମୁଖୀନ ହେବ। ଇଂଲଣ୍ଡ ଆରମ୍ଭରୁ ଫେଭରାଇଟ୍ ବିବେଚିତ ହେଉଥିବା ବେଳେ ଅଷ୍ଟ୍ରେଲିଆ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଟାଇଟଲ ଦୌଡ଼ରେ ସାମିଲ ହୋଇଛି। ଉଭୟ ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇ ୪ ଲେଖାଏ ପଏଣ୍ଟ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ୫ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଥିଲା। ଅନ୍ୟପଟେ ଇଂଲଣ୍ଡ ପ୍ରଥମ ମ୍ୟାଚ୍‌ରେ ଓ୍ୱେଷ୍ଟଇଣ୍ଡିଜକୁ ୬ ଉଇକେଟରେ ଓ ପରେ ବାଂଲାଦେଶକୁ ୮ ଉଇକେଟରେ ପରାସ୍ତ କରିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ଲୋ ସ୍କୋରିଂ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ବ୍ୟାଟିଂ ଆଶାନୁରୂପ ହୋଇପାରିନାହିଁ। ତେବେ ଶ୍ରୀଲଙ୍କା ବିପକ୍ଷରେ ଦଳ ରନ ଚେଜ୍ କରିବାରେ ସଫଳ ହୋଇଥିଲା। ଅଭିଜ୍ଞ ଓପନର ଡେଭିଡ ଓ୍ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍ ଯଥାକ୍ରମେ ୬୫ ଓ ୩୭ ରନକରି ଫର୍ମକୁ ଫେରିଛନ୍ତି। ବୋଲିଂରେ ଜୋଶ ହାଜେଲଉଡ, ମିଚେଲ ଷ୍ଟାର୍କ ଓ ପ୍ୟାଟ କୁମିନ୍ସ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ଲେଗ୍ ସ୍ପିନର ଆଡାମ ଜାମ୍ପା ମଧ୍ୟ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ତେବେ ବୋଲିଂରେ ଗ୍ଲେନ ମ୍ୟାକ୍ସଓ୍ୱେଲ ଓ ମାର୍କସ ଷ୍ଟୋଇନିସ୍ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଅପରପକ୍ଷରେ ଇଂଲଣ୍ଡ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଓ୍ୱେଷ୍ଟଇଣ୍ଡିଜ ଓ ବାଂଲାଦେଶକୁ ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଏହି ମ୍ୟାଚ୍‌ର ବିଜୟୀ ଦଳ ସେମିଫାଇନାଲରେ ସ୍ଥାନ ଏକପ୍ରକାର ପକ୍କା କରିବ।



ଇଂଲଣ୍ଡ ଦଳର ଅଭ୍ୟାସ ଅବସରରେ ଜୋଶ ବଟଲର ଓ କ୍ରିସ୍ ଓ୍ୱକ୍ସ।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ମୋଇନ ଅଲି, ଜୋନାଥନ ବେୟାରଷ୍ଟୋ, ସାମ ବିଲିଙ୍ଗ୍ସ, ଜୋସ ବଟଲର, ଟମ କୁରାନ, କ୍ରିସ ଜୋର୍ଡାନ, ଲିଅମ ଲିଭିଂଷ୍ଟୋନ, ଡେଓ୍ୱିଡ ମଲନ, ଟିମାଲ ମିଲ୍ସ, ଆଦିଲ ରସିଦ, ଜାସନ ରଏ, ଡେଭିଡ ଓ୍ୱିଲି, କ୍ରିସ୍ ଓ୍ୱକ୍ସ ଓ ମାର୍କ ଉଡ୍।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ପ୍ୟାଟ କୁମିନ୍ସ (ଉପ- ଅଧିନାୟକ), ଆଷ୍ଟନ ଅଗର, ଜୋଶ ହାଜେଲଉଡ, ଜୋଶ ଇଙ୍ଗ୍ଲିଶ, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସଓ୍ୱେଲ, କେନ ରିଚାର୍ଡସନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ, ମିଚେଲ ସ୍ୱେପଶନ, ମାଥ୍ୟୁ ଓ୍ୱେଡ, ଡେଭିଡ୍ ଓ୍ୱାର୍ନର ଓ ଆଡାମ ଜାମ୍ପା।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ୨୭ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଅବସରରେ ଅଂଶଗ୍ରହଣକାରୀ ଖେଳାଳିମାନେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ